# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

www.janabartta.com Weekly (ସାପ୍ତାହିକ) PRGI NO-ORORI/26/A0341

| VOL-1 | ISSUE-8 | BHUBANESWAR | April 12 to 18 April, 2026 | Rs--8/- | ବର୍ଷ-୧ | ସଂଖ୍ୟା-୮ | ଭୁବନେଶ୍ୱର | ଅପ୍ରେଲ ୧୨ ରୁ ଅପ୍ରେଲ ୧୮, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା |
|---|---|---|---|---|---|---|---|---|---|---|



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE BACK COVER | RS. 80,000.00 |
| FULL PAGE FRONT INNER | RS. 80,000.00 |
| HALF PAGE FRONT/BACK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


## ବିଶ୍ୱ ଛେନାପୋଡ଼ ଦିବସ

ଭୁବନେଶ୍ୱର, ୧୧/୦୪ (ଜେଏନଏସ) : ଆଜି ବିଶ୍ୱ ଛେନାପୋଡ଼ ଦିବସ । ନୟାଗଡ ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ଜନ୍ମ ଦିନକୁ ବିଶ୍ୱ ଛେନା ପୋଡ ଦିବସ ଭାବେ ପାଳନ କରାଯାଉଛି । କେବଳ ନୟାଗଡ଼ ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନ, ଭାରତ ଏବଂ ଭାରତ ବାହାରେ ଏହି ଦିବସକୁ ଆଜି ଧୁମଧାମରେ ପାଳନ କରାଯାଉଛି । ତେବେ ଛେନା ପୋଡକୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଦାବି କରାଯାଉଥିଲେ ମଧ୍ୟ ଏଥିରେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ନୟାଗଡ଼ ଛେନାପୋଡ ଏକ ସୁସ୍ୱାଦୁ ମିଠା । ପ୍ରତ୍ୟେକ ଦିନ ଏଠାରୁ ଶହଶହ କ୍ୱିଣ୍ଟାଲ୍ ଛେନା ପୋଡ ରାଜ୍ୟର ବିଭିନ୍ନ ସହର ଏବଂ ରାଜ୍ୟ ବାହାରକୁ ପଠାଯାଇଥାଏ । ୨୦୨୨ ମସିହାରୁ ଏହି ଦିବସକୁ ସରକାରୀ ଭାବେ ପାଳନ କରାଯାଉଥିଲେ ମଧ୍ୟ ସ୍ରଷ୍ଟାଙ୍କ ନାଁ ଏବଂ ତାରିଖ ବିବାଦକୁ କେନ୍ଦ୍ର କରି ଗତ ୨ ବର୍ଷ ହେଲା ଏହା ବନ୍ଦ ରହିଛି । ଏହି ଅବସରରେ ଭୁବନେଶ୍ୱର ରାମ ମନ୍ଦିର ଛକରୁ ଲୋୟର ପିଏମଜି ଯାଏ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ।

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଗତ ସପ୍ତାହରେ ଆମେ ଆଲୋଚନା କରିଥିଲେ ରାଜନୀତିରେ ନୈତିକ ଅଧୋଗତି ବିଷୟରେ । ଅନେକ ଲୋକ ଚିନ୍ତା କରନ୍ତି ଯେ, ରାଜନୀତିରେ ନୀତି ବିଷୟରେ ଆଲୋଚନା କରିବା ହେଉଛି ମରୁଭୂମିରେ ଜଳ ଅନ୍ୱେଷଣ ପରି । ରାଜନୀତି ଯେ ସମସ୍ତ ସାମାଜିକ ନୀତିର ଶୀର୍ଷରେ ଓ ସେଥିପାଇଁ ତାହାକୁ ରାଜ ବା ଶ୍ରେଷ୍ଠ ନୀତି କୁହାଯାଇଛି, ତାହା ଅନେକ ବ୍ୟକ୍ତି ପାସୋରି ଗଲେଣି । ସେମାନଙ୍କ ମଧ୍ୟରେ ରାଜନେତା ମାନେ ମଧ୍ୟ ଅଛନ୍ତି । ତେବେ ମରୁଭୂମିରେ ଯେପରି ଜଳ ମିଳିବା କଷ୍ଟ ହୋଇପାରେ କିନ୍ତୁ ଅସମ୍ଭବ ନୁହେଁ, ସେହିପରି ରାଜନୀତିରେ ନୀତି ପାଇବା ଦୁରୁହ ହୋଇପାରେ କିନ୍ତୁ ଅସମ୍ଭବ ନୁହେଁ । ତାହା କିପରି ସମ୍ଭବ ସେ ବିଷୟରେ ଆମେ ଗତ ସପ୍ତାହରେ ଆଲୋଚନା କରିଥିଲେ ।

ଆଜି ଆମେ ପ୍ରଶାସନ ଓ ନୈତିକତା ବିଷୟରେ ଆଲୋଚନା କରିବା । ଯେଭଳି ରାଜନୀତିରେ ନବକୃଷ୍ଣ ଚୌଧୁରୀଙ୍କ ଭଳି ସନ୍ଥ ଥିଲେ ସେହିଭଳି ପ୍ରଶାସନରେ ମଧ୍ୟ ଅନେକ ସଚ୍ଚୋଟ ବ୍ୟକ୍ତି ଥିଲେ, ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ । ସେମାନଙ୍କର ଏକ ସ୍ୱାଭିମାନ ଥିଲା ଯେ ସେମାନେ ରାଜ କର୍ମଚାରୀ । ସେମାନେ ନୀତି ନିୟମକୁ ଧର୍ମଗ୍ରନ୍ଥ ଭଳି ପୂଜା କରୁଥିଲେ । ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା ଯେ ସେମାନେ ନିୟମ ପାଳନରେ ଅତି କଠୋର ଥିଲେ, କିନ୍ତୁ ସେମାନେ ଦୁର୍ନୀତିଗ୍ରସ୍ତ ନ ଥିଲେ। ଆଜି ପ୍ରଶାସନର ଅବସ୍ଥା ନ କହିଲେ ଭଲ । ଆଜିକା ଦିନରେ ପ୍ରଶାସନିକ ଅଧିକାରୀ ମାନଙ୍କୁ ଚାରୋଟି ଶ୍ରେଣୀରେ ବିଭକ୍ତ କରାଯାଇ ପାରେ । ପ୍ରଥମ ଶ୍ରେଣୀରେ ଅଛନ୍ତି ଅଧିକାରୀ ଗଣ ଯେଉଁ ମାନେ ପଇସା ନିଅନ୍ତି କିନ୍ତୁ କାମ କରି ଦିଅନ୍ତି । ସେମାନେ ନିର୍ଭୀକ, ସିଧା ସିଧା ନିଜର ରେଟ ବତାଇ ଦିଅନ୍ତି। ସେମାନଙ୍କୁ **'ସଚ୍ଚୋଟ'** ଅଫିସର ବୋଲି କୁହାଯାଏ । ବାରମ୍ବାର ଅଫିସକୁ ଦଉଡ଼ି ତେଲ ଓ ସମୟ ଖର୍ଚ୍ଚ କରିବା ଅପେକ୍ଷା ସାରଙ୍କୁ କିଛି ଦେଇଦେଲେ ଯଦି କାମଟା ହୋଇଯାଉଛି ତାହା ହେଲେ କ୍ଷତି କଅଣ ?

ଦ୍ୱିତୀୟ ଶ୍ରେଣୀରେ ଥିବା ଅଧିକାରୀ ମାନେ ପଇସା ନିଅନ୍ତି କିନ୍ତୁ କାମ କରନ୍ତି ନାହିଁ । **'କାଲି ଆସ, ପଛେ ଦେଖିବା, ଛୁଟି ପରେ ଆସ, ଆସେମ୍ବ୍ଲି ପରେ ଆସ'** ଇତ୍ୟାଦି କହି କୃପାଭିକ୍ଷୁକୁ ଅଫିସ ଦଉଡାଇବାରେ ସେମାନେ ଆନନ୍ଦ ପାଆନ୍ତି । ଏହା ସେମାନଙ୍କର ଚାରିତ୍ରିକ ଦୋଷ ।



**ବିଜୟ କୁମାର ପଟ୍ଟନାୟକ**

ସେମାନଙ୍କର ଭୟ ହେଉଛି କାଲେ କିଏ ଦେଖି ଦେବ ଯେ ସେ ପଇସା ନେଇଛନ୍ତି । କାଲେ ଭିଜିଲାନ୍ସ ରେଡ କରିଦେବ । କାଲେ ଖବର କାଗଜରେ ବାହାରି ଯିବ । ପେଟରେ ଭୋକ, ମୁହଁ ରେ ଲାଜ । ସେମାନଙ୍କର କାମ ହୁଏ ନାହିଁ ସେଇ ଯେଉଁମାନେ ପଇସା ଦେଇଥାନ୍ତି କିନ୍ତୁ କହନ୍ତି **'ଦୁର୍ନୀତିଗ୍ରସ୍ତ'**। ସେମାନେ ମାନେ ଉକ୍ତ ଅଫିସର ବା କର୍ମଚାରୀଙ୍କୁ ଭାବନ୍ତି ନାହିଁ ଯେ ପଇସା ନେବା ଟା ଯେପରି ଏକ ଅପରାଧ, ପଇସା ଦେବା ଟା ମଧ୍ୟ ସେଇପରି ଏକ ଅପରାଧ ।

ତୃତୀୟ ଶ୍ରେଣୀରେ କିଛି ଅଫିସର ଅଛନ୍ତି ଯେଉଁମାନେ କି ନା ପଇସା ନିଅନ୍ତି, ନା କିଛି କାମ କରନ୍ତି । ସେମାନେ କାହାରିକୁ ଭେଟନ୍ତି ନାହିଁ, କାହାରି ସମସ୍ୟା ଜାଣିବାକୁ ଚାହାନ୍ତି ନାହିଁ । ଦିନ ଦିନ ଧରି କୌଣସି ପ୍ରକାରର ନିଷ୍ପତ୍ତି ନିଅନ୍ତି ନାହିଁ, କାଳେ କେଉଁଠି ଭୁଲ ରହିଯିବ। କାଦୁଅରେ ପଶିବ କାହିଁକି, ଗୋଡ ଧୋଇବ କାହିଁକି ? ସେମାନେ ଭୁଲି ଯାଆନ୍ତି ଯେ ସେମାନେ ଦରମା ପାଆନ୍ତି କାମ କରିବା ପାଇଁ, ବସି ରହିବା ପାଇଁ ନୁହେଁ । ଦରମା ନେଇ କାମ ନ କରିବା ଏକ ପ୍ରକାରର ଚୋରୀ । ଚତୁର୍ଥ ଶ୍ରେଣୀର ବ୍ୟକ୍ତି ମାନେ ସଚ୍ଚୋଟ, କର୍ମଠ, ସମସ୍ୟା ସମାଧାନ କରିବା ପାଇଁ ଆଗ୍ରହୀ । ସେମାନେ ଜାଣନ୍ତି ଯେ ନିଷ୍ପତ୍ତି ନେଲେ ଭୁଲ ହେବାର ସମ୍ଭାବନା ଅଛି । କିନ୍ତୁ ସେମାନେ ଧର୍ମରେ ବିଶ୍ୱାସ କରନ୍ତି, ନିଜ ବିବେକ ଅନୁଯାୟୀ କାମ କରନ୍ତି । ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ତାଙ୍କର ଅନିଚ୍ଛାକୃତ ତ୍ରୁଟି ପାଇଁ ଜେଲ ଯାଇଛନ୍ତି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି । କିନ୍ତୁ ନିଜ କର୍ତ୍ତବ୍ୟ କରି ଚାଲିଛନ୍ତି । ଆଜିକା ଦିନ ରେ ସେମାନେ ଏକ ବିରଳ ପ୍ରଜାତିର ପ୍ରାଣୀ ।

ଦିନ ଥିଲା ଆଇ ଏ ଏସ ବା ଭାରତୀୟ ପ୍ରଶାସନିକ ସେବାକୁ ପ୍ରଶାସନର **'ଷ୍ଟିଲ ଫ୍ରେମ'** ବୋଲି କୁହାଯାଉଥିଲା । ଯଦି କେଉଁ ଅଫିସରେ ବ୍ୟାପକ ଦୁର୍ନୀତି ହେଉଥିଲା ସେଠି ଜଣେ ଯୁବ ଆଇଏଏସ ଅଫିସରଙ୍କୁ ପୋଷ୍ଟିଂ କରି ଦିଆଯାଉଥିଲା । ଯଦି କେଉଁଠାରେ ପ୍ରାକୃତିକ ବିପର୍ଯ୍ୟୟ ହେଉଥିଲା, ସେଠାରେ କିଛି ଯୁବ ଆଇଏଏସ ଅଫିସରଙ୍କୁ ପୋଷ୍ଟ କରି ଦିଆଯାଉଥିଲା । ଯଦି କେଉଁଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହେଉଥିଲା, ତେବେ ସେଠାରେ ଯୁବ ଆଇ ପି ଏସ ଅଫିସରମାନଙ୍କୁ ମୁତୟନ କରାଯାଉଥିଲା। ଯଦି କେଉଁ ଠାରେ ବ୍ୟାପକ ଜଙ୍ଗଲ ଚୋରୀ ହେଉଥିଲା ତେବେ ଆଇଏଫ ଏସ ଅଫିସରମାନଙ୍କୁ ପୋଷ୍ଟିଂ କରାଯାଉଥିଲା । ଯଦି କୌଣସି ଦପ୍ତରରେ କାମ ହେଉ ନ ଥିଲା, କେହି ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ, କାହାର ନ୍ୟାଯ୍ୟ ପ୍ରାପ୍ୟ ମିଳୁ ନ ଥିଲା, ତେବେ ସେହି ବିଭାଗର ସଚିବଙ୍କୁ ବା ବିଭାଗୀୟ ମୁଖ୍ୟଙ୍କୁ ଦେଖା କଲେ ତାହାର ସମାଧାନ ହୋଇ ଯାଉଥିଲା । ଜନସାଧାରଣଙ୍କ ମନରେ ଏକ ଧାରଣା ସୃଷ୍ଟି ହେଉଥିଲା ଯେ ସର୍ବ ଭାରତୀୟ ସେବାର ଯୁବ ଅଫିସର ମାନେ ନିଷ୍କଳଙ୍କ, କର୍ମଠ, ନିରପେକ୍ଷ । ଆଜି ଉକ୍ତ ସେବା ଗୁଡିକରେ କଳଙ୍କ ଲାଗି ଯାଇଛି । ଚାକିରିରେ ପଶୁ ପଶୁ ସେମାନଙ୍କ ମଧ୍ୟରୁ କେତେକ ଅର୍ଥ ସଂଗ୍ରହରେ ଲାଗି ପଡୁଛନ୍ତି । ଅର୍ଥାତ ସେମାନେ ପରିସ୍ଥିତିରେ ପଡ଼ି ଅବାଟରେ ଚାଲି ଯାଇ ନାହାନ୍ତି । ସେମାନେ ଜାଣିଶୁଣି, **'ଜନ୍ମରୁ'** ତାହା ବାଛିଛନ୍ତି ।

ଆଉ କିଛି ଉଚ୍ଚ ପଦାଧିକାରୀ ଖୋଲାଖୋଲି ଭାବରେ ରାଜନୈତିକ ଦଳ ପାଇଁ ଅର୍ଥ ସଂଗ୍ରହ କରୁଛନ୍ତି, ଶାସକ ଦଳର ହାତବାରିସି ସାଜିଛନ୍ତି, ନିର୍ବାଚନ ସମୟରେ ଏକ ନିର୍ଦ୍ଦିଷ୍ଟ ଦଳ ପାଇଁ କାର୍ଯ୍ୟ କରୁଛନ୍ତି । ସେମାନେ ଦଳ ର କର୍ମକର୍ତ୍ତା ପାଲଟି ଯାଇଛନ୍ତି । ପ୍ରଶାସନିକ ବ୍ୟବସ୍ଥା ଏଭଳି ସ୍ଥିତିରେ ପହଞ୍ଚିବାର କାରଣ କ'ଣ ? ଯେଉଁ ପଦାଧିକାରୀମାନେ ରାଜନୈତିକ ଦଳ ପାଇଁ କାର୍ଯ୍ୟ କରୁଛନ୍ତି, ସେମାନଙ୍କର କ୍ଷମତା, ଅର୍ଥ ଓ ଅନ୍ୟାନ୍ୟ ସମ୍ଭୋଗ ପ୍ରତି ଅହେତୁକ ଦୁର୍ବଳତା ରହିଛି । ସରକାର ବଦଳିଲେ ମଧ୍ୟ ସେମାନଙ୍କର ଅବସ୍ଥାରେ ପରିବର୍ତ୍ତନ ହୁଏ ନାହିଁ । କାରଣ ସେମାନେ ଯଦି ଗୋଟିଏ ଦଳ ପାଇଁ କାମ କଲେ, ତେବେ ଅନ୍ୟ ଦଳ କ୍ଷମତାକୁ ଆସିଲେ ତାହା ପାଇଁ କାମ କାହିଁକି ବା ନ କରିବେ । ଯେ କୌଣସି ଦଳ ସରକାରକୁ ଆସିଲେ ମଧ୍ୟ ସେମାନେ ହେଲେ ଗେହ୍ଲା ପୁଅ । ସେମାନେ ହେଲେ ତାରକା ଅଫିସର । କିନ୍ତୁ ସମସ୍ତଙ୍କ **'ଭାଗ୍ୟ'**ରେ ତାହା ଯୁଟେ ନାହିଁ ।

ତେବେ ଅନ୍ୟ ଅଣତାରକା ଅଫିସରମାନେ ବିପଥଗାମୀ ହେବାର କାରଣ କ'ଣ ? ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ପ୍ରଥମ ଟି ହେଲା ରାଜନୈତିକ ଚାପ । **'ଭଲ'** ପୋଷ୍ଟିଂ ପାଇବାକୁ ହେଲେ **'ସେମାନଙ୍କର'** କଥା ଶୁଣିବାକୁ ହେବ । **'ଭଲ'** ପୋଷ୍ଟିଂ କହିଲେ ଯେଉଁ ପୋଷ୍ଟିଂରେ ଭଲ ଦୁଇ ପଇସା ଉପୁରି ଥିବ । ସେଇ ଦୁଇ ପଇସାରୁ ଗୋଟିଏ ପଇସା **'ସେମାନଙ୍କୁ'** ଦେଇ ଦେଲେ କ୍ଷତି କ'ଣ ? ଯେଉଁମାନେ ଉପୁରି ପାଇଁ ବିଶେଷ ଆଗ୍ରହୀ ନୁହନ୍ତି ସେମାନେ ଭଲ ଜାଗା ପାଇଁ ବ୍ୟସ୍ତ – ଯେଉଁଠି ଘର ପାଖ ଥିବ, ବା ପିଲାଙ୍କ ପାଠପଢା ଓ କୋଚିଂର ସୁବିଧା ଥିବ । **'ସେମାନେ'** ଅସୁଖୀ ହେଲେ ବଦଳି ହୋଇଯିବାର ସମ୍ଭାବନା ଅଧିକ । କେହି ପିଠିରେ ପଡ଼ିବେ ନାହିଁ । **'ସେମାନେ'** କହିଲେ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ନେତା ପର୍ଯ୍ୟନ୍ତ । ସରକାରୀ ଦଳର ନେତାଙ୍କ ସହ ବେଳେ ବେଳେ ବିରୋଧୀ ଦଳର ନେତାଙ୍କ ମଧ୍ୟ ପ୍ରାଦୁର୍ଭାବ ଥାଏ । ଏ ସମସ୍ତ ପଥର ମଧ୍ୟରେ ନଉକା ଚଳାଇବାର ଅନ୍ୟ ନାମ ହେଲା **'ପ୍ରଶାସନିକ କୌଶଳ'** ।

ପ୍ରଶାସନିକ ଅଧିକାରୀମାନଙ୍କର ନୈତିକ ଅଧୋଃଗତିର ଆଉ ଏକ କାରଣ ହେଲା ନିଯୁକ୍ତି ଜନିତ ଦୁର୍ନୀତି । ମଧ୍ୟପ୍ରଦେଶରେ ଘଟିଥିବା 'ବ୍ୟାପମ' ଦୁର୍ନୀତି ବିଷୟରେ ଅନେକ ଶୁଣିଥିବେ । ସେହି ଦୁର୍ନୀତିର ମାୟାଜାଲରେ କିଛି ବ୍ୟକ୍ତି ପ୍ରାଣ ହରାଇବାର ମଧ୍ୟ ଦୃଷ୍ଟାନ୍ତ ଅଛି । ଆଜି ତାହା ବିଭିନ୍ନ ପ୍ରଦେଶରେ ବ୍ୟାପକ ହୋଇଗଲାଣି । ଓଡ଼ିଶାରେ ମଧ୍ୟ । ଆଶାୟୀ ପ୍ରାର୍ଥୀମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଗଲାଣି ଯେ, ବିନା ପଇସାରେ ଚାକିରି ମିଳିବା ଅସମ୍ଭବ । ବିଭିନ୍ନ ଚାକିରି ପାଇଁ ବିଭିନ୍ନ ଦର ତାଲିକା ଅଛି । ପ୍ରତିପତ୍ତି ଅନୁଯାୟୀ ଦର । ବଜାରରେ ଦଲାଲମାନେ ଚାକିରି ପାଇଁ ଅର୍ଥ ସଂଗ୍ରହ କରିବା ପାଇଁ ଘୁରି ବୁଲୁଛନ୍ତି । କୁହାଯାଏ ଯେ, ଉଚ୍ଚତମ ସେବାମାନଙ୍କରେ ମଧ୍ୟ ଆଜିକାଲି ମୂଳଚାଲ ହେଲାଣି । **'ଉପରେ'** ଥିବା ଶକ୍ତି କେନ୍ଦ୍ର ଏ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ ଥାଏ। କାରଣ ଉପରିସ୍ଥ ବ୍ୟକ୍ତିଙ୍କର ଆଶୀର୍ବାଦ ନ ଥିଲେ ଏହା କରିବା ସମ୍ଭବ ନୁହେଁ । ତେବେ ଯିଏ ପଇସା ଦେଇ ଚାକିରିଟି ହାତେଇ ଥିବ ସେ ତ ପୁଣି ତାକୁ ଭରଣା କରିବା ପାଇଁ ପଇସା ଆଦାୟ କରିବ ନା ? ଆଉ, ଥରେ ରକ୍ତର ସ୍ୱାଦ ପାଟିରେ ଲାଗିଗଲେ ତାହା ଛାଡିବା କଷ୍ଟ ।

ଟ୍ରାନ୍ସପାରେନ୍ସି ଇଣ୍ଟରନେସନାଲ ନାମାକ ଏକ ଆନ୍ତର୍ଜାତୀୟ ସଂସ୍ଥା ପ୍ରତି ବର୍ଷ ଏକ ସର୍ଭେ କରେ, କେଉଁ ଦେଶ ଲୋକଙ୍କ ଦୃଷ୍ଟିରେ କେତେ ଦୁର୍ନୀତିଗ୍ରସ୍ତ । ଏହାକୁ ମୋଟାମୋଟି **'ଦୁର୍ନୀତି ରାଙ୍କ'** ବୋଲି କୁହାଯାଇ ପାରେ । ୨୦୨୫ ମସିହାରେ ପୃଥିବୀର ୧୮୧ ଟି ଦେଶକୁ ନେଇ ହୋଇଥିବା ଏହି ସର୍ଭେ ଅନୁଯାୟୀ ସବୁଠାରୁ କଅମ ଦୁର୍ନୀତିଗ୍ରସ୍ତ ଦେଶ ହେଉଛି ଡେନମାର୍କ । ତାହା ତଳକୁ ଅଛି ଫିନଲାଣ୍ଡ । ତୃତୀୟ ସ୍ଥାନ ରେ ଅଛି ସିଂଗାପୁର । ଭାରତର ସ୍ଥାନ ହେଉଛି ୯୧ ।

ଉପରେ ବର୍ଣ୍ଣିତ ବିଷୟ ଗୁଡିକ ଅନେକ ଲୋକଙ୍କର ନିଜସ୍ୱ ଅନୁଭୂତି ଥିବ । ସେମାନଙ୍କ ମନରେ ଗୋଟିଏ ପ୍ରଶ୍ନ, ଏହି ରୋଗରୁ ମୁକ୍ତି ମିଳି ପାରିବ କି ? ଅଧିକାଂଶ ବ୍ୟକ୍ତିଙ୍କ ମତ ଯେ, ଦୁର୍ନୀତିର ଚେର ଏଭଳି ଭାବରେ ବ୍ୟାପି ଗଲାଣି ଯେ ତାହାକୁ ଉପାଡିବା ଅସମ୍ଭବ। ଏ ବିଷୟରେ କି କି ପଦକ୍ଷେପ ନିଆ ଯାଇ ପାରିବ ତାହା ଆସନ୍ତା ସଂଖ୍ୟାରେ ଆଲୋଚନା କରିବା ।

**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**

## ବ୍ୟଙ୍ଗ ପ୍ରହାର: ପ୍ରମାଦ

ବିଜୁ ଲିଗାସିର ବଡ଼ ଲଢ଼ାଇ,
ବିଜେଡି ପାଖରୁ ନେବେ ଛଡ଼ାଇ
ବିଜୁବାବୁଙ୍କ ନାମକୁ ନେଇ
ଶ୍ରାଦ୍ଧ ଦିବସରେ କାନ୍ଦିବେ ଶ୍ରଦ୍ଧା ନଥାଇ
ବିଜୁଙ୍କ ଆଦର୍ଶ ଜୀବନେ ନାହିଁ
ନବୀନ ୨୪ ବର୍ଷରେ ଦେଲେ ବୁଡ଼ାଇ



# ସିଜିମାଳିରେ ଆଦିବାସୀ-ପୋଲିସ ମୁହାଁମୁହିଁ

**ରାୟଗଡା, ୧୧/୦୪ (ବିଜୟ କୁମାର ମହାରଣା) :** କୋରାପୁଟ ଜିଲ୍ଲା କାଶୀପୁର ବ୍ଲକ ସିଜିମାଳିରେ ରାସ୍ତା ନିର୍ମାଣକୁ ନେଇ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ୭ଜଣ ଗୁରୁତର ହୋଇଥିବା ବେଳେ ୫୯ ଜଣ ପୋଲିସ ଆହତ ହୋଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ ପ୍ରକାଶ ଥାଉକି, ଏକ ବହୁ ରାଷ୍ଟ୍ରୀୟ କମ୍ପାନୀ ବେଦାନ୍ତକୁ ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ଜମିକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଉକ୍ତ ଅଞ୍ଚଳର ଗ୍ରାମବାସୀ କମ୍ପାନୀକୁ ବିରୋଧ କରିବା ସହ ରାସ୍ତା ନିର୍ମାଣ ନ କରାଇ ଦେବାକୁ ଅଡ଼ି ବସିଥିଲେ। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ସିଜିମାଳି ଅଞ୍ଚଳକୁ ଯିବା ପାଇଁ ସାଗୁବାରୀଠାରେ ରାସ୍ତା ନିର୍ମାଣ କାମକୁ ଏହି ଅଞ୍ଚଳବାସୀ ବିରୋଧ କରି ଆସୁଥିଲେ । ନିଜର ଜୀବନ ଜୀବିକା ବାଧାପ୍ରାପ୍ତ ହେବା ସହିତ ପ୍ରଶାସନ ଆଦିବାସୀ ଯୁବକ ଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଣଦେଖା ନେଇ ପୂର୍ବରୁ ଗ୍ରାମବାସୀ କମ୍ପାନୀକୁ ବିରୋଧ କରୁଥିଲେ। ତେଣୁ ଘଟଣାକୁ



- ୯ ଗୁରୁତର, ୫୯ ପୋଲିସ ଆହତ, ରାସ୍ତା ନିର୍ମାଣକୁ ନେଇ ମହାଭାରତ
- ବେଦାନ୍ତର ଖଣିଖନନକୁ ଗ୍ରାମବାସୀଙ୍କ ବିରୋଧ

ଆଖି ଆଗରେ ରଖି ରାୟଗଡ଼ା ପୋଲିସ ୧୬୩ ଧାରା ଜାରୀ କରିଥିଲା। କିନ୍ତୁ ଗ୍ରାମବାସୀମାନେ ବିରୋଧ କରିବା ସହ କମ୍ପାନୀକୁ ରାସ୍ତା ନିର୍ମାଣ ନ କରାଇ ଦେବାକୁ ଅଡ଼ି ବସିଥିଲେ। ଫଳରେ ଘଟଣାକୁ ନେଇ ସେମାନେ ରାୟଗଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରିଥିଲେ।

କିନ୍ତୁ ଗତ ମଙ୍ଗଳବାର ଭୋର ସମୟରେ ରାସ୍ତା ନିର୍ମାଣ ହେଉଥିବା ନେଇ ଖବର ପାଇବା ପରେ ଗ୍ରାମବାସୀ ରୁଣ୍ଡ ହୋଇଥିଲେ। ତେଣୁ ପୋଲିସ ପ୍ରଶାସନ ଲୋକଙ୍କୁ ନିଷିଦ୍ଧାଞ୍ଚଳରୁ ଘଉଡ଼ାଇବାକୁ ଉଦ୍ୟମ କରି ଫାଙ୍କା ଗୁଳି ଚାଳନା କରିବା ସହ ଲୁହ ବୁହା ଗ୍ୟାସ ପ୍ରୟୋଗ କରିଥିଲେ। ଯାହା ଫଳରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ହାତରେ ପାରମ୍ପାରିକ ଅସ୍ତ୍ର ଶସ୍ତ୍ର ଧରି ପୋଲିସ ପ୍ରଶାସନ ଉପରକୁ ଓଲଟା ଆକ୍ରମଣ କରିଥିଲେ। ପୋଲିସ ଓ ଗ୍ରାମବାସୀ ମୁହାଁ ମୁହିଁ ହେବା ଫଳରେ ପରିସ୍ଥିତି ଅଣାୟତ ହୋଇପଡିଥିଲା। ଖୋଦ୍ ଜିଲ୍ଲାପାଳ ମାଇକ୍ ଧରି ଲୋକଙ୍କୁ ସରକାରୀ ତଥା ଜଙ୍ଗଲ ଜମିକୁ ଛାଡ଼ି ଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସେମାନ ଜିଲ୍ଲାପାଳଙ୍କ ଅନୁରୋଧକୁ ଶୁଣି ନଥିଲେ । ଶେଷରେ ଗ୍ରାମବାସୀ ଟାଙ୍ଗିଆ ଓ କୁରାଢ଼ି ଧରି ପୋଲିସକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ରାୟଗଡ଼ା ଏସ ଡିପିଓ ଗୌରହରି ସାହୁ, କାଶୀପୁର ଥାନା ଅଧିକାରୀ ଦେବ ମାଲିକ, ମାଇକ ଥାନା ଅଧିକାରୀ ସମେତ

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ପାକିସ୍ତାନ ଲିଙ୍କ ସନ୍ଦେହରେ ଯୁବକଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

ଭୁବନେଶ୍ୱର, ୧୧/୦୪ (ଜେଏନଏସ) : ପାକିସ୍ତାନ ସହ ସମ୍ପର୍କ ସନ୍ଦେହରେ ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଇଛି। ପାକିସ୍ତାନ ସହ ସମ୍ପର୍କ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଥିବା ସନ୍ଦେହ କରି ଆଜି ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଏବଂ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ଏକ ମିଳିତ ଅପରେସନରେ ଭୁବନେଶ୍ୱରର ୟୁନିଟ-୬ ଅଞ୍ଚଳରୁ ଶେଖ୍ ଇମ୍ରାନ (ବା ଇମାମ) ନାମକ ଜଣେ ଯୁବକକୁ ଅଟକ ରଖି ପଚରା ଉଚରା ଜାରି କରିଛି। ମିଳିଥିବା ସୂଚନା ଅନୁଯାୟୀ, ଇମ୍ରାନ ହ୍ୱାଟସଆପ୍, ସିଗନାଲ୍, ଇନଷ୍ଟାଗ୍ରାମ ଏବଂ



ଫେସବୁକ୍ ଭଳି ପ୍ଲାଟଫର୍ମ ମାଧ୍ୟମରେ ଏକ କଟରପନ୍ଥୀ ନେଟୱାର୍କ ସହ ଜଡ଼ିତ ଥିବା ଅଭିଯୋଗ ରହିଥିଲା। ଦିଲ୍ଲୀରେ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଦିଲ୍ଲୀ ପୋଲିସ ଇମ୍ରାନଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା ଏବଂ ଡିଜିଟାଲ୍ ଫୁଟପ୍ରିଣ୍ଟ ଆଧାରରେ ତାଙ୍କୁ ଓଡ଼ିଶାରୁ ଚିହ୍ନଟ କରାଯାଇଥିଲା। ଇମ୍ରାନ ଜଣେ ବେକାର ଯୁବକ ଏବଂ ସେ ଏକ 'କ୍ଲୋଜ୍ ନେଟୱାର୍କ'ରେ ସକ୍ରିୟ ଥିଲେ, ଯେଉଁଠାରେ ଧାର୍ମିକ ଭିତ୍ତିରେ ସମ୍ବେଦନଶୀଳ ଏବଂ ବିଦ୍ୱେଷପୂର୍ଣ୍ଣ ବିଷୟବସ୍ତୁ ଉପରେ ପ୍ରଚାର କରାଯାଉଥିଲା। ଭୁବନେଶ୍ୱରର ଏସଡିଜେଏମ କୋର୍ଟରେ ହାଜର କରାଯିବା ପରେ ଦିଲ୍ଲୀ ପୋଲିସ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଛି। ସେଠାରେ ଏହି ନେଟୱାର୍କର ଚେର କେତେ ଦୂରକୁ ଲମ୍ବିଛି ସେ ନେଇ ଅଧିକ ପଚରାଉଚରା କରିବ।

## ବେଆଇନ ୟୁଜର ଫିକୁ ନେଇ ବିଚାର ବିମର୍ଶ କର୍ମଶାଳା

## ହୋଲଡିଂ ଟ୍ୟାକ୍ସ ସତ୍ତ୍ୱେ ବିଏମସି ୟୁଜର ଫି ନେବା ସମ୍ପୂର୍ଣ୍ଣ ବେଆଇନ




ଭୁବନେଶ୍ୱର, ୧୧/୦୯ (ଜେଏନ୍ଏସ୍): ରାସ୍ତାଘାଟ ସଫା ରଖିବା ଓ ସାଧାରଣ ଲୋକଙ୍କ ଘର ଅଳିଆ ବା ଆବର୍ଜନା ଉଠାଇବା ବିଏମ୍‌ସିର ମୌଳିକ ଦାୟିତ୍ୱ ବୋଲି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଜନ ଜାଗରଣର ମୁଖ୍ୟ ବିଜୟ କୁମାର ପଟ୍ଟନାୟକ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଭୁବନେଶ୍ୱର ଉନ୍ନୟନ ପରିଷଦର ମିଳିତ ବୈଠକରେ ଯୋଗ ଦେଇ କହିଛନ୍ତି। ବିଏମ୍‌ସି ହୋଲଡିଂ ଟ୍ୟାକ୍ସ ନେଉଥିବା ବେଳେ ପୁନର୍ବାର ଆବର୍ଜନା ଉଠାଇବା ନାଁରେ ୟୁଜର୍ସ ଫି ନେବା ସମ୍ପୂର୍ଣ୍ଣ ବେଆଇନ । ଏହା ଉପରେ ମାନ୍ୟବର ହାଇକୋର୍ଟ ରହିତାଦେଶ ସହ ମାମଲା ବିଚାରଧିନ ଥିବା ବେଳେ ୟୁଜର୍ସ ଫି ଆଦାୟ କରିବା ବିରୁଦ୍ଧରେ ଜନମତ ସୃଷ୍ଟି କରିବା ଜନଜାଗରଣର ମୂଳ ଲକ୍ଷ୍ୟ । ବିଏମ୍‌ସିର ଏହାର ପୁନର୍ବିଚାର କରି ୟୁଜର୍ସ ଫି ପ୍ରତ୍ୟାହାର ନ କଲେ, ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ସେହିଭଳି ସୈନିକ ସ୍କୁଲ ପାଖରେ ଅଳିଆ ଆବର୍ଜନା ଗଦା ରଖିବା ସମ୍ପୂର୍ଣ୍ଣ ବେଆଇନ ଅଟେ । ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟ କରି ବିଏମ୍‌ସି ଯେଉଁ ରାସ୍ତାରେ ଯାଉଛି,ତାହା

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ମମତାଙ୍କୁ ମହଙ୍ଗା ପଡ଼ିବେ ମହାପ୍ରଭୁ ଜଗନ୍ନାଥ ?

## ଏଥର ବିଜେପିକୁ ଲାଭ ନା ମମତାଙ୍କୁ କ୍ଷତି ?

**ଭୁବନେଶ୍ୱର, ୧୧/୦୯ (ପ୍ରମୋଦ ସାମନ୍ତରାୟ):** ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନକୁ ନେଇ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଛି। ଜାତି, ଧର୍ମ ଓ ଅନୁପ୍ରବେଶକାରୀଙ୍କ ନେଇ ବିବାଦ ଏବଂ ବିବୃତି ନିର୍ବାଚନରେ ନୂଆ ମୋଡ଼ ନେଇଛି। ଭୋଟର ତାଲିକାରୁ ନବେ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ବାଦ ପଡିବା ମମତାଙ୍କ ପାଇଁ ବଡ ଆହ୍ୱାନ ହୋଇଛି। ଆଇନଗତ ଲଢ଼େଇରେ ମମତା ନିଜେ ସୁପ୍ରିମକୋର୍ଟରେ ଅନୁପ୍ରବେଶକାରୀ ଭୋଟରଙ୍କ ପ୍ରମାଣପତ୍ର ନେଇ ଯେଉଁ ଯୁକ୍ତି ଉପସ୍ଥାପନା କରିଥିଲେ ତାହା ତାଙ୍କ ପାଇଁ ସେତେଟା ଲାଭପ୍ରଦ ହୋଇନାହିଁ। ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ହିନ୍ଦୁମାନଙ୍କ ଭାବାବେଗକୁ ନିଜ ସପକ୍ଷରେ ନେବା ପାଇଁ ମମତା ଯେଉଁ ଲକ୍ଷ ରଖିଥିଲେ ଜଗୁନିବାଶ ମହାପାତ୍ରଙ୍କ ବିବୃତି ତାହା ଉପରେ ପାଣି ଛାଟି ଦେଇଛି। ଦିଘାର ଜଗନ୍ନାଥ ମନ୍ଦିରର ଯେଉଁ ବିଗ୍ରହ ରହିଛି ତାହା କାଠ ବଦଳରେ ପଥର ହୋଇଥିବାରୁ ଏହାକୁ ନେଇ ଜଗୁନି ଯେଉଁ ବିବୃତି



ଦେଇଛନ୍ତି ତାହା ମମତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋବ ବୋଲି କୁହାଯାଉଛି । ଆଗାମୀ ନିର୍ବାଚନ ମମତାଙ୍କ ସପକ୍ଷେରେ ଯିବ ନାହି ବୋଲି ଜଗୁନି ଭବିଷ୍ୟବାଣୀ ଶୁଣାଇଛନ୍ତି। ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ମତଦାନର ଠିକ୍ ପୂର୍ବରୁ, ଏମିତି ଏକ ଖବର ଆସିଛି ଯାହା ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଭାରତୀୟ ନିର୍ବାଚନ କମିଶନ ଦ୍ୱାରା କରାଯାଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପରେ, ରାଜ୍ୟର ଭୋଟର ତାଲିକାରୁ ପ୍ରାୟ ୯୦.୬୬ ଲକ୍ଷ ନାମକୁ ହଟେଇ ଦିଆଯାଇଛି। ଏହି ସଂଖ୍ୟା ବଙ୍ଗଳାର ମୋଟ ଭୋଟରଙ୍କ ପ୍ରାୟ ୧୨% ପ୍ରତିନିଧିତ୍ୱ କରେ। ଏହି ବିପୁଳ ହ୍ରାସ କେବଳ ଭୋଟ ଗତିଶୀଳତାକୁ ପରିବର୍ତ୍ତନ କରିନାହିଁ ବରଂ ଟିଏମସି ଏବଂ ବିଜେପି ମଧ୍ୟରେ ଏକ ନୂତନ ଯୁଦ୍ଧ ମଧ୍ୟ ଆରମ୍ଭ କରିଛି।

ଏସଆଇଆର ହେଉଛି ଭୋଟର ତାଲିକା ଶୁଦ୍ଧିକରଣ ଏବଂ ସଂଶୋଧନ ପାଇଁ ନିର୍ବାଚନ କମିଶନର ପ୍ରକ୍ରିୟା। କମିଶନଙ୍କ ଅନୁଯାୟୀ, ଏହା ମୃତ, ସ୍ଥାନାନ୍ତରିତ, ଦୁଇଟି ସ୍ଥାନରେ ଭୋଟର ଭାବରେ ପଞ୍ଜିକୃତ, ଅଯୋଗ୍ୟ କିମ୍ବା ବିଦେଶୀ ଅନୁପ୍ରବେଶକାରୀଙ୍କ ନାମ ବାଦ ଦେଇଥାଏ। ଏହି ଏସଆଇଆର ଏପର୍ଯ୍ୟନ୍ତ ପ୍ରାୟ ୯୧ ଲକ୍ଷ ଭୋଟରଙ୍କ ନାମ ବାଦ ଦେଇସାରିଛି। ନିର୍ବାଚନ କମିଶନ ଆଗାମୀ କିଛି ଦିନ ମଧ୍ୟରେ ଅତିରିକ୍ତ ତାଲିକା ପ୍ରକାଶ କରିବେ ବୋଲି ଆଶା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ଆସନରେ ଏହି ନାମ ଗୁଡିକୁ ବାଦ୍ ଦିଆଯାଇଛି, ସେଥିମଧ୍ୟରୁ ୯୦ ପ୍ରତିଶତରୁ ଅଧିକ ଆସନରେ ୨୦୨୧ ନିର୍ବାଚନରେ ମମତା ବାନାର୍ଜୀଙ୍କ ଟିଏମସି କ୍ଲିନ ସୁଇପ୍ କରିଥିଲା।

ତଥ୍ୟ ଅନୁଯାୟୀ, ଟିଏମସିର ଗଡ଼ ଭାବରେ ବିବେଚିତ ଜିଲ୍ଲା ଗୁଡ଼ିକରୁ ସର୍ବାଧିକ ନାମକୁ ବାଦ ଦିଆଯାଇଛି । ଟିଏମସିର ଗଡ଼ ମୁର୍ଶିଦାବାଦରେ

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# କମିଟି ଗଠନ କରି ସରକାର ଚୁପ୍



ଭୁବନେଶ୍ୱର, ୧୧/୦୪/୨୦୨୬ : ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ନେଇ ଅନେକ ଆଲୋଚନା କରାଯାଉଥିବା ବେଳେ ଏବେ ପ୍ରଶ୍ନ ଉଠୁଛି କ୍ରୀଡ଼ାବିତ୍‌ଙ୍କୁ ନେଇ। ଦିର୍ଘ ସମୟ ତଳେ ଭୁବନେଶ୍ୱରର ସନ୍ତରଣ ବିଭାଗର ହାଇ ପ୍ରଫର୍ମାନ୍ସ ସେଣ୍ଟର ବିରୋଧରେ ଅଭିଯୋଗ ଆସିଥିଲା । ହଷ୍ଟେଲରେ ରହୁଥିବା ପିଲା ମାନଙ୍କୁ ମାଡ ମରାଯିବା ସହିତ ସେମାନଙ୍କ ପରିବାରକୁ ନେଇ ଆକ୍ଷେପ କରାଯିବା ଭଳି ସଙ୍ଗିନ ଅଭିଯୋଗ ଆସିଥିଲା । ଏହି ଅଭିଯୋଗକୁ ଆଖି ଆଗରେ ରଖି ସେହି ସମୟରେ ସନ୍ତରଣ ହାଇ ପ୍ରଫର୍ମାନ୍ସ ସେଣ୍ଟରର ମୁଖ୍ୟ କୋଚ ସନ୍ଦିପ ଜୈସ୍ୱାଲଙ୍କ ବିରୋଧରେ ଆକ୍ସନ ନେବା ସହିତ ନିଲମ୍ବନ କରାଯାଇଥିଲା । ଘଟଣାର ତଦନ୍ତ ପାଇଁ ସରକାର ୪ ଜଣିଆ କମିଟି ମଧ୍ୟ ଗଠନ କରିଥିଲେ । ହେଲେ ଘଟଣାକୁ ଗୋଟିଏ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆସିପାରିଲା ନାହିଁ ରିପୋର୍ଟ । ଏବେ ପ୍ରଶ୍ନ ଉଠୁଛି କ୍ରିଡା ବିଭାଗର ପାରିବାପଣିଆ ଉପରେ । ସବୁବେଳେ କ୍ରିଡା ଭିତ୍ତିଭୂମି ଓ କ୍ରିଡାବିତ୍‌ଙ୍କ ବିକାଶ ପାଇଁ ପ୍ରୟାସସ କରୁଥିବା କହି ଡିମ୍‌ଡିମି ପିଟୁଥିବା ସରକାର ଏବେ କାହିଁକି ଚୁପ୍ ରହିଯାଇଛି । କହିଁକି ରିପୋର୍ଟ ଆସିଲା ନାହିଁ ନା ଆସିବା ପରେ ସାର୍ବଜନୀନ କରାଯାଇ ନାହିଁ । ଏହାରି ଭିତରେ ଅନେକ ଅଧିକାରୀଙ୍କ ବଦଳି ହୋଇସାରିଛି ହେଲେ ଗୋଟିଏ ରିପୋର୍ଟ ଆସିଲା ନାହିଁ । ଯାହାର ତଦନ୍ତ କରିବା ପାଇଁ ସରକାର ଚାରି ଜଣ ଅଭିଜ୍ଞ ଅଧିକାରୀଙ୍କ ଉପରେ ଦେଇଥିଲେ ଦାୟିତ୍ୱ। ଭୁଲ କାହାର କେବଳ ସେହି ବାବୁମାନଙ୍କର ନାଁ ମନ୍ତ୍ରୀଙ୍କର ଯିଏ ନିର୍ଦ୍ଦେଶ ଦେଇ ବୋଧେ ଭୁଲି ଯାଇଛନ୍ତି । କେବଳ ସେତିକି ନୁହେଁ ଆମକୁ ମିଳିଥିବା ସୂଚନା ଅନୁସାରେ ଏବେ ଅନେକ ପିଲାଙ୍କୁ ହଷ୍ଟେଲରୁ ମଧ୍ୟ ବାହାର କରିଦିଆଯାଇଛି । ଯାହାର ଏବେ ତଦନ୍ତ ହେବାର ଆବଶ୍ୟକତା ରହିଛି ।

## ହର୍ମୁଜ ପ୍ରଣାଳୀ ସମ୍ପର୍କରେ ଇରାନର ବଡ଼ ନିଷ୍ପତ୍ତି: ରଖିଲା ଏମିତି ସର୍ତ୍ତ, ବିଶ୍ୱ ବଜାରରେ ହଇଚଇ

ୱାଶିଂଟନ୍, ୧୧/୦୪ : ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧବିରତି ପରେ ବିଶ୍ୱ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଇରାନ ହର୍ମୁଜ ପ୍ରଣାଳୀ ଦେଇ ତେଲ ଏବଂ ଗ୍ୟାସ ବାଣିଜ୍ୟ ପାଇଁ ସର୍ତ୍ତ ରଖିଛି। ରୁଷିଆର ସରକାରୀ ସମାଚାର ଏଜେନ୍ସି, ତାସ, ଇରାନୀ ସୂତ୍ରକୁ ଉଦ୍ଧାର କରି କହିଛି ଯେ ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ଟୋଲ ଆଦାୟ କରିବା ଆରମ୍ଭ କରିଛି। ଇରାନ ମଧ୍ୟ ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରୁଥିବା ତୈଳ ଏବଂ ଗ୍ୟାସ ଟ୍ୟାଙ୍କର୍ ସଂଖ୍ୟାକୁ ସୀମିତ କରିଛି। ଇରାନର ଏହି ନିଷ୍ପତ୍ତି ବିଶ୍ୱ ଶକ୍ତି ବାଣିଜ୍ୟକୁ ପ୍ରଭାବିତ କରିପାରେ। ଏହା ଉଲ୍ଲେଖ କରିବା ଉଚିତ ଯେ ଇରାନ ସରକାର ଜାହାଜରୁ ଟୋଲ ଟିକସ ଆଦାୟ କରିବା ପାଇଁ ଇରାନ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଓଜଏଓ)କୁ ନିୟୋଜିତ କରିଛନ୍ତି। ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ହର୍ମୁଜ ପ୍ରଣାଳୀ ଦେଇ ଗତି କରିବା ଏବେ ସର୍ତ୍ତାବଳୀ ଅନୁଯାୟୀ ହେବ। ଯେଉଁମାନେ ଟୋଲ ଦେୟ ଦିଅନ୍ତି ଏବଂ ଅନୁମୋଦନ ପାଆନ୍ତି ସେମାନେ ହିଁ ଷ୍ଟ୍ରେଟ ପାର କରିପାରିବେ। ପୂର୍ବରୁ, ପ୍ରତିଦିନ ପ୍ରାୟ ୧୪୦ଟି ଜାହାଜ ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରୁଥିଲେ, ଏବେ କେବଳ ୧୫ଟି ଜାହାଜକୁ ଅନୁମତି ଦିଆଯିବ, ଅର୍ଥାତ୍ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସୀମିତ ହେବ। ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ଏକ ବିବୃତ୍ତି ଜାରି କରିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଇରାନ କେବଳ ହର୍ମୁଜ ପ୍ରଣାଳୀକୁ ନିୟନ୍ତ୍ରଣ କରିବ ନାହିଁ ବରଂ ଏହାକୁ ଆୟର ଏକ ଉତ୍ସରେ ପରିଣତ କରିବ। ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯିବ, ଏବଂ ଏହା ଦେଇ ଯାଉଥିବା ଜାହାଜଗୁଡ଼ିକ ପାଇଁ ଏବେ ପ୍ରତି ବ୍ୟାରେଲ ତେଲ ପାଇଁ ୧ ଆମେରିକୀୟ ଡଲାର ଟୋଲ ଫି ଆଦାୟ କରାଯିବ। ଏହି ଫି କ୍ରିପ୍ଟୋକରେନ୍ସିରେ ଦିଆଯିବ।

# ଜଗନ୍ନାଥ ଓ ଖଣିଜ ସମ୍ପଦ ବିଶ୍ୱରେ ଓଡ଼ିଆଙ୍କ ପରିଚୟ

## କୋଇଲା ଓ ଖଣି ୱାର୍କର୍ସ ଫେଡେରସନର ଅଧ୍ୟକ୍ଷ ହେଲେ ସୁଶାନ୍ତ ମହାନ୍ତି




ଭୁବନେଶ୍ୱର, ୧୧/୦୪/୨୦୨୬ : ଓଡ଼ିଶାର ମାଟି ତଳେ ଅମୂଲ୍ୟ ଖଣିଜ ସମ୍ପଦ ପ୍ରକୃତି ଭରିଦେଇଛି । ଏହା ଦେବଭୂମୀ ଭାରତବର୍ଷ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହା କୋଟି କୋଟି ଅବଦାନ। ଓଡ଼ିଶାର ପ୍ରାଚୁର୍ଯ୍ୟ ମଧ୍ୟରେ ବାରିଦ୍ର୍ୟତା ଆମ ପାଇଁ ବଡ଼ ଆହ୍ୱାନ । ଖଣିଜ ସମ୍ପଦ ଥାଇ ଥାଇ ଓଡ଼ିଶା ଆଜି କାହିଁକି ପଛରେ ଏହି ପ୍ରଶ୍ନ ପ୍ରତି ଓଡ଼ିଆଙ୍କ ମନରେ ପ୍ରତିଫଳିତ ହେଉଛି ବୋଲି ଅଲ ଇଣ୍ଡିଆ କୋଲ ଆଣ୍ଡ ମାଇନ୍ସ ୱାର୍କର୍ସ ଫେଡେରସନର ଓଡ଼ିଶା ଅଧ୍ୟକ୍ଷ ସୁଶାନ୍ତ ମହାନ୍ତିଙ୍କ ଶପଥ ସମାରୋହରେ ବରିଷ୍ଠ ସାମ୍ବାଦିକ ରବି ଦାସ କହିଛନ୍ତି। ଇନ୍ସଟ୍ୟୁଟ ଅଫ ଇଞ୍ଜିନିୟରିଂ ସଭାକକ୍ଷରେ ଆୟୋଜିତ ଶପଥ ସମାରୋହରେ ମୁଖ୍ୟ ଅତିଥି ଭାବେ ଅଲ ଇଣ୍ଡିଆ କୋଲ ଆଣ୍ଡ ମାଇନ୍ସ ୱାର୍କର୍ସ ଫେଡେରେସନ୍ ଅଧ୍ୟକ୍ଷ ଡ଼ ଅର୍ଣ୍ଣବ ଚାଟାର୍ଜୀ ଯୋଗଦେଇ ଶ୍ରମିକମାନେ ହିଁ ଦେଶର ମେରୁଦଣ୍ଡ ବୋଲି କହିଥିଲେ। ଶ୍ରମିକଙ୍କୁ ଛାଡି ଦେଶର ପ୍ରଗତି ଅସମ୍ଭବ ବୋଲି କହିବା ସଙ୍ଗେ ସଙ୍ଗେ ସେମାନଙ୍କ ଅଧିକାର ଓ ସୁବିଧା ପାଇଁ ଫେଡେରସନ ସଦାବେଳେ ଗୁରୁତ୍ୱ ଦେଇ ଆସିଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଜନତା ମଜଦୁର ସେଲର ଚେୟାରମ୍ୟାନ ବିଶ୍ୱପ୍ରିୟ ରୟ ଚୌଧୁରୀ, ଭାରତୀୟ ଜନତା ମଜଦୁର ସେଲର ଉପାଧ୍ୟକ୍ଷ ଅରମାନ ଗାଙ୍ଗୁଲି, ଅଲ ଇଣ୍ଡିଆ କୋଲ ଆଣ୍ଡ ମାଇନ୍ସର ସଂଯୋଜକ ନିର୍ମଳ କୁମାର ମଣ୍ଡଳ ଯୋଗଦେଇ ଓଡ଼ିଶାର ଖଣି ଖାଦାନ ଓ କୋଇଲା ଖଣି ଅଞ୍ଚଳରେ କାମ କରୁଥିବା ଶ୍ରମିକଙ୍କ ପ୍ରତି ଫେଡେରେସନ୍ ସଦାସର୍ବଦା ଗୁରୁତ୍ୱ ଦେଇ ଆସିଛି। ସମୟ ବଦଳିଛି, ଜଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱ ନେବା ଦିନ ଠାରୁ 'ବେଶ୍ କା ବିକାଶ, ସବକା ବିଶ୍ୱାସ ନାରା ଆଜି ଭାରତୀୟଙ୍କୁ ଆକୃଷ୍ଟ କରିଛି । ଓଡ଼ିଶାରେ ଡ଼ବଲ୍ ଇଂଜିନ୍ ସରକାର ଆସିଲାପରେ ପ୍ରଗତୀର ଅଗ୍ରଗତି ଓଡ଼ିଶାବାସୀଙ୍କ ମନରେ ଅନେକ ଆଶା ସଞ୍ଚାର କରିଛି । ଯେଉଁ ଶ୍ରମିକ ମାନେ ବିଶ୍ୱକର୍ମା ସାଜି, ଅହରହ ପରିଶ୍ରମ କରୁଛନ୍ତି, ସେମାନଙ୍କ ସମସ୍ୟା ଓ ଉନ୍ନତି ପାଇଁ ଆମ ଫେଡେରେସନ୍ ସଦାସର୍ବଦା ଚିଚିତ । ଶ୍ରମିକ ନଥିଲେ, ନା ରାସ୍ତାଘାଟ, ନା କୋଠାବାଡ଼ି ନିର୍ମାଣ ସମ୍ଭବ ହୋଇନଥାନ୍ତା। ଶିଳ୍ପ କାରଖାନା କୁହନ୍ତୁ କିମ୍ବା କୃଷିକ୍ଷେତ୍ର ସବୁଠି ଶ୍ରମିକର ହାତର ଯାଦୁକର ଯୋଗୁଁ ଆମେ ବିକାଶଶୀଳ ଭାରତ ବର୍ଷ ଗଢ଼ିବାର ସ୍ୱପ୍ନ ଦେଖନ୍ତୁ । ଶ୍ରମିକ କୁଳ ଜଦି ଶାନ୍ତିରେ ନରହିବେ, ତେବେ କୌଣସି ଦେଶର ପ୍ରଗତିର ରଥ ଆଗକୁ ଯିବ ନାହିଁ। ଫେଡେରେସନର ଜାତୀୟ ଅଧ୍ୟକ୍ଷ ଯେଉଁ ବିଶ୍ୱାସରେ ଓଡ଼ିଶା ଦାୟିତ୍ୱ ମୋ ଉପରେ ନ କରିଛନ୍ତି, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ସବୁମତେ ଉଦ୍ୟମ ଜାରି ରଖିବ। ଖଣି ଅଞ୍ଚଳର ଶ୍ରମିକମାନଙ୍କ ପ୍ରତ୍ୟେକ ସମସ୍ୟା ଉପରେ ନଜର ରଖି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନର ରାସ୍ତା ବାହାର କରିବି । ଏହି କାର୍ଯ୍ୟରେ ଜାତୀୟ ଅଧ୍ୟକ୍ଷ ସବୁମତେ ସାହାଯ୍ୟ କରିବେ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ଓଡ଼ିଶା ଅଧ୍ୟକ୍ଷ ସୁଶାନ୍ତ ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରବି ଦାଶ ଓ ଦେବୀ ପ୍ରଶାଦ ପାତ୍ର, ରାଜକୁମାର ମିଶ୍ର ଶପଥ ସମାରୋହରେ ଯୋଗ ଦେଇଥିଲେ। ବହୁ ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୃତ ବ୍ୟକ୍ତିଙ୍କ ନାଁରେ ଜାଲ ଆଧାର କାର୍ଡ

- ଜାଲ୍ ଦସ୍ତଖତ କରି କୋଟି କୋଟି ଟଙ୍କାର ସମ୍ପତ୍ତି ହଡ଼ପ
- ସୋରଡ଼ା ଆରଆଇ ଓ ସବ୍‌ରେଜିଷ୍ଟାର୍‌ଙ୍କୁ ନେଇ ବଢୁଛି ସନ୍ଦେହ










ଗଞ୍ଜାମ, ୧୧/୦୯ ଜେଏନ୍‌ଏସ୍): ରାଜ୍ୟ ରାଜସ୍ୱ ବିଭାଗରେ ସୋରଡା ତହସିଲ ଅଧିନରେ ଥିବା ଜଣଙ୍କ ଜମି ଯେଉଳି ଭାବେ ଜାଲିଆତି କରି ସବ-ରେଜିଷ୍ଟର ଅଫିସରେ କରାଗଲା ତାହା ସମସ୍ତଙ୍କୁ ବିସ୍ମିତ କରିଛି। ୧୯୯୫ରେ ଜନ୍ମ ନେଇଥିବା ବ୍ୟକ୍ତିଙ୍କ ନାମ ୧୯୮୮ ରେକର୍ଡ ଅଫ ରାଇଟସ୍‌ରେ କିଭଳି ରହିଲା ଓ ଏଥିରେ ଚଞ୍ଚକତା କରାଯାଇଛି ତାହା ଜାଲିଆତି ବଡ ପ୍ରମାଣ। ଏଭଳିକି ୩୦ ବର୍ଷ ତରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ଆଧାର କାର୍ଡ ଏଥିରେ ବ୍ୟବହୃତ କିଭଳି ହୋଇଛି ଏବଂ ସବ-ରେଜିଷ୍ଟରଙ୍କ ଆଖିରେ ଏହା କିଭଳି ପଡିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣରେ ୨ ଜଣ କିରାଣିଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ସବ-ରେଜିଷ୍ଟରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି ହୋଇଛି। ଗଞ୍ଜାମ ଜିଲ୍ଲା ସୋରଡା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ବଡ ଧରଣର ଜମି ଜାଲିଆତି ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ହଡ଼ପ କରାଯାଇଥିବା ନେଇ ଗୁରୁତର ଅଭିଯୋଗ ଆସିଛି । ୩୦ ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ସୋରଡା ଆର୍‌ଆଇ ଓ ସବ୍‌ରେଜିଷ୍ଟାର୍ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କ ନକଲି ଆଧାର କାର୍ଡ ଓ ଜାଲ୍ ଦସ୍ତଖତରେ ଜମି ହଡ଼ପ କରି ନେଇଥିବା ଗୋପିନାଥ ଗୌଡ଼ ଅଭିଯୋଗ ଆଣିଛନ୍ତି । ଏ ନେଇ ଗୋପିନାଥ ଜାଣିବା ପରେ ସୋରଡା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମେତ ସୋରଡା ତହସିଲଦାର,ସୋରଡା ଥାନା ଓ ସବ୍‌ରେଜିଷ୍ଟ୍ରିରେ ଲିଖିତ ଅଭିଯୋଗ କରିଛନ୍ତି । ମିଳିଥିବା ଖବର ଅନୁଯାୟୀ ସୋରଡ଼ା ତହସିଲ ଅନ୍ତର୍ଗତ ପିପଲପଙ୍କା ମୌଜା ସୋରଡା ପାଇକ ସାହିର ୩୦ ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ମୋହନ ଚାନ୍ଦ ଗୌଡ, ଗୋବିନ୍ଦ ଗୌଡ, ରଘୁନାଥ ଗୌଡ, ସହଦେବ ଗୌଡ, ସୋମନାଥ ଗୌଡଙ୍କ ନାମରେ ଖାତା ନମ୍ବର ୮୭ରେ ପ୍ରାୟ ୨୦ ଭରଣ ଜମି ରହିଥିଲା । କିନ୍ତୁ ଏହି ସବୁ ଜମିକୁ ହଡପ ପାଇଁ ଭଗବାନପୁର ଗ୍ରାମର ଜଣେ ବ୍ୟକ୍ତି ନିଜର ଜନସେବା କେନ୍ଦ୍ର ମାଧ୍ୟମରେ ହଡପ କରିବା ପାଇଁ ଯୋଜନା କରିବା ସହ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ବେନାମୀ ଲୋକଙ୍କ ଫଟୋ ଲଗାଇ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ । ନକଲି ଆଧାର କାର୍ଡ ପ୍ରସ୍ତୁତ ପରେ ମୋଟା ଅଙ୍କର ଉତ୍କୋଚ ନେଇ ସୋରଡ଼ା ଆର୍‌ଆଇ ସେହି ଜାଗାର ନକ୍ସା ସହ ଦଲିଲ ପ୍ରସ୍ତୁତ କରି ମୃତ ବ୍ୟକ୍ତିଙ୍କ ନାମରେ ଜୀବିତ ବ୍ୟକ୍ତିଙ୍କୁ ସବ୍‌ରେଜିଷ୍ଟ୍ରାର୍‌ଙ୍କ କାର୍ଯ୍ୟାଳୟରେ ଠିଆ କରି ଦସ୍ତଖତ ନେଇ ଦଲିଲ ପ୍ରସ୍ତୁତ କରିଥିବା ମୃତ ସୋମନାଥ ଗୌଡ଼ଙ୍କ ପୁଅ ଗୋପିନାଥ ଗୁରୁତର ଅଭିଯୋଗ ଆଣିଛନ୍ତି । ତେବେ ଏ ନେଇ ଜିଲ୍ଲାଅଧିକାରୀ,ସ୍ଥାନୀୟ ପୁଲିସ ଓ ସବ୍‌ରେଜିଷ୍ଟ୍ରାର୍ କି ପଦକ୍ଷେପ ନେଉଛନ୍ତି,ତାହା ଦେଖିବାକୁ ବାକି ରହିଲା ।

# ନାଲକୋର ପାଉଁଶ ପାଣି ଗାଁକୁ କାଳ... ରୋଗରେ ଲୋକେ ଆକ୍ରାନ୍ତ, ଗ୍ରାମବାସୀ ହନ୍ତସନ୍ତ



ନାଲକୋର ରେଡ୍ ପଣ୍ଡ ବା ନାଳି ପାଣି ଓ କେମିକାଲ ଯୁକ୍ତ ପୋଖରୀ

**କୋରାପୁଟ, ୧୧/୦୪ (ଶରତ ନାୟକ):** କୋରାପୁଟ ଜିଲ୍ଲାରେ ପ୍ରତିଷ୍ଠିତ ଭାରତର ନବରତ୍ନ କମ୍ପାନୀ ନାଲକୋର ଆଲୁମିନା କାରଖାନା ଡେଙ୍ଗାଜାନିଗୁଡ଼ା ଗାଁକୁ ଆଣି ଦେଇଛି ଦୁଃଖ। ଏହି କାରଖାନା ଦେଶର ବିଭିନ୍ନ ସ୍ଥାନକୁ ଆଲୋକ ସଂଚାର କରୁଥିବା ବେଳେ ଡେଙ୍ଗାଜାନିଗୁଡ଼ା ଗାଁ'କୁ ଅନ୍ଧକାର ମୁଁହକୁ ଠେଲି ଦେଇଛି। ନାଲକୋରୁ ବାହାରୁ ଥିବା ପାଉଁଶ ଓ ନିର୍ଗତ ହେଉଥିବା ଦୁଷିତ ପାଣି ଯୋଗୁଁ ଏହି ଗାଁ' ଅନେକ ଲୋକ ବିଭିନ୍ନ ରୋଗରେ ଘାଣ୍ଟି ହେଉଥିବା ସହିତ କେତେକ ମୃତ୍ୟୁ ବରଣ କରିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ୧୯୮୧ ମସିହାରେ ପ୍ରତିଷ୍ଠା ହୋଇଥିଲା ନାଲକୋ ଆଲୁମିନା କାରଖାନା। ସେତେବେଳେ ଏହାର ଚତୁପାର୍ଶ୍ୱରେ ପ୍ରଭାବିତ ହେବାକୁ ଥିବା ପ୍ରାୟ ୧୪ ଗ୍ରାମକୁ ବିସ୍ଥାପନ ହେବାକୁ ପ୍ରସ୍ତାବ ଥିବା ବେଳେ ୧୩ ଗାଁକୁ ବିସ୍ଥାପନ କରାଯାଇଥିଲା । ଯେଉଁଥିପାଇଁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଥିଲା। ତେବେ କାରଖାନାର ନିର୍ଗତ ହେଉଥିବା ରେଡ୍ ପଣ୍ଡ ବା ନାଳିପାଣି ପୋଖରୀ ଠାରୁ ମାତ୍ର ଅଧା କିଲୋମିଟର ଦୂରରେ ଥିବା ଦଶମନ୍ତପୁର ବ୍ଲକର ମୁଜାଙ୍ଗ ପଞ୍ଚାୟତର ଡେଙ୍ଗାଜାନିଗୁଡ଼ା ଗ୍ରାମ ବାସୀଙ୍କୁ ବିସ୍ଥାପନ କରା ନଯାଇ ଛାଡ଼ି ଦେଇଥିଲା କମ୍ପାନୀ । ଫଳରେ ରେଡ୍ ପଣ୍ଡ ବା କାରଖାନାରୁ ନିର୍ଗତ ଦୂଷିତ ନିଳି ପାଣି ପୋଖରୀ ପାଇଁ ଯେତିକି ଜମି ଅଧିଗ୍ରହଣ କରାଯାଇଥିଲା ତା ଠାରୁ ଅଧିକ ଜମିରେ ପାଣି ମାଡିଯାଇ ଲୋକ ମାନଙ୍କର ବହୁ ଏକର ଜମି ପାଣିରେ ବୁଡ଼ି ଯାଇଥିବା ବେଳେ ସେମାନେ ଆଉ ସେଠାରେ ଚାଷ କରି ପାରୁ ନାହାନ୍ତି।

ବର୍ଷା ଦିନେ ପୋଖରୀରେ ପାଣି ଭର୍ତ୍ତି ହୋଇ ଯାଉଥିବା କାରଣରୁ ସେଗୁଡ଼ିକ ଅନ୍ୟ ଏକ ନାଳରେ ଛାଡ଼ିବା ପାଇଁ କିଛି ମାସ ତଳେ ଏକ ବଡ଼ କେନାଲ ସଦୃଶ ଲମ୍ବା ନାଳ ଖୋଳା ଯାଇ ଛଡ଼ା ଯିବା ବ୍ୟବସ୍ଥା ହେଉଥିଲା, ଏପରିକି ବଡ଼ ବଡ଼ ପଥର ସବୁ ବ୍ଲାଷ୍ଟ କରାଯାଇ କାର୍ଯ୍ୟ ଚାଲୁଥିଲା ବେଳେ ଗ୍ରାମବାସୀ ମାନେ ତାହାକୁ ବିରୋଧ କରିଥିଲେ ସେହିପରି ଅନ୍ୟ ଏକ ନାଳରେ ମଧ୍ୟ ଦୂଷିତ ଓ କେମିକାଲ ଯୁକ୍ତ ପାଣିକୁ କମ୍ପାନୀ ଛାଡୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ପୋଖରୀରୁ ପାଣି କମାଇବା ପାଇଁ କେତେକ ପମ୍ପ ଲଗାଯାଇ ବିପରିତ ଦୀଗରେ ଛଡାଯାଉଛି। ଯେଉଁଥି ପାଇଁ ସେହି ପାଣିରେ ମାଛ ଗୁଡ଼ିକ ମରିଯାଉଥିବା ସହିତ ଉଭୟ ପୋଖରୀ ଓ ଛୋଟ ଦୀରେ ଛଡ଼ା ଯାଉଥିବା କେମିକାଲ ଯୁକ୍ତ ପାଣି ପିଇ ଗୃହ ପାଳିତ ପଶୁ ଛେଳି, ଗାଈ ଓ ମଇଁଷି ଆଦି ବିଭିନ୍ନ ରୋଗରେ ପଡ଼ିବା ସହିତ ମୃତ୍ୟୁ ବରଣ କରୁଛନ୍ତି। ସେହିପରି ଲୋକମାନେ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେବା ସହିତ ଖରାଦିନେ ପୋଖରୀରୁ ମାଟି ଗୁଡ଼ିକ ଉଡ଼ିଆସି ଆଖିରେ ପଡିବାରୁ ଲୋକମାନେ ଦୃଷ୍ଟି ଶକ୍ତି ହରାଉଛନ୍ତି।

ଏପରିକି ସେମାନଙ୍କୁ କୌଣସି ପ୍ରକାର ସହଯୋଗ ଓ ସୁବିଧା ଦେଉନାହିଁ ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ତେବେ ଦୀର୍ଘ ୪ ଦଶନ୍ଧି ହେଲା କାରଖାନା ପ୍ରତିଷ୍ଠା ହୋଇଥିବା ସହିତ ଦେଶର ବିଭିନ୍ନ ସ୍ଥାନରେ କମ୍ପାନୀ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଡେଙ୍ଗାଜାନିଗୁଡ଼ା କଥା ଭୁଲିଗଲା। ଏନେଇ ଗ୍ରାମବାସୀ ମାନେ ଅନେକ ଥର କମ୍ପାନୀର ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ସେହିପରି ଏନେଇ ସ୍ଥାନୀୟ ରାଜନେତା ଓ ଲୋକ ପ୍ରତିନିଧି ମାନେ ଯେପରି ଦିବୀ ଉପସ୍ଥାପନ କରିବା କଥା କରି ନାହାଁନ୍ତି ବୋଲି କହିଛନ୍ତି ଗାଁ ରୋଗ ଲୋକେ। ସେହିପରି ଗାଁ ଠାରୁ ଅଳ୍ପ ଦୂରରେ ରେଡ୍ ପଣ୍ଡ ଥିବାରୁ ସେଥିରୁ ଦୂଷିତ ଓ ରାସାୟନିକ ଯୁକ୍ତ ପାଣି ନିର୍ଗତ ହୋଇ ଆସି ଗାଁ ର ନଳକୂପରେ ମିଶିବା କାରଣରୁ ଲୋକେ ତାହାକୁ ପିଇ ବିଭିନ୍ନ ପେଟ ରୋଗ ସହ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି । କୌଣସି ସୁବିଧା ଓ ସ୍ଥାନାନ୍ତରିତ ବ୍ୟବସ୍ଥା ନକରି ନାଲକୋ ଗାଁ ମୁଣ୍ଡରୁ ପାଚେରୀ ଉଠାଇବା ପାଇଁ କିଛି ଦିନ ତଳେ କାମ ଆରମ୍ଭ କରିଥିଲା ବେଳେ ତାହାକୁ ଗ୍ରାମବାସୀ ମାନେ ବିରୋଧ କରିବାରୁ କାମ ବନ୍ଦ କରି ଚାଲିଯାଇଥିଲେ। ତେବେ କିଛି ଦିନ ତଳେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ଉକ୍ତ ଖବର ପାଇ ଉକ୍ତ ଗ୍ରାମ ପରିଦର୍ଶନ କରିବା ସହିତ ଲୋକ ମାନେ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦେଖିଥିଲେ। ସେ ଏନେଇ ଜିଲ୍ଲାପାଳଙ୍କ ସହିତ ନାଲକୋର ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସଂସଦରେ ଏହି ଘଟଣା ଉପସ୍ଥାପନ କରି ତା'ର ସମାଧାନ ପାଇଁ ଦାବୀ କରିଛନ୍ତି। ଅନ୍ୟ ଏକ ସୂତ୍ରରୁ ଜଣାପଡିଛି ଯେ ଗଣ ମାଧ୍ୟମରେ ଖବ ଯେପରି ନବାହାରିବ ଗାଁର କିଛି ଲୋକମାନଙ୍କୁ ଧରି ସେମାନେ ଯେପରି କୌଣସି ଖବର ସରବରାହ ପ୍ରତିନିଧିଙ୍କୁ କିଛି ପ୍ରତିକ୍ରିୟା ନଦେବେ ସେ ନେଇ ତାଗିଦ କରିଛନ୍ତି ବୋଲି। ସେହିପରି ଗ୍ରାମବାସୀ ମାନଙ୍କ ଦବୀର ହେଉଛି ରେଡ୍ ପଣ୍ଡ ବା ନାଳି ପାଣି ଓ କେମିକାଲ ଯୁକ୍ତ ପୋଖରୀ ନିକଟରୁ ଗ୍ରାମବାସୀ ମାନଙ୍କୁ ସ୍ଥାନାନ୍ତରିତ କରାଯାଇ ସେମାନଙ୍କ କଲୋନୀ ତିଆରି କରି ଥଇଥାନ କରାଯିବା ସହିତ କ୍ଷତିପୂରଣ ପ୍ରଦାନ ଓ ସେମାନଙ୍କ ପିଲା ମାନଙ୍କୁ କାରଖାନାରେ ଚାକିରୀ ଯୋଗାଦିଆଯାଉ ବୋଲି। ଯଦି ତାହା ହୁଏ ଆଗାମୀ ଦିନରେ ସେମାନେ ଆନ୍ଦୋଳନ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି। ତେବେ ନାଲକୋ କର୍ତୃପକ୍ଷଙ୍କ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଏମାନଙ୍କ ମୁହଁରୁ...



**କୃଷ୍ଣ ବିଷୋୟୀ**
ଆମ ଗାଁ ର ଲୋକ ମାନଙ୍କୁ ଅନ୍ୟତ୍ର ଉଠାଯାଇ କଲୋନୀ କରି ଥଇଥାନ କରା ଯିବା ସହିତ କ୍ଷତିପୂରଣ ଓ ଚାକିରୀ ଦିଆଯାଉ।



**ପଦୁ ବିଷୋୟୀ**
ପୋଖରୀରୁ କେମିକାଲ ଯୁକ୍ତ ପାଣି ଝରି ଗାଁ ନଳକୂପରେ ମିଶୁଛି, ସେହି ପାଣି ପିଇବାରୁ ଲୋକମାନେ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି କହିଛନ୍ତି ପଦୁ।



**ବେବର୍ତ୍ତା ବିଷୋୟୀ**
ରେଡ୍ ପଣ୍ଡ ଓ ଗାଁ ନିକଟରେ ଆସ୍ ପଣ୍ଡ ଥିବାରୁ ଆବର୍ଜନା ପାଣି ସହିତ ପାଉଁଶ ଉଡି ଆସି ନାନାଦି ରୋଗରେ ଆମ ଗାଁ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏନେଇ ବାରମ୍ବାର ନାଲକୋ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲେ ମଧ୍ୟ କେହି ଶୁଣୁ ନାହାଁନ୍ତି।




**ଶ୍ୟାମ ଜାନୀ**
ପୋଖରୀରୁ ପାଣି ପିଇ ଗାଈ ଗୋରୁ ମାନେ ରୋଗାକ୍ରାନ୍ତ ହେଉଛନ୍ତି।

# ଭେନେଜୁଏଲାରେ ଲୋକପ୍ରିୟ ଡୋନାଲ୍ଡ ରାଷ୍ଟ୍ରପତି ପଦ ଛାଡିବେ କି ଟ୍ରମ୍ପ ?



ୱାଶିଂଟନ, ୧୧/୦୪ : ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଆସିଛି। ସେ ଦାବି କରିଛନ୍ତି ଯେ ସେ ଭେନେଜୁଏଲାରେ ମଧ ଯଥେଷ୍ଟ ଲୋକପ୍ରିୟତା ଉପଭୋଗ କରନ୍ତି। ସେ କହିଛନ୍ତି ଯେ, ଆମେରିକାର ରାଷ୍ଟ୍ରପତି ଭାବରେ ତାଙ୍କର କାର୍ଯ୍ୟକାଳ ସମାପ୍ତ କରିବା ପରେ, ସେ ଭେନେଜୁଏଲାରେ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଚାର କରିପାରନ୍ତି। ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଟ୍ରମ୍ପ ଏହି ବିବୃତ୍ତି ହାଲୁକା ଭାବରେ ଦେଇଥିଲେ। ସେ ମନ୍ତବ୍ୟ ଦେଇଥିଲେ ଯେ ସେ ଆଜି ପର୍ଯ୍ୟନ୍ତ ଅନ୍ୟ ଯେକୌଣସି ନେତାଙ୍କ ତୁଳନାରେ ଭେନେଜୁଏଲାରେ ଅଧିକ ଲୋକପ୍ରିୟତା (ପୋଲ ରେଟିଂ) ହାସଲ କରିପାରିବେ। ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ, ଗତ ଜାନୁଆରୀରେ, ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକାକୁ ନିଶା ଚାଲାଣ ସମ୍ପର୍କିତ ଅଭିଯୋଗର ସମ୍ମୁଖୀନ କରିବା ପାଇଁ ଗିରଫ କରିବାକୁ ଚାହୁଁଥିଲା।

ଟ୍ରମ୍ପ କହିଛନ୍ତି, "ଭେନେଜୁଏଲାର ଲୋକମାନେ କୁହନ୍ତି ଯେ ଯଦି ମୁଁ ସେଠାରେ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରେ, ତେବେ ମୋର ଲୋକପ୍ରିୟତା ଇତିହାସରେ ଅନ୍ୟ କାହାଠାରୁ ଅଧିକ ହେବ। ତେଣୁ, ମୁଁ ଆମେରିକାରେ ମୋର କାମ ସମାପ୍ତ କରିବା ପରେ, ମୁଁ ଭେନେଜୁଏଲାକୁ ଯାଇପାରେ।" ସେ ଆହୁରି କହିଲେ, "ମୁଁ ବହୁତ ଶୀଘ୍ର ସ୍ପାନିସ ଶିଖିବି; ଏଥିରେ ଅଧିକ ସମୟ ଲାଗିବ ନାହିଁ। ମୁଁ ଭାଷାରେ ଭଲ, ଏବଂ ମୁଁ ଭେନେଜୁଏଲା ଯିବି। ମୁଁ ରାଷ୍ଟ୍ରପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବି।" ଆମେରିକୀୟ ରାଷ୍ଟ୍ରପତି ଆହୁରି ମନ୍ତବ୍ୟ ଦେଇଛନ୍ତି, "ବର୍ତ୍ତମାନ ପାଇଁ, ଆମେ ସେଠାରେ ଦାୟିତ୍ୱରେ ଥିବା ନିର୍ବାଚିତ ରାଷ୍ଟ୍ରପତିଙ୍କ ଉପରେ ବହୁତ ଖୁସି।" ଏହା ଉଲ୍ଲେଖନୀୟ ଯେ ଜାନୁଆରୀ ୩ ରେ ନିକୋଲାସ ମାଦୁରୋଙ୍କ ଗିରଫଦାରୀ ଚେଷ୍ଟା ପରେ, ଉପରାଷ୍ଟ୍ରପତି ଡେଲସି ରୋଡ୍ରିଗେଓ୍ୱଜ ଭେନେଜୁଏଲାରେ କାର୍ଯ୍ୟକାରୀ ରାଷ୍ଟ୍ରପତିର ଦାୟିତ୍ୱ ଗ୍ରହଣ କରିଥିଲେ। ସାମ୍ବାଦିକ ସମ୍ମିଳନୀ ସମୟରେ, ଟ୍ରମ୍ପ ମଧ କହିଥିଲେ ଯେ ଭେନେଜୁଏଲା ସହିତ ସଂଘର୍ଷ "୪୫ ମିନିଟ ମଧରେ ଶେଷ ହୋଇଗଲା," ଏବଂ ସେ ଦାବି କରିଥିଲେ ଯେ ଆମେରିକା ସେବେଠାରୁ ଦେଶରୁ ଲକ୍ଷ ଲକ୍ଷ ବ୍ୟାରେଲ ତେଲ ସୁରକ୍ଷିତ କରିଛି। ସେ ଏହା କହି ଶେଷ କଲେ, "ଭେନେଜୁଏଲା ଭଲ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛି।" "ଆମର ଭଲ ସମ୍ପର୍କ ଅଛି, ଏବଂ ଆମେ ସେମାନଙ୍କର ଅଂଶୀଦାର। ଆମେ ଲକ୍ଷ ଲକ୍ଷ ବ୍ୟାରେଲ ତେଲ ସୁରକ୍ଷିତ କରିଛୁ, ଯାହାକୁ ହ୍ୟୁଷ୍ଟନରେ ବିଶୋଧନ ଏବଂ ପ୍ରକ୍ରିୟାକରଣ କରାଯାଇଛି; ଏହା ମାଧ୍ୟମରେ, ସେହି ଯୁଦ୍ଧର ଖର୍ଚ୍ଚ ପୂର୍ବରୁ ଅନେକ ଥର ପୂରଣ କରାଯାଇଛି।"

# ମୋଦୀଙ୍କୁ କାପୁରୁଷ କହି ବର୍ଷିଲେ ପ୍ରିୟଙ୍କା ଗାନ୍ଧୀ



ନୂଆଦିଲ୍ଲୀ, ୧୧/୦୪ : କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଗୁରୁବାର କେରଳ ନିର୍ବାଚନୀ ପ୍ରଚାରକୁ ଓହ୍ଲାଇ ମୋଦୀଙ୍କ ଉପରେ ବର୍ଷିଛନ୍ତି। ମୋଦୀଙ୍କୁ କାପୁରୁଷ କହିବା ସହ ଶାସକ ଏଲଡ଼ିଏଫ ଓ ମୁଖ୍ୟମନ୍ତ୍ରୀଙ୍କୁ ମୋଦୀଙ୍କ ବି-ଟିମ୍ କହିଛନ୍ତି ପ୍ରିୟଙ୍କା। କେରଳ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ଆଜି ପୁଥାନଥୋପୁରେ ଏକ ପ୍ରଚାର ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟାନଙ୍କୁ କଟାକ୍ଷ କରିଛନ୍ତି ପ୍ରିୟଙ୍କା। ସେ କହିଛନ୍ତି, ପଶ୍ଚିମ ଏସିଆ ବିବାଦରେ ମୋଦି ଆମେରିକା ଏବଂ ଇସ୍ରାଏଲ ଆଗରେ ମୁଣ୍ଡ ନୁଆଇଁଛନ୍ତି। ଫଳସ୍ୱରୂପ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେପରି ଭାରତ ମଧ ଅନ୍ୟ ଦେଶମାନଙ୍କ ସହ କ୍ଷତି ସହିବ। ଆମର ପ୍ରଧାନମନ୍ତ୍ରୀ ଜଣେ କାପୁରୁଷ ଯାହାର କୌଣସି ମେରୁଦଣ୍ଡ ନାହିଁ। ତାଙ୍କ ସହିତ ଆପୋଷ ବୁଝାମଣା କରାଯାଇଛି। ଆମେ ପ୍ରତିଦିନ ଏଥିପାଇଁ ମୂଲ୍ୟ ଦେଉଛୁ କାରଣ ତାଙ୍କ ପାଖରେ ଭାରତ ପାଇଁ ଠିଆ ହେବାର ସାହସ ନାହିଁ। ଆମେ ମଧ ପ୍ରତିଦିନ ମୂଲ୍ୟ ଦେଉଛୁ କାରଣ ତାଙ୍କ ନାମ ଏପଷ୍ଟାଇନ ଫାଇଲରେ ଅଛି ଏବଂ ସେ ନିଜକୁ ରକ୍ଷା କରିବାକୁ ଚାହାଁନ୍ତି ବୋଲି କହି ମୋଦୀଙ୍କ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ସେ ଆହୁରି ଅଭିଯୋଗ ଆଣିଛନ୍ତି ଯେ ମୋଦିଙ୍କ ନୀତି ସଂଘର୍ଷ ସମୟରେ ଉପସାଗରୀୟ ଅଞ୍ଚଳରେ ଫସି ରହିଥିବା ଭାରତୀୟମାନଙ୍କୁ ସୁରକ୍ଷା ପ୍ରଦାନ କରିନାହିଁ। ଶାସକ ଏଲଡିଏଫ ଏବଂ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ ମୋଦିଙ୍କ ବି-ଟିମ୍ ବୋଲି କହି ମଧ ଅଭିଯୋଗ କରିଛନ୍ତି। ସେ ଦେଶରେ ମୋଦୀଙ୍କ ବିରୁଦ୍ଧରେ ଯାଉଥିବା ନେତା ଇଡି, ସିବିଆଇ ଏବଂ ଆଇଟି ଦ୍ୱାରା ଗିରଫ ହେଉଥିବା ଅଭିଯୋଗ ଆଣି କହିଛନ୍ତି ଯେ, ଜଣେ ନେତାଙ୍କ ନାମ କୁହନ୍ତୁ ଯିଏ ମୋଦୀଙ୍କ ବିରୁଦ୍ଧରେ ଠିଆ ହୋଇ ନିଜକୁ ପ୍ରକାଶ କରିଛନ୍ତି ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଆୟକର ବିଭାଗ, ସିବିଆଇ କିମ୍ବା ତାଙ୍କ ଅନ୍ୟ ଏଜେନ୍ସି ଦ୍ୱାରା ଆକ୍ରମଣର ଶିକାର ହୋଇନାହାଁନ୍ତି। ସେ ଆହୁରି ଦାବି କରିଛନ୍ତି ଯେ ସରକାରୀ ଡାକ୍ତରଖାନାଗୁଡ଼ିକରେ କର୍ମଚାରୀ, ଚିକିତ୍ସା ଉପକରଣ ଏବଂ ଔଷଧର ଅଭାବ ଥିବାରୁ କେରଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡୁଛି।

## ମହିଳା ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଅଧିବେଶନ

ନୂଆଦିଲ୍ଲୀ, ୧୧/୦୪ : ଦେଶରେ ମହିଳା ସଂରକ୍ଷଣ ବିଲ୍ ପାଇଁ ସଂସଦରେ ବସିବା ସ୍ୱତନ୍ତ୍ର ଅଧିବେଶନ। ଏଥିପାଇଁ ୩ଦିନ ଧାର୍ଯ୍ୟ କରାଯାଇଛି। ଦେଶରେ ମହିଳା ସଂରକ୍ଷଣ ବିଲ ପାଇଁ ଚିନ୍ତା ପ୍ରକାଶ କରିଛନ୍ତି। ଏଥିପାଇଁ ସଂସଦ ଅଧିବେଶନ ବାଦ ସ୍ୱତନ୍ତ୍ର ଅଧିବେଶନ ବସିବାକୁ ଯାଉଛି। ଯେଉଁଥିପାଇଁ ୩ ଦିନ ମଧ ଧାର୍ଯ୍ୟ କରାଯାଇଛି। ଆସନ୍ତା ୧୬ତାରିଖରୁ ଏନେଇ ଅଧିବେଶନ ଆରମ୍ଭ ହେବ ଏବଂ ୧୮ ତାରିଖ ପର୍ଯ୍ୟନ୍ତ ଏହି ବିଲ ଉପରେ ଆଲୋଚନା ଚାଲିବ। ବିଶେଷ କରି ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ? ପାଇଁ ଏହି ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି।

## ମାଗଣା ଏଲପିଜି ସିଲିଣ୍ଡର ଦେବ ବିଜେପି

ନୂଆଦିଲ୍ଲୀ, ୧୧/୦୪ : ଇରାନରେ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ଏଲପିଜି ସଙ୍କଟ ମଧରେ ଆଶ୍ଚର୍ଯ୍ୟ କରିଛି ବିଜେପିର ବଡ଼ ପ୍ରତିଶ୍ରୁତି। ନିର୍ବାଚନୀ ଘୋଷଣାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ ଏନଡିଏ ଆସାମରେ କ୍ଷମତାକୁ ଫେରିଲେ ପରିବାରକୁ ବର୍ଷକୁ ଦୁଇଟି ମାଗଣା ଏଲପିଜି ସିଲିଣ୍ଡର ଯୋଗାଇବ। ଶନିବାର ଏକ ନିର୍ବାଚନୀ ରାଲିରେ ସମ୍ବୋଧିତ କରି ହିମନ୍ତ କହିଛନ୍ତି, ବିଜେପି ସରକାର ଲୋକଙ୍କୁ ଦୁଇଟି ଏଲପିଜି ସିଲିଣ୍ଡର ମାଗଣାରେ ଯୋଗାଇବେ। ଗୋଟିଏ ବିହୁ ପୂର୍ବରୁ ଏବଂ ଅନ୍ୟଟି ଦୁର୍ଗା ପୂଜା ପୂର୍ବରୁ। ଏଥିପାଇଁ ଆପଣଙ୍କୁ ଦେୟ ଦେବାକୁ ପଡ଼ିବ ନାହିଁ, 'ମାମା' (ଆସାମର ଲୋକେ ହିମନ୍ତଙ୍କୁ ମାମା ବୋଲି ସମ୍ବୋଧନ କରନ୍ତି) ଦେବେ। ଏହା କ'ଣ ଭଲ ହେବ ନାହିଁ ବୋଲି କହି ଆସାମ ବାସୀଙ୍କୁ ପ୍ରଶ୍ନ କରିଛନ୍ତି ହିମନ୍ତ। ଆସାମରେ ଏପ୍ରିଲ ୯ରେ ନିର୍ବାଚନ ଅନୁଷ୍ଠିତ ହେବ। ମେ ୪ରେ ଗଣତି କରାଯିବ।

## କେରଳରେ ବିଜେପି ହିଁ ବିକାଶ ଆଣିବ: ପ୍ରଧାନମନ୍ତ୍ରୀ

ତିରୁଅନନ୍ତପୁରମ, ୧୧/୦୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କେରଳ ଗସ୍ତରେ ଯାଇଥିବାବେଳେ ଏକାଧିକ ନିର୍ବାଚନ ସଭାକୁ ସମ୍ବୋଧିତ କରିଛନ୍ତି। ତିରୁଭାଲା ସହରରେ ଆୟୋଜିତ ଏକ ସଭାରେ ଭାଷଣ ଦେବା ଅବସରରେ ମୋଦୀ କହିଛନ୍ତି ଯେ ରାଜ୍ୟରେ କ୍ଷମତାସୀନ ଏଲଡିଏଫ୍ (ଲେଫ୍ଟ ଡେମୋକ୍ରାଟିକ ଫ୍ରଣ୍ଟ) ସରକାର ଦୁର୍ନୀତିରେ ବୁଡି ରହିଥିବାରୁ ଲୋକହିତକର କାର୍ଯ୍ୟ ଏକ ସ୍ୱପ୍ନ ପାଲଟିଛି। କେବଳ ବିଜେପି କ୍ଷମତାକୁ ଆସିଲେ ରାଜ୍ୟରେ ବିକାଶ ସମ୍ଭବ ହୋଇପାରିବ ବୋଲି ମୋଦୀ କହିଛନ୍ତି। ଏହି ପ୍ରସଙ୍ଗରେ ମୋଦୀ କେନ୍ଦ୍ରରେ ପୂର୍ବରୁ କ୍ଷମତାସୀନ ୟୁପିଏ ସରକାରଙ୍କୁ ସମାଲୋଚନା କରିଛନ୍ତି। ମୋଦୀ କହିଛନ୍ତି ୟୁପିଏ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଶାସନ କ୍ଷମତାରେ ଥିବାବେଳେ କେରଳକୁ ଯେଉଁ ଅନୁଦାନ ଦେଇଥିଲା, ଏନଡିଏ ସରକାର ସେହି ତୁଳନାରେ ଯଥେଷ୍ଟ ଅଧିକ ଅନୁଦାନ ଦେଇଥିବା ମୋଦୀ କହିଛନ୍ତି। ସେ ଆହୁରି କହିଛନ୍ତି 'ମୁଁ ପୂର୍ବରୁ ଅନେକଥର କେରଳ ଆସିଛି। ତେବେ ଏଥର ରାଜ୍ୟରେ ପରିବର୍ତ୍ତନର ହାୱା ବହୁଥିବା ଲକ୍ଷ୍ୟ କରୁଛି'।

## 'ଆବାର ଜିତ୍‌ବେ ବାଂଲା' ବନାମ 'ପାଲ୍‌ଟାନୋ ଦରକାର'

କଲକାତା, ୧୧/୦୪ : ଚଳିତମାସ ପାଞ୍ଚ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି ପଶ୍ଚିମବଙ୍ଗ। ୨୦୧୧ରୁ ଏଠାରେ କ୍ଷମତା ଉପଭୋଗ କରୁଥିବା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)କୁ ଗାଦିଚ୍ୟୁତ କରିବାକୁ ବିଜେପି ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛି। ଭୋଟଗ୍ରହଣ ଦିନ ଯେତେ ପାଖେଇ ଆସୁଛି, ଟିଏମସି ଓ ବିଜେପି ପକ୍ଷରୁ ପ୍ରଚାର ଅଭିଯାନକୁ ଅଧିକ ଜୋରଦାର କରାଯାଉଛି। ବର୍ତ୍ତମାନ ରାଜ୍ୟରେ ଏହି ଦୁଇ ଦଳ ମଧରେ ସ୍ଲୋଗାନ ଯୁଦ୍ଧ ଦେଖିବାକୁ ମିଳୁଛି। ନିର୍ବାଚନ ସଭାରେ ମମତା କହୁଛନ୍ତି 'ଯତୋଇ କରୋ ହାମ୍‌ଲା, ଆବାର ଜିତ୍‌ବେ ବାଂଲା'। ଅର୍ଥାତ୍ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ସରକାରଙ୍କ ପକ୍ଷରୁ ଯେତେ ଆକ୍ରମଣ କରାଗଲେ ସୁଦ୍ଧା ବଙ୍ଗଳାର ବିଜୟ ଘଟିବ। ପୂର୍ବ ନିର୍ବାଚନରେ ମମତାଙ୍କ ଡାଏଲଗ୍ 'ଖେଲା ହୋବେ' ବେଶ ଲୋକପ୍ରିୟତା ହାସଲ କରିଥିଲା। ମମତାଙ୍କୁ ଟକ୍କର ଦେବାକୁ ବିଜେପି ସ୍ଲୋଗାନ ଦେଉଛି 'ପାଲଟାନୋ ଦରକାର, ଚାଇ ବିଜେପି ସରକାର'। ଅର୍ଥାତ୍ କ୍ଷମତା ପରିବର୍ତ୍ତନ ହେବା ଜରୁରୀ, ଆମେ ଚାହୁଁଛୁ ବିଜେପି ସରକାର'।

## ପଞ୍ଜାବ ରାଜନୀତିରେ ବଡ଼ ହଲଚଲ, ନୂଆ ଦଳ ଘୋଷଣା କଲେ ନବଜୋତ କୌର ସିଦ୍ଧୁ




ନୂଆଦିଲ୍ଲୀ, ୧୧/୦୪ : ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ବଡ଼ ଧରଣର ହଲଚଲ। କଂଗ୍ରେସ ଦଳରୁ ବହିଷ୍କୃତ ହେବା ପରେ ନବଜୋତ ସିଦ୍ଧୁ ବଡ଼ ରାଜନୈତିକ ପଦକ୍ଷେପ ନେଇଛନ୍ତି। ନୂଆ ଦଳ ଘୋଷଣା କରିଛନ୍ତି ନବଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ଡକ୍ଟର ନବଜୋତ କୌର ସିଦ୍ଧୁ। ନବଜୋତ ତାଙ୍କ ସରକାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଏହି ଘୋଷଣା କରିଛନ୍ତି। ସେ ତାଙ୍କ ଦଳର ନାମ ଭାରତୀୟ ରାଷ୍ଟ୍ରୀୟ ପାର୍ଟି ରଖିଛନ୍ତି। ପୋଷ୍ଟରେ ନବଜୋତ ସିଦ୍ଧୁ ଲେଖିଛନ୍ତି ଯେ ସେ ତାଙ୍କ ଦଳ ଘୋଷଣା କରିବା ପାଇଁ ବହୁତ ଦିନ ଅପେକ୍ଷା କରିଥିଲେ। ସେ କହିଛନ୍ତି ଯେ ସେ ଏକ ନୂତନ ଜାତୀୟ ସ୍ତରୀୟ ବିକଳ୍ପ ଉପରେ କାମ କରୁଛନ୍ତି। ତାଙ୍କ ଦେଶ ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିବାକୁ ଚାହାଁନ୍ତି। ତେଣୁ ସେ ଏହି ଦଳ ଘୋଷଣା କରିଛନ୍ତି। ନବଜୋତ କୌର ସିଦ୍ଧୁ ଇନଷ୍ଟାଗ୍ରାମରେ ଏକ ଫଟୋ ସେୟାର କରି ଲେଖିଛନ୍ତି, 'ରାଜନୈତିକ ନେତାଙ୍କ ବର୍ତ୍ତମାନର କାର୍ଯ୍ୟଦକ୍ଷତା ମାନଦଣ୍ଡକୁ ସତର୍କତାର ସହ ତଦାରଖ ଏବଂ ସମୀକ୍ଷା କରିବା ପରେ, ଆମେ ଜାତୀୟ ସ୍ତରରେ ଏକ ନୂତନ ବିକଳ୍ପ ଉପରେ କାମ କରୁଛୁ। ଆମେ ଆମ ଦେଶ ପାଇଁ ଆମର ଜୀବନ ଉତ୍ସର୍ଗ କରିବାକୁ ଚାହୁଁଛୁ। ଲୋକମାନେ ଯାହା ପାଇବାର ଯୋଗ୍ୟ ଏବଂ ଆମଠାରୁ ଯାହା ଆଶା କରନ୍ତି ତାହା ଫେରାଇ ଦେବାକୁ। ଈଶ୍ୱର କିଛି ସମାନ ମନର ବ୍ୟକ୍ତିଙ୍କୁ ଏକାଠି କରିଛନ୍ତି। ଯେଉଁମାନଙ୍କ ପାଖରେ ପ୍ରତ୍ୟେକ ରାଜ୍ୟରେ ନ୍ୟାୟ ଏବଂ ଶାନ୍ତି ପ୍ରଦାନ କରିବାର ସାଧାରଣ ଲକ୍ଷ୍ୟ ସହିତ କାମ କରିବାର କ୍ଷମତା, ଆତ୍ମବିଶ୍ୱାସ, ସାହସ ଏବଂ ଦୃଢ଼ ନିଷ୍ପତ୍ତି ଅଛି। ଡକ୍ଟର ନବଜୋତ କୌର ସିଦ୍ଧୁ ଆହୁରି ଲେଖିଛନ୍ତି, 'ଆମେ ପଞ୍ଜାବକୁ ଏକ ସ୍ୱର୍ଣ୍ଣ ରାଜ୍ୟ ଭାବରେ ତାହାର ହଜିଯାଇଥିବା ଗୌରବ ଫେରାଇ ଆଣିବାରେ ସାହାଯ୍ୟ କରିବୁ। ଲୋକମାନେ ପ୍ରେମ, ବାଣ୍ଟିବା, ନ୍ୟାୟ, ସ୍ୱାଧୀନତାର ଅଧିକାର ଏବଂ ନିଃସ୍ୱାର୍ଥପର ସେବା ଏବଂ ଆଧ୍ୟାତ୍ମିକ ବିକାଶ ଉଦ୍ଦେଶ୍ୟରେ ଏକାଠି କାମ କରିବାର ଶକ୍ତି ଜାଣନ୍ତି। କୌଣସି ବାହ୍ୟ ହସ୍ତକ୍ଷେପ ବିନା ସେମାନଙ୍କର ଲକ୍ଷ୍ୟ, ମୂଲ୍ୟବୋଧ ଏବଂ ଦୃଷ୍ଟିକୋଣ ହାସଲ କରିପାରିବେ। ପଞ୍ଜାବର ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ ଏକ ସରକାର।

## କ୍ଷମତା ବଜାୟ ରଖିବ ଡିଏମକେ



ଚେନ୍ନାଇ, ୧୧/୦୪ : ତାମିଲନାଡୁ ବିଧାନସଭାର ୨୩୪ ଆସନ ପାଇଁ ଏପ୍ରିଲ ୨୩ରେ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। କ୍ଷମତାସୀନ ଡିଏମକେ ସ୍ଥିତି ବଜାୟ ରଖିବାକୁ ଜୋରସୋର ଉଦ୍ୟମ କରୁଥିବାବେଳେ ଏଆଇଏଡିଏମକେ ନେତୃତ୍ୱାଧୀନ ଏନଡିଏ ମେଣ୍ଟ ସେମାନଙ୍କୁ କଡା ଟକ୍କର ଦେବାକୁ ପ୍ରସ୍ତୁତି ଚଳାଇଛି। ଅପରପକ୍ଷରେ ତାମିଲ ସୁପରଷ୍ଟାର ବିଜୟଙ୍କ ଟିଭିକେ (ତାମିଲାଗା ଭେଟ୍ରି କାଜାଗମ) ପ୍ରଥମ ଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ଏକାଧିକ ଆସନ ହାତେଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଇତିମଧ୍ୟରେ ଦୁଇଟି ସଂସ୍ଥା ତରଫରୁ କରାଯାଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ ଏମ.କେ.ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମକେ ମେଣ୍ଟ ପୁଣି କ୍ଷମତା ବଜାୟ ରଖିବ ବୋଲି ଜଣାପଡିଛି। ମାର୍ଚ୍ଚ ୧ରୁ ଏପ୍ରିଲ ୧ ମଧ୍ୟରେ କରାଯାଇଥିବା ଏହି ସର୍ଭେ ୧୮୯ ଆସନରେ ବିଜୟୀ ହେବ। ଏହି ମେଣ୍ଟର ଭୋଟ ସେୟାର ୪୨.୭ ପ୍ରତିଶତ ରହିବ ବୋଲି ଆଶା କରାଯାଉଛି। ଷ୍ଟାଲିନ ସରକାରଙ୍କ ପକ୍ଷରୁ ଏକାଧିକ ବିକାଶ ଯୋଜନା ଯଥା ମାଗଣା ବସ୍ ଯାତ୍ରା, ପ୍ରାତଃ ଜଳଖିଆ ଏବଂ 'କଲାଇଗନାର ମାଗାଲିର ଉରିମାଇ ଥୋଗାଇ' ବିଶେଷ କରି ମହିଳା ଭୋଟରଙ୍କୁ ଅଧିକ ଆକୃଷ୍ଟ କରୁଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଏଆଇଏଡିଏମକେ ମେଣ୍ଟର ଭୋଟକୁ ଟିଭିକେ ଭାଗ କରିବ, ଯାହା ଡିଏମକେ କୁହାଯାଉଛି। ଅପରପକ୍ଷରେ ଏଆଇଏଡିଏମକେ ମେଣ୍ଟକୁ ୩୮-୪୨ ଏବଂ ଟିଭିକେକୁ ୮-୧୦ଟି ଆସନ ମିଳିବାର ସମ୍ଭାବନା ରହିଛି। ସଂଖ୍ୟାଲଘୁ ସଂପ୍ରଦାୟର ଅଧିକାଂଶ ଭୋଟ ଏଆଇଏଡିଏମକେ ମେଣ୍ଟକୁ ଯିବ ବୋଲି ଆକଳନ କରାଯାଉଛି। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଭୋଟରମାନେ ଷ୍ଟାଲିନଙ୍କୁ ସବୁଠାରୁ ଅଧିକ ପସନ୍ଦ କରୁଥିବାବେଳେ ବିଜୟ (ଟିଭିକେ) ଏବଂ ପାଲାନିସ୍ୱାମୀ (ଏଆଇଏଡିଏମକେ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# ଆପ୍ ଦଳ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ ଆଣିଲେ ରାଘବ ଚଢ଼ା



ନୂଆଦିଲ୍ଲୀ, ୧୧/୦୪ : ରାଜ୍ୟସଭାରେ ଆପ ସାଂସଦ ଦଳୀୟ ଉପନେତା ପଦରୁ ରାଘବ ଚଢ଼ାଙ୍କୁ ହଟାଇଥିଲା ଦଳ। ରାଘବନଙ୍କ ବିରୁଦ୍ଧରେ ଦଳ ୩ଟି ଅଭିଯୋଗ ଆଣି ତାଙ୍କୁ ପଦରୁ ହଟାଇବାକୁ ନିଷ୍ପତ୍ତି ନେଇ ସାଂସଦ ସଚିବଙ୍କୁ ଚିଠି ଲେଖିଥିଲା। ଏଥିସହ ତାଙ୍କର କହିବାର ସମୟ ମଧ କାମ କରିଥିଲା ଦଳ। ଯାହାକୁ ନେଇ ରାଘବ ଆଜି ଉତ୍ତର ରଖିଛନ୍ତି। ସମାଜିକ ଗଣମାଧମ "ଏକ୍ସ"ରେ ଏକ ଭିଡିଓ ପୋଷ୍ଟ କରି ସେ ଲେଖିଛନ୍ତି, ଗତକାଲିଠାରୁ ମୋ ବିରୁଦ୍ଧରେ ଏକ ସ୍କ୍ରିପ୍ଟ ଲେଖାଥିବା ଅଭିଯାନ ଚାଲିଛି। ସମାନ ଭାଷା, ସମାନ ଶବ୍ଦ, ସମାନ ଅଭିଯୋଗ। ଏହା କୌଣସି ସଂଯୋଗ ନୁହେଁ, ବରଂ ଏକ ସମନ୍ୱିତ ଆକ୍ରମଣ। ପ୍ରଥମେ, ମୁଁ ଭାବିଲି ଯେ ମୋତେ ଉତ୍ତର ଦେବା ଉଚିତ୍ ନୁହେଁ। ତା'ପରେ ମୁଁ ଭାବିଲି ଯେ ଯଦି ଏକ ମିଛକୁ ୧୦୦ଥର ପୁନରାବୃତ୍ତି କରାଯାଏ, ତେବେ କିଛି ଲୋକ ଏହାକୁ ବିଶ୍ୱାସ କରିପାରନ୍ତି। ତେଣୁ ମୁଁ ଜବାବ ଦେବାକୁ ନିଷ୍ପତ୍ତି ନେଇଥିଲି। ଆମ ଆଦମୀ ପାର୍ଟି ତିନୋଟି ଅଭିଯୋଗ ଆଣିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଏହି ତିନୋଟି ଅଭିଯୋଗ ଯୋଗୁଁ ଦଳ ରାଘବ ଚଢାଙ୍କୁ ସଂସଦରେ କହିବାର ସୁଯୋଗ ଦେବ ନାହିଁ। ପ୍ରଥମ ଅଭିଯୋଗ ହେଉଛି ଯେତେବେଳେ ବିରୋଧୀ ସଂସଦ କକ୍ଷତ୍ୟାଗ କରନ୍ତି ସେତେବେଳେ ରାଘବ ଚଢା ଗୃହରେ ବସି ରୁହନ୍ତି। ଏହା ଏକ ସ୍ପଷ୍ଟ ମିଛ ଅଭିଯୋଗ। ଦ୍ୱିତୀୟ ଅଭିଯୋଗ ଥିଲା ଯେ ରାଘବ ଚଢା ମୁଖ୍ୟ ନିର୍ବାଚନ କମିଶନରଙ୍କୁ ବହିଷ୍କାର କରିବା ପାଇଁ ତାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆବେଦନରେ ସ୍ୱାକ୍ଷର କରିବାକୁ ମନା କରିଥିଲେ। ଆଉ ଏକ ସ୍ପଷ୍ଟ ମିଛ। କୌଣସି ଆମ ଆଦମୀ ପାର୍ଟି ନେତା ମୋତେ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିବାକୁ କହି ନଥିଲେ। ଆନୁଷ୍ଠାନିକ ଭାବରେ କିମ୍ବା ଅନୌପଚାରିକ ଭାବରେ ମଧ ମୋତେ ଜଣାଇ ନଥିଲେ। ଆମ ଆଦମୀ ପାର୍ଟିର ରାଜ୍ୟସଭାରେ ମୋଟ ୧୦ଜଣ ସାଂସଦ ଅଛନ୍ତି ସେମାନଙ୍କ ମଧରୁ ଛଅ କିମ୍ବା ସାତ ଜଣ ପ୍ରସ୍ତାବରେ ସ୍ୱାକ୍ଷର କରି ନଥିଲେ। ତେବେ ଏଥିରେ ମୋର ଦୋଷ କ'ଣ ? କାହିଁକି ସବୁ ଦୋଷ କ'ଣ ମୋ ଉପରେ ଲଗାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ରାଘବ। ସେ ଆହୁରି କହିଛନ୍ତି ଯେ, ମୁଁ ଚିଲେଇବା, ପାଟିତୁଣ୍ଡ କରିବା, ମାଇକ୍ରୋଫୋନ୍ ଭାଙ୍ଗିବା କିମ୍ବା ଗାଳି ଦେବା ପାଇଁ ସଂସଦକୁ ଯାଇ ନଥିଲି। ମୁଁ ସେଠାକୁ ସାଧାରଣ ସମସ୍ୟା ଉଠାଇବା ପାଇଁ ଯାଇଥିଲି।

## ଆମେରିକା-ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନା

ଆମେରିକା, ୧୧.୦୪: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ରୋକିବାକୁ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ପ୍ରତିନିଧି ଦଳ ମଧରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ଏବେ ପାକିସ୍ତାନର ରାଜଧାନୀ ଇସଲାମାବାଦ ପ୍ରସ୍ତୁତ। ଏହି ହାଇ-ପ୍ରୋଫାଇଲ୍ ବୈଠକ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। ସୂଚନାନୁଯାୟୀ, ସୁରକ୍ଷା ବ୍ୟବସ୍ଥା ପାଇଁ ଇସଲାମାବାଦକୁ ଏକ ସୁରକ୍ଷିତ ଦୁର୍ଗରେ ପରିଣତ କରାଯାଇଛି । ସହରରେ ୧୦ହଜାରରୁ ଅଧିକ ସାମରିକ ଏବଂ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଆମେରିକା ପକ୍ଷରୁ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ନେତୃତ୍ୱ ନେଉଥିବା ବେଳେ ଇରାନର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏବଂ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି ଇସଲାମାବାଦରେ ପହଞ୍ଚିଛନ୍ତି । ଏଥିସହ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧକୁ ବନ୍ଦ କରିବା ଏବଂ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଅନ୍ୟପଟେ ଆଲୋଚନା ପୂର୍ବରୁ ଜେଡି ଭାନ୍ସ ଇରାନକୁ ସତର୍କ କରାଇ କହିଛନ୍ତି ଯେ, ଆମେରିକା ଏହି ଆଲୋଚନା ପ୍ରତି ଗମ୍ଭୀର ଅଛି ଏବଂ ଇରାନ କୌଣସି ପ୍ରକାରର ଚତୁରତା କରିବା ଅନୁଚିତ୍ ।

# ସମ୍ପାଦକୀୟ

## ପରମାଣୁ ବୋମା ମୋହ

ପ୍ରାୟତଃ ଦୀର୍ଘ ଦିନ ଧରି ମଧ୍ୟ ପ୍ରାଚ୍ୟରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ପ୍ରମୁଖ କାରଣ ତୈଳ, ଉଗ୍ରବାଦ, ଧର୍ମ କିମ୍ବା ରାଜନୈତିକ ଆଭିମୁଖ୍ୟ ନୁହେଁ ବରଂ ଅନ୍ୟର ପରମାଣୁ ଶକ୍ତିକୁ ପ୍ରତିହତ କରିବା। ଇରାକ୍‌ଠାରୁ ଲିବ୍ୟା ପରେ ଏବେ ଇରାନ୍‌ର ପାଳି। ତେବେ ପାଶ୍ଚାତ୍ୟ ଦେଶଗୁଡିକର ପ୍ରଧାନ ନିୟମ ହେଉଛି ନିଜେ ଏକାକୀ ହେଉ କିମ୍ବା କେବେ ସଙ୍ଗଠିତ ଭାବରେ ହେଉ ସମସ୍ତ ଶକ୍ତି ଖଟାଇ ପଶ୍ଚିମ ଏସିଆରେ କାହାକୁ କେବେ ହେଲେ ପରମାଣୁ ଶକ୍ତିରେ ବଳୀୟାନ ହେବାକୁ ଦେବେ ନାହିଁ। ସମୟାନୁକ୍ରମେ ଏହି ଲକ୍ଷ୍ୟ ଏବଂ ଆଭିମୁଖ୍ୟ ବଦଳିନାହିଁ ବରଂ ଏଥିରୁ ଆକ୍ରମଣକାରୀମାନେ ବେଶ୍ ଶିକ୍ଷା ପାଇଛନ୍ତି ଯାହା ଇତିହାସରୁ ସୁସ୍ପଷ୍ଟ। ତଥାପି ନିଜେ ଖଣ୍ଡିଆ ଖାବରା ହେଲେ ମଧ୍ୟ ବାହୁସ୍ଫୋଟ ମାରିବାରେ ଆଦୌ ହେଳା କରୁ ନାହିଁ ପାଶ୍ଚାତ୍ୟ ଶକ୍ତି। କେତେଗୁଡ଼ିଏ ଉଦାହରଣ ଦେବା ପ୍ରାସଙ୍ଗିକ ମନେହୁଏ। ୧୯୮୧ର ଇସ୍ରାଏଲ ଏବଂ ଇରାକ୍ ଯୁଦ୍ଧ କଥା ମନେପକାନ୍ତୁ। ଇସ୍ରାଏଲର ପ୍ରଥମ ଭୟଙ୍କର ମାରଣାସ୍ତ୍ର ଆକ୍ରମଣ ଥିଲା ସଦ୍ଦାମ ହୁସେନଙ୍କ 'ଓଶିରାକ' ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର ଉପରେ ।

ଯୁଦ୍ଧର ଅବସାନ ପରେ ଜାତିସଂଘର ପର୍ଯ୍ୟବେକ୍ଷକମାନେ କେବଳ ସେହି ଶକ୍ତି ଉତ୍ପାଦନ କେନ୍ଦ୍ର ଧ୍ୱଂସାବଶେଷର କିୟଦଂଶ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ। ଏଥିରୁ ଜଣାପଡେ ଯେ ପଶ୍ଚିମ ଏସିଆରେ ପରମାଣୁ ଶକ୍ତିରେ ଶକ୍ତିଶାଳୀ ହେବାର ଦୁର୍ବାର ଆଶା ଏବଂ ଇଚ୍ଛାକୁ ବଳ ପ୍ରୟୋଗ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ। ଏ ପ୍ରକାରର ଦାବିକୁ ସାକାର ରୂପ ପ୍ରଦାନ ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ଇରାକ୍‌କୁ ସମୂହ ବିନାଶ ଅସ୍ତ୍ର ଏବଂ ଗ୍ୟାସ୍ ହାସଲ କରିଥିବା ଅଭିଯୋଗରେ ଭୟଙ୍କର ଆକ୍ରମଣ କରିଥିଲା, କିନ୍ତୁ ଅଭିଯୋଗର ସତ୍ୟତା ପ୍ରତିପାଦନ ହେଲା ନାହିଁ। ପରିଶେଷରେ ୧୯୯୦ରେ ଆମେରିକା ଦ୍ୱାରା ଇରାକ୍‌ର ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ହତ୍ୟା କରାଯାଇଥିଲା, ଯାହା ଆଜି ମଧ୍ୟ ବିସ୍ମୟକର ହୋଇରହିଛି।

ପରେ ପରେ ଲିବ୍ୟାର ଶାସକ ମୁଆମାର ଗଦାଫି ଯେ କି ଚୋରାରେ ପାକିସ୍ତାନର ପରମାଣୁ ଜନକ ଅବଦୁଲ କାଦିର ଖାଁଙ୍କ ସହାୟତାରେ ପରମାଣୁ ସମୃଦ୍ଧୀକରଣ ନିମନ୍ତେ ଚେଷ୍ଟା କରୁଥିବାରୁ ତାଙ୍କୁ ମଧ୍ୟ ଆମେରିକା ଓ ତାହାର ମିତ୍ରଦେଶଗୁଡ଼ିକ ନିହତ କରିଥିଲେ। ପାକିସ୍ତାନର ବିଜ୍ଞାନୀ ନିଜ ଦେଶରେ ପରମାଣୁ ଶକ୍ତି ସମୃଦ୍ଧୀକରଣ କରି ପରମାଣୁ ବୋମା ଖୁବ୍ ଲୁକ୍କାୟିତ ଭାବରେ ଆରମ୍ଭ କରିଥିଲେ। ସେ ମଧ୍ୟ ପରମାଣୁ ସମୃଦ୍ଧୀକରଣ ନିମନ୍ତେ ଆବଶ୍ୟକ ଯନ୍ତ୍ରାଂଶ ଗୋପନରେ ଇରାନ୍, ଲିବ୍ୟା ଏବଂ ଇରାକ୍ ?କୁ ପ୍ରଦାନ କରିଥିଲେ। ଇରାକ୍ ଆକ୍ରମଣ ବର୍ଷ ଲିବ୍ୟା ବାଧ୍ୟ ହୋଇ ଏହାର ପରମାଣୁ ସମୃଦ୍ଧି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଏହାକୁ ଅନ୍ତର୍ଜାତୀୟ ପରମାଣୁ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପରୀକ୍ଷଣ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥିଲା।

୨୦୦୪ରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଅଧିକାରୀଙ୍କ ସହ ଆମେରିକା ଏବଂ ବ୍ରିଟେନର ମିଳିତ ପର୍ଯ୍ୟବେକ୍ଷଣରୁ ଜଣାଗଲା ଯେ ଲିବ୍ୟାରେ ପରମାଣୁ ସମୃଦ୍ଧି କାର୍ଯ୍ୟକ୍ରମ ପ୍ରାଥମିକ ସ୍ତରରେ ଏବଂ ପାକିସ୍ତାନ ବିଜ୍ଞାନୀ କାଦିରଙ୍କ ସହାୟତାରେ 'ତାଜୋରା'ଠାରେ ଗୋପନରେ ଆରମ୍ଭ କରାଯାଇଛି। କିନ୍ତୁ ଏହାକୁ ନେଇ ଅନୁସନ୍ଧାନକାରୀମାନେ ସେମାନଙ୍କର ଅନୁସନ୍ଧାନ ସଫଳ ହୋଇଛି ବୋଲି ମତ ପ୍ରକାଶ କରିଥିଲେ। ଅର୍ଥାତ ଏହା ଥିଲା ପାଶ୍ଚାତ୍ୟ ଦେଶ ନିମନ୍ତେ ସାମୂହିକ ବିଜୟ । ତେବେ ଏହାର ୮ ବର୍ଷ ପରେ ଅର୍ଥାତ୍ ୨୦୧୧ରେ ପାଶ୍ଚାତ୍ୟ ଦେଶ ସହାୟତାରେ ଲିବ୍ୟାର ସ୍ୱାଧୀନ ଗୋଷ୍ଠୀ ଦ୍ୱାରା ଗଦ୍ଦାଫିଙ୍କୁ ଶାସନଗାଦିରୁ ବିଚ୍ୟୁତ କରାଯାଇ ହତ୍ୟା କରାଯାଇଥିଲା। ଏଣୁ ଇରାନ୍ ହେଉ କିମ୍ବା ଅନ୍ୟ ପଶ୍ଚିମ ଏସିଆ ଦେଶ ହୁଅନ୍ତୁ ନିଜେ ଆତ୍ମସମର୍ପଣ କଲେ କିମ୍ବା ନିଜର ପରମାଣୁ କେନ୍ଦ୍ରକୁ ଅନ୍ୟଙ୍କୁ ପର୍ଯ୍ୟବେକ୍ଷଣ ନିମନ୍ତେ ସୁବିଧା ପ୍ରଦାନ କଲେ ନିଜର ସାମ୍ରାଜ୍ୟ କେବେବି ସୁରକ୍ଷିତ ରହିବ ନାହିଁ। ଏହା ପ୍ରମାଣିତ ଏବଂ ପରୀକ୍ଷିତ ହୋଇସାରିଥିବାରୁ ଇରାନ୍ ଭବିଷ୍ୟତ ନିମନ୍ତେ ନିଜକୁ ପୂର୍ବ ପ୍ରସ୍ତୁତ କରିସାରିଛି । ଯେସାକୁ ତେସା ନ୍ୟାୟରେ ଆମେରିକା, ଇସ୍ରାଏଲକୁ ପ୍ରତିଆକ୍ରମଣ କରିବା ସହ ପାଶ୍ଚାତ୍ୟ ଅଞ୍ଚଳରେ ଥିବା ପାର୍ଶ୍ୱବର୍ତ୍ତୀ ଆମେରିକାର ସାମରିକ ଘାଟିଗୁଡିକ ଉପରେ ପ୍ରତି ଆକ୍ରମଣ କରିବାକୁ ଆଦୌ ଡେରି କରି ନାହିଁ।

ଏହା ଫଳରେ ଆମେରିକା ଏବଂ ଇସ୍ରାଏଲ ଯୁଦ୍ଧବିରତି ଏବଂ ପଛଘୁଞ୍ଚା ଇତ୍ୟାଦି ଅଭିନବ କୌଶଳ ଆପଣାଇବା ନିମନ୍ତେ ବାଧ୍ୟ ହୋଇଛନ୍ତି। ଆମେ ଜାଣୁ ଯେ କୌଣସି ଯୁଦ୍ଧ ଆରମ୍ଭ କରିବା କିମ୍ବା କରାଇବା ଖୁବ୍ ସହଜ ଏବଂ ସରଳ ମଧ୍ୟ। କିନ୍ତୁ ଯୁଦ୍ଧ ବନ୍ଦ କରିବା କଠିନ। ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେବା ପରେ ବହୁ ଯୁଦ୍ଧ ସଙ୍ଗଠିତ ହୋଇଛି ଏବଂ ଶୀତଳ ଯୁଦ୍ଧ ଅବ୍ୟାହତ ରହିଛି। ବିଶ୍ୱରେ ବଳଶାଳୀ ଦେଶଗୁଡିକ ଦୁର୍ବଳ ଦେଶକୁ ଆକ୍ରମଣ କରିବାରେ ଏବଂ ଅନ୍ୟଦ୍ୱାରା କରାଇବାରେ ବ୍ୟସ୍ତ। ରୁଷିଆ- ୟୁକ୍ରେନ ଯୁଦ୍ଧ ,ଇସ୍ରାଏଲ-ପାଲେଷ୍ଟାଇନ, ପାକିସ୍ତାନ-ଆଫଗାନିସ୍ତାନ ଏବଂ ମ୍ୟାନମାର, ସୁଦାନ, କାତାର, ସାଉଦୀ ଆରବ, ଲେବାନନ, ସିରିଆ, ଇଥିଓପିଆ, ମେକ୍ସିକୋ, ଭେନେଜୁଏଲା ପ୍ରଭୃତି ଦେଶରେ ଗୃହଯୁଦ୍ଧ, ଉଗ୍ରବାଦୀ ଯୁଦ୍ଧ ଜାରି ରହିଛି। ଯଦି ହିସାବ କରାଯାଏ ତେବେ ପ୍ରାୟ ୩୦ଟି ଦେଶ ବର୍ତ୍ତମାନ ଯୁଦ୍ଧ ବା ଆଞ୍ଚଳିକ ସଂଘର୍ଷରେ ନିମଗ୍ନ। ଯଦିଓ ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯଥାକ୍ରମେ ୩୦ଟି ଏବଂ ୫୦ଟି ଦେଶ ଭାଗ ନେଇଥିଲେ, ବର୍ତ୍ତମାନ ବିଶ୍ୱଯୁଦ୍ଧ ନ ହୋଇ ମଧ୍ୟ ସେହି ଅବସ୍ଥା। କହିବା ବାହୁଲ୍ୟ, ଅଧିକାଂଶ ଯୁଦ୍ଧରେ ଆମେରିକା ସିଧାସଳଖ ଭାବେ ସମ୍ପୃକ୍ତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା କେବଳ ଇରାକ୍? ଯୁଦ୍ଧକୁ ଛାଡିଦେଲେ ଅନ୍ୟସବୁ ଯୁଦ୍ଧରେ ପଛଘୁଞ୍ଚା ଦେଇଛି। ଆମେରିକା ସହ ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଏବେ ଚାଲିଛି।

ଇରାକ୍ ଏବଂ ଲିବ୍ୟା ପରମାଣୁ ସମୃଦ୍ଧି ନିମନ୍ତେ ବାହ୍ୟ ଦେଶର ଯୋଗାଣ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାବେଳେ ଇରାନ୍ ନିଜର ସ୍ୱଦେଶୀ ଜ୍ଞାନ କୌଶଳରେ ପରମାଣୁ ସମୃଦ୍ଧି କରିପାରିଛି। ବିଶେଷ କରି ନିଜର ବୈଷୟିକ ଜ୍ଞାନ କୌଶଳକୁ ଉପଯୋଗ କରି ନିଜକୁ ନିଜେ ସ୍ୱାବଲମ୍ବୀ କରାଇ ପାରିଛି। ୨୦୨୨ରୁ ଇରାନ୍‌ର ପରମାଣୁ ସମୃଦ୍ଧୀକରଣ ସୁବିଧା ପରଠାରୁ ଏହା ଉପରେ ଅନେକ ଅର୍ଥନୈତିକ ପ୍ରତିବନ୍ଧକ, ଏହାର ପରମାଣୁ କେନ୍ଦ୍ରରେ ଅନେକ ଅନ୍ତର୍ଘାତି କାର୍ଯ୍ୟ ଏବଂ ବିଶେଷ କରି ଏହାକୁ ବାଧ୍ୟତାମୂଳକ ଚୁକ୍ତି କରିବାକୁ ବାଧ୍ୟ କରାଯାଇଛି। ପରିଶେଷରେ ୨୦୧୫ର ପରମାଣୁ ଚୁକ୍ତି 'ମିଳିତ ବ୍ୟାପକ କାର୍ଯ୍ୟକ୍ରମ ଯୋଜନାରେ'ରେ ଏହାକୁ ପ୍ରାୟତଃ ବଳ ପ୍ରୟୋଗ କରି ବାଧ୍ୟତାମୂଳକ ସ୍ୱାକ୍ଷର କରାଇପାରିଛନ୍ତି।

ଲିବ୍ୟା ଏବଂ ଇରାକ୍‌ର ପରିସ୍ଥିତିରୁ ଇରାନ ଶିକ୍ଷା ପାଇଥିଲେ ମଧ୍ୟ ଆଣବିକ କ୍ଷେତ୍ରରେ ଖୁବ୍‌ଶୀଘ୍ର ଅଗ୍ରଗତି କରି ବାହ୍ୟ ଆକ୍ରମଣର ସମ୍ମୁଖୀନ ହୋଇଛି। ଇରାନ୍‌ର ଅଘୋଷିତ ପରମାଣୁ ସମୃଦ୍ଧି କେନ୍ଦ୍ର 'ଡିମୋନା' ଏବେ ସମ୍ବେଦନଶୀଳ ଅଞ୍ଚଳ, ଯେଉଁଠି କ୍ଷୁଦ୍ର ରିଆକ୍ଟରରେ ୟୁରାନିୟମରୁ ପ୍ଲୁଟୋନିୟମ ଉତ୍ପାଦନ କରାଯାଉଥିଲା ।
ଏହା ହିଁ ଇରାନ୍‌ର ପରମାଣୁ ପ୍ରକ୍ରିୟାକରଣରେ ପ୍ରାରମ୍ଭିକ ପଦକ୍ଷେପ ଯାହା କେବଳ ଇରାନ୍ ଜାଣିଥିଲା। ଏହି ରିଆକ୍ଟର ରୁଷିଆର ଚେର୍ନୋବିଲ ରିଆକ୍ଟରଠାରୁ ଛୋଟ ଏବଂ ବିଶେଷଜ୍ଞଙ୍କ ମତରେ ଅଧିକ ସଶକ୍ତ ଯାହା, କ୍ଷେପଣାସ୍ତ୍ର ମାଡକୁ ପ୍ରତିହତ କରିବାରେ ସକ୍ଷମ। ତେବେ ପଶ୍ଚିମ ଏସିଆରେ ଏବେ ପରମାଣୁ ଅସ୍ତ୍ର ହାସଲ ନିମନ୍ତେ ପ୍ରତିଯୋଗିତା ଆରମ୍ଭ ହୋଇ ନାହିଁ। କିନ୍ତୁ ଇରାନର ପଦାଙ୍କ ଅନୁସରଣ କରିବେ ପ୍ରାୟ ଅଧିକାଂଶ ଦେଶ। ନିଜକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଆରମ୍ଭ ହେବ ଏହି ପ୍ରତିଯୋଗିତା ଯାହାକୁ ନିୟନ୍ତ୍ରଣ କରିବା ବିଶ୍ୱବାସୀଙ୍କ ପକ୍ଷରେ କଷ୍ଟକର ହେବ ଏଥିରେ ସନ୍ଦେହ ନାହିଁ। ପରମାଣୁର ମୋହ ନିଶ୍ଚିତ ଭାବେ ବିଶ୍ୱକୁ ଧ୍ୱଂସ କରିଦେବ।

# ଓଡ଼ିଶାର ଆକାଂକ୍ଷୀ ଜିଲ୍ଲା



ପ୍ରଫେସର ସତ୍ୟ ନାରାୟଣ ମିଶ୍ର

୨୦୧୫ ମସିହାରେ ନୀତି ଆୟୋଗର ପ୍ରତିଷ୍ଠା ନେହେରୁ-ମହାଲାନୋବିସଙ୍କ କେନ୍ଦ୍ରୀଭୂତ ଯୋଜନା ମଡେଲରୁ ବିକେନ୍ଦ୍ରୀକୃତ, ନେଟୱାର୍କଯୁକ୍ତ ଏବଂ ପ୍ରମାଣ ଭିତ୍ତିକ ଶାସନ ପ୍ରଣାଳୀକୁ ଏକ ପରିବର୍ତ୍ତନର ସୂଚନା ଦେଇଥିଲା, ଯେଉଁଠାରେ ଏହା ସମନ୍ୱିତ ଅନୁଧ୍ୟାନ ଏବଂ ନବସୃଜନ ମାଧ୍ୟମରେ ନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରେ। ଏହାର ପ୍ରମୁଖ କାର୍ଯ୍ୟକ୍ରମ - ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ, ଏହି ପରିବର୍ତ୍ତନର ମୂଲ୍ୟାଙ୍କନ ପାଇଁ ଏକ ଉପଯୋଗୀ ମାଧ୍ୟମ ପ୍ରଦାନ କରେ। ପାଞ୍ଚଟି କ୍ଷେତ୍ର ଯଥା: ସ୍ୱାସ୍ଥ୍ୟ ଏବଂ ପୁଷ୍ଟି, ଶିକ୍ଷା, କୃଷି ଏବଂ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ମଧ୍ୟରେ ୪୯ଟି ପ୍ରମୁଖ ଫଳାଫଳ କ୍ଷେତ୍ରର ପ୍ରବର୍ତ୍ତନ କ୍ରମାଗତ ପରିବର୍ତ୍ତନର ସୂକ୍ଷ୍ମ ଅନୁଧ୍ୟାନ କରିବାରେ ସାହାଯ୍ୟ କରେ। ଭାରତ ପାଇଁ ମନୋନୀତ ୧୧୨ଟି ଜିଲ୍ଲା ମଧ୍ୟରୁ ଓଡ଼ିଶାର ୧୦ଟି ଜିଲ୍ଲା ରହିଛି, ଯେଉଁଥିରୁ ଅଧିକାଂଶ ଓଡ଼ିଶାର ଅବହେଳିତ କେବିକେ ଅଞ୍ଚଳର ଅନ୍ତର୍ଭୁକ୍ତ। ରିପୋର୍ଟଗୁଡିକ ଦର୍ଶାଉଛି ଯେ ସଫଳତା ପ୍ରାୟତଃ ସହଜରେ ହାସଲ କରାଯାଇପାରୁଥିବା ସୂଚକାଙ୍କ ଗୁଡ଼ିକରେ ସୀମିତ ରହୁଛି, ଯେତେବେଳେ କି ଆୟ ବୃଦ୍ଧି ଏବଂ ନିଯୁକ୍ତି ଭଳି ଗଠନମୂଳକ ଆହ୍ୱାନଗୁଡିକ ଏପର୍ଯ୍ୟନ୍ତ ଅସମାଧିତ ହୋଇ ରହିଛି।

ମୁଖ୍ୟ ଚିନ୍ତାଧାରା ।
ଓଡ଼ିଶା ନିଜର ବହୁମୁଖୀ ଦାରିଦ୍ର୍ୟ ହାରକୁ ୨୦୧୫ର ୨୯.୩% ରୁ ୨୦୨୩ ସୁଦ୍ଧା ୧୫.୬୮% କୁ ହ୍ରାସ କରିବାରେ ସକ୍ଷମ ହୋଇଛି। ତଥାପି, ଜିଲ୍ଲା ଜିଲ୍ଲା ମଧ୍ୟରେ ଗଭୀର ଅସନ୍ତୁଳନ ରହିଛି। ପୁରୀ ଜିଲ୍ଲା ୩.୩% ହାସଲ କରିଥିବା ବେଳେ ମାଲକାନଗିରି (୪୫%), କୋରାପୁଟ (୩୩.୪%) ଏବଂ ରାୟଗଡ଼ା (୩୪%) ଭଳି ଜିଲ୍ଲାଗୁଡ଼ିକରେ ଏହି ସଂଖ୍ୟା ବହୁତ ଅଧିକ। ପିଲାଙ୍କ ମଧ୍ୟରେ ଅପୁଷ୍ଟିଜନିତ ବାମନତା, ଯାହା ଦୀର୍ଘକାଳୀନ ପୁଷ୍ଟିହୀନତା ଏବଂ ଅସ୍ୱାସ୍ଥ୍ୟକର ପରିବେଶର ସୂଚକ, ଏହି ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଅନ୍ୟ ଜିଲ୍ଲା ତୁଳନାରେ ୧୫% ଅଧିକ। ଏହାବ୍ୟତୀତ କିଶୋରୀ କନ୍ୟାଙ୍କ ମଧ୍ୟରେ ରକ୍ତହୀନତା ଚିନ୍ତାଜନକ ଭାବେ ଅଧିକ ରହିଛି। ଏନଏଫଏଚଏସ-୫ ସର୍ଭେ ଅନୁଯାୟୀ ନିମ୍ନଲିଖିତ ସାରଣୀ ଏହି ପାର୍ଥକ୍ୟକୁ ଦର୍ଶାଉଛି: ବଲାଙ୍ଗୀର ଜିଲ୍ଲାରେ ୪୪.୪ ପ୍ରତିଶତ ବାମନ ପିଲା, ୬୧.୪ ପ୍ରତିଶତ ରକ୍ତ ହୀନ କିଶୋରୀ, ଗଜପତିରେ ୩୨.୫ ପ୍ରତିଶତ ବାମନ ଓ ୬୪.୯ ପ୍ରତିଶତ ରକ୍ତ ହୀନ କିଶୋରୀ, କଳାହାଣ୍ଡିରେ ୩୬.୬ ପ୍ରତିଶତ ବାମନ ଓ ୬୩.୫ ପ୍ରତିଶତ ରକ୍ତ ହୀନ କିଶୋରୀ, କନ୍ଧମାଳରେ ୩୮.୪ ପ୍ରତିଶତ ବାମନ ଓ ୫୯.୨ ପ୍ରତିଶତ ରକ୍ତ ହୀନ କିଶୋରୀ, କୋରାପୁଟରେ ୪୦.୩ ପ୍ରତିଶତ ବାମନ ଓ ୬୭.୬ ପ୍ରତିଶତ ରକ୍ତ ହୀନ କିଶୋରୀ, ମାଲକାନଗିରିରେ ୪୫.୭ ପ୍ରତିଶତ ବାମନ ଓ ୭୧.୯ ପ୍ରତିଶତ ରକ୍ତ ହୀନ କିଶୋରୀ, ନବରଙ୍ଗପୁରରେ ୪୫.୮ ପ୍ରତିଶତ ବାମନ ଓ ୬୯.୨ ପ୍ରତିଶତ ରକ୍ତ ହୀନ କିଶୋରୀ, ରାୟଗଡ଼ାରେ ୪୩.୫ ପ୍ରତିଶତ ବାମନ ଓ ୬୨.୮ ପ୍ରତିଶତ ରକ୍ତ ହୀନ କିଶୋରୀ ଏହି ଭଳି ଓଡ଼ିଶାରେ ହାରାହାରି ୨୯.୯ ପ୍ରତିଶତ ବାମନ ଓ ୪୬.୯ ପ୍ରତିଶତ ରକ୍ତ ହୀନ କିଶୋରୀ ଅଛନ୍ତି।

ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ବିଷୟରେ କହିବାକୁ ଗଲେ, କେତେକ ଜିଲ୍ଲା କିଛି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଉଦାହରଣ ସ୍ୱରୂପ, ରାୟଗଡ଼ା ଏବଂ କନ୍ଧମାଳରେ ଉପ-କେନ୍ଦ୍ରଗୁଡ଼ିକୁ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର'ରେ ପରିଣତ କରିବା ଦ୍ୱାରା ପ୍ରସୂତି ଗୃହରେ ପ୍ରସବ ହାର ୨୦% ବୃଦ୍ଧି ପାଇଛି। ଗ୍ରାମୀଣ ବିଦ୍ୟୁତକରଣ, ବ୍ୟକ୍ତିଗତ ଶୌଚାଳୟ ଏବଂ 'ହର ଘର ଜଳ' ମିଶନ ଅଧୀନରେ ପାନୀୟ ଜଳ ଯୋଗାଣ ଭଳି ମୌଳିକ ଭିତ୍ତିଭୂମିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଚଗଏଝଣ ଅଧୀନରେ ସଡ଼କ ସଂଯୋଗୀକରଣ ଦ୍ୱାରା ପାହାଡ଼ିଆ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚିବା ସହଜ ହୋଇଛି। ଶିକ୍ଷା କ୍ଷେତ୍ରରେ ନୂଆପଡ଼ା ଜିଲ୍ଲା, ବିଶେଷ କରି ଛାତ୍ରୀମାନଙ୍କ ପାଇଁ ଶୌଚାଳୟ ନିର୍ମାଣରେ ଉନ୍ନତି ଦେଖାଇଛି।
ତଥାପି, ମହିଳାଙ୍କ ମଧ୍ୟରେ ରକ୍ତହୀନତା ହ୍ରାସ କରିବାରେ ପ୍ରଗତି ଧୀମା ରହିଛି। ଲୌହ ଏବଂ ଫୋଲିକ୍ ଏସିଡ୍ ବଣ୍ଟନ ୯୦% ପହଞ୍ଚିଥିଲେ ମଧ୍ୟ ହେମୋଗ୍ଲୋବିନ ସ୍ତର ସେହି ଅନୁପାତରେ ବଢ଼ିନାହିଁ। ମାଲକାନଗିରି ଜିଲ୍ଲାରେ 'ୱେଷ୍ଟିଙ୍ଗ' (ବୟସ ଅନୁସାରେ କମ୍ ଓଜନ) ବୃଦ୍ଧି ପାଇଛି। ଦକ୍ଷତା ବିକାଶ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ସମସ୍ତ ୧୦ଟି ଜିଲ୍ଲାର ସ୍କୋର କମ୍ ରହିଛି। ଜନଧନ ଖାତା ଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କିଙ୍ଗ ପ୍ରତିନିଧିଙ୍କ ଅଭାବ ଯୋଗୁଁ ଏହାର ବ୍ୟବହାର ଏବଂ ବୀମା ସୁବିଧା ସୀମିତ ରହିଛି। ଜନଜାତି ଯୁବକମାନଙ୍କ ପାଇଁ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି; ଅଧିକାଂଶ ଦକ୍ଷ ଯୁବକ କାମ ପାଇଁ ଆନ୍ଧ୍ରପ୍ରଦେଶ କିମ୍ବା ତେଲେଙ୍ଗାନାକୁ ସ୍ଥାନାନ୍ତର ହେଉଛନ୍ତି। ଦକ୍ଷତା ବିକାଶ ପାଇଁ ସ୍ଥାନୀୟ ଜୀବିକା ଉପରେ ଗୁରୁତ୍ୱ ଦେବା ଜରୁରୀ। ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, ସୌର ପମ୍ପ ରକ୍ଷଣାବେକ୍ଷଣ ଏବଂ କୀଟନାଶକ ସିଞ୍ଚନ ପାଇଁ ଡ୍ରୋନର ବ୍ୟବହାର ଭଳି ଆଧୁନିକ କୃଷି କୌଶଳ ଉପରେ ପ୍ରଶିକ୍ଷଣକୁ ପ୍ରାଥମିକତା ଦିଆଯିବା ଉଚିତ। 'ୱାର୍ଲ୍ଡ ସ୍କିଲ ସେଣ୍ଟର'କୁ ମୁଖ୍ୟ କେନ୍ଦ୍ର ଭାବେ ବ୍ୟବହାର କରି ମାଷ୍ଟର ଟ୍ରେନର ପ୍ରସ୍ତୁତ କରିବା ଆବଶ୍ୟକ। ମିଶନ ଶକ୍ତିକୁ 'ନୂଆ ଓଡ଼ିଶା' ସ୍କିଲିଂ ସହିତ ଯୋଡ଼ି ଏହି ଜିଲ୍ଲାଗୁଡ଼ିକୁ 'ଆକାଂକ୍ଷୀ'ରୁ 'ପ୍ରେରଣାଦାୟୀ' କରାଯାଇପାରିବ।

ରକ୍ତହୀନତାର ଜଟିଳ ଆହ୍ୱାନ :
ସମ୍ବିଧାନର ଧାରା ୪୭ ରାଜ୍ୟଗୁଡ଼ିକୁ 'ପୁଷ୍ଟିସାଧନର ସ୍ତର ବୃଦ୍ଧି' କରିବାକୁ ନିର୍ଦ୍ଦେଶ ଦେଇଥାଏ। କେରଳକୁ ଛାଡ଼ି ପ୍ରାୟ ସମସ୍ତ ରାଜ୍ୟରେ ମହିଳାଙ୍କ ମଧ୍ୟରେ ରକ୍ତହୀନତା ବଢୁଥିବା ଏନଏଫଏଚଏସ ସର୍ଭେରୁ ଜଣାପଡିଛି। ଓଡ଼ିଶା କ୍ଷେତ୍ରରେ ଏହା ୧୯୯୮-୯୯ର ୫୧.୮% ରୁ ୨୦୧୯-୨୧ରେ ୫୭% କୁ ବୃଦ୍ଧି ପାଇଛି। ୧୯୭୫ରେ ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଓଉଉଝ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୨୦୧୩ର ଜାତୀୟ ଲୌହ ଯୋଜନା ୨୦୨୦ ସୁଦ୍ଧା ରକ୍ତହୀନତାକୁ ୧୮% ହ୍ରାସ କରିବାକୁ ଲକ୍ଷ୍ୟ ରଖିଥିଲା, କିନ୍ତୁ ଓଲଟା ୨୦୨୧ରେ ଏହା ୩% ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ମୋଦୀ ୨୦୧୮ରେ 'ପୋଷଣ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨ରେ ଓଡ଼ିଶାରେ 'ଅମ୍ଳାନ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତଥାପି, ଏହି ଧାରା ଏପର୍ଯ୍ୟନ୍ତ ବଦଳି ନାହିଁ। କିଶୋରୀଙ୍କ ମଧ୍ୟରେ ରକ୍ତହୀନତାର ପ୍ରାଥମିକ କାରଣ- କିଶୋର ଅବସ୍ଥା ଶାରୀରିକ ବୃଦ୍ଧିର ସମୟ। ଜନଜାତିମାନଙ୍କ କ୍ଷେତ୍ରରେ, ସେମାନଙ୍କ ଖାଦ୍ୟରେ ବିବିଧତାର ଅଭାବ ଥାଏ ଏବଂ ସେମାନେ କେବଳ ଶସ୍ୟ ଜାତୀୟ ଖାଦ୍ୟ ଉପରେ ନିର୍ଭର କରନ୍ତି, ଯେଉଁଥିରେ ଲୌହ ଏବଂ ଭିଟାମିନ୍-ସି କମ୍ ଥାଏ। ଏହା ବ୍ୟତୀତ 'ସିକଲ୍ ସେଲ୍' ଭଳି ବଂଶଗତ ରୋଗ ମଧ୍ୟ ଏକ ବଡ଼ ସମସ୍ୟା। ବଲାଙ୍ଗୀର ଏବଂ କଳାହାଣ୍ଡିର ଅନେକ ଲୋକ ସିକଲ୍ ସେଲ୍ ଦ୍ୱାରା ପ୍ରଭାବିତ, ଯେଉଁଠାରେ ସାଧାରଣ ଲୌହ ବଟିକା କାମ କରେ ନାହିଁ। କୋରାପୁଟ ଏବଂ ମାଲକାନଗିରିରେ ମ୍ୟାଲେରିଆର ପ୍ରାଦୁର୍ଭାବ ଯୋଗୁଁ ୭୦% ରକ୍ତହୀନତା ଦେଖାଦେଇଥାଏ।

ସହଜ ସଫଳତା ସିଣ୍ଡ୍ରୋମ୍ :
ଖାଦ୍ୟପେୟର ଅଭ୍ୟାସ ବଦଳାଇବା ଅପେକ୍ଷା ସ୍କୁଲରେ ଶୌଚାଳୟ ନିର୍ମାଣ କରିବା କିମ୍ବା ବିଦ୍ୟୁତ ସଂଯୋଗ କରିବା ସହଜ। ଜିଲ୍ଲାପାଳମାନେ ପ୍ରତି ୧୨-୧୮ ମାସରେ ବଦଳି ହେଉଥିବାରୁ ସେମାନେ ପୁଷ୍ଟିସାଧନ ଭଳି ଅଦୃଶ୍ୟ ପରିବର୍ତ୍ତନ ଅପେକ୍ଷା ଦୃଶ୍ୟମାନ ପ୍ରକଳ୍ପ ଉପରେ ଅଧିକ ଧ୍ୟାନ ଦିଅନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହିଛି। ଓରଇ ବଟିକା ବଣ୍ଟନ ଏବଂ ରକ୍ତହୀନତା ହ୍ରାସ ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଛି। ମାଲକାନଗିରି ଭଳି ଜିଲ୍ଲାଗୁଡ଼ିକରେ ଏଏନଏମ ଏବଂ ସୁପରଭାଇଜର ପଦବୀ ୩୦-୪୦% ଖାଲି ରହିଛି। ଆଶା କର୍ମୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ଏକ ସମାଧାନ ହୋଇପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସମାଧାନ ନୁହେଁ। ଆଶା କର୍ମୀ ବଟିକା ବାଣ୍ଟିବା ପାଇଁ ଅର୍ଥ ପାଆନ୍ତି, କିନ୍ତୁ ଲୋକମାନେ ତାହା ଖାଉଛନ୍ତି କି ନାହିଁ ସେଥିପାଇଁ ସେମାନେ ଦାୟୀ ରୁହନ୍ତି ନାହିଁ। ଆର୍ଥିକ ପ୍ରୋତ୍ସାହନ ଯଦି ଇନ୍ଧନ ହୁଏ, ତେବେ ସରକାରୀ ଜବାବଦେହିତା ହେଉଛି ଷ୍ଟିଅରିଂ ହୁଇଲ୍। ସଠିକ୍ ଅନୁଧ୍ୟାନ ଏବଂ ବିଭାଗୀୟ ସମନ୍ୱୟ ବିନା ଆମେ ରକ୍ତହୀନତା ମୁକ୍ତ ଜିଲ୍ଲା ଗଠନ କରିପାରିବା ନାହିଁ। 'ବିକଶିତ ଓଡ଼ିଶା' ମିଶନ ବର୍ତ୍ତମାନ କଟକ-ପୁରୀ-ଭୁବନେଶ୍ୱର ଭଳି ବିକଶିତ ଜିଲ୍ଲା ଉପରେ ଅଧିକ ଧ୍ୟାନ ଦେଉଥିବା ବେଳେ କେବିକେ ଅଞ୍ଚଳ କେଉଁଠି ନା କେଉଁଠି ଅବହେଳିତ ହେଉଛି।

ଭୁବନେଶ୍ୱର
ଓଡ଼ିଶା

# ଭୁବନେଶ୍ୱର ମେଟ୍ରୋ: ଉନ୍ନତିର ଆକାଂକ୍ଷା ଓ ଆର୍ଥିକ ବାସ୍ତବତାର ସଂଘର୍ଷ



ସିତାଂଶୁ ଶେଖର ମିଶ୍ର

ଏକ ସହରର ଭବିଷ୍ୟତ ତାହାର ରାସ୍ତା, ଭବନ କିମ୍ବା ପ୍ରକଳ୍ପରେ ନୁହେଁ—ତାହାର ଦୂରଦୃଷ୍ଟି ଓ ନୀତିଗତ ସାହସରେ ନିର୍ଭର କରେ। ଭୁବନେଶ୍ୱର ପାଇଁ ପ୍ରସ୍ତାବିତ ମେଟ୍ରୋ ପ୍ରକଳ୍ପ ଆଜି ସେହି ଦୂରଦୃଷ୍ଟି ଓ ବାସ୍ତବବାଦୀ ଆର୍ଥିକ ଚିନ୍ତାଧାରା ମଧ୍ୟରେ ଏକ ଗଭୀର ଦ୍ୱନ୍ଦ୍ୱର ପ୍ରତୀକ ହୋଇଉଠିଛି। ଏକ ପକ୍ଷରେ ଆଧୁନିକ ନଗରୀୟ ପରିବହନ ବ୍ୟବସ୍ଥାର ଆକାଂକ୍ଷା, ଅନ୍ୟପକ୍ଷରେ ହଜାର କୋଟି ଟଙ୍କାର ଆର୍ଥିକ ଭାର—ଏହି ଦୁଇର ମଧ୍ୟରେ ସରକାରଙ୍କ ସାବଧାନ ପଦକ୍ଷେପ ସମାଜରେ ଚର୍ଚ୍ଚା ଓ ବିତର୍କକୁ ତୀବ୍ର କରିଛି।
ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପର ଧାରଣା ୨୦୧୦ ଦଶକର ଶେଷ ଭାଗରେ ଗୁରୁତ୍ୱ ପାଇଥିଲା, ଯେତେବେଳେ ଭୁବନେଶ୍ୱର-କଟକ-ପୁରୀ ଅଞ୍ଚଳରେ ଯାତାୟାତ ଚାପ ଦ୍ରୁତ ଭାବେ ବୃଦ୍ଧି ପାଇଲା। ପରବର୍ତ୍ତୀ ସମୟରେ ସମ୍ଭାବ୍ୟତା ଅଧ୍ୟୟନ, ରୁଟ ଚିହ୍ନଟ ଓ ଯାତ୍ରୀ ସଂଖ୍ୟାର ଅନୁମାନ ସହ ପ୍ରକଳ୍ପଟି ଧୀରେ ଧୀରେ ଆକାର ନେଇଥିଲା। ମେଟ୍ରୋ ରେଳ କର୍ପୋରେସନ ଗଠନ ଓ କେନ୍ଦ୍ର-ରାଜ୍ୟ ସହଯୋଗରେ ଏହାକୁ ଆଗେଇ ନେବା ନେଇ ମଧ୍ୟ ପଦକ୍ଷେପ ଆରମ୍ଭ ହୋଇଥିଲା।
ତଥାପି ବିଗତ ସରକାର ନିଜସ୍ୱ ଖର୍ଚ୍ଚରେ ପ୍ରକଳ୍ପକୁ କାର୍ଯ୍ୟରୂପ ଦେବାର ଘୋଷଣା କରିଥିଲେ ମଧ୍ୟ, ଏହା ପ୍ରାୟୋଗିକ ରୂପ ନେଇପାରିନଥିଲା। ଏହାର ପ୍ରମୁଖ କାରଣ ଭାବେ ବିଶାଳ ଆର୍ଥିକ ଆବଶ୍ୟକତା ଓ ପରିବର୍ତ୍ତିତ ରାଜନୈତିକ ପ୍ରାଥମିକତାକୁ ଦେଖାଯାଉଛି।
ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ—ସେ ସ୍ପଷ୍ଟ କରିଛନ୍ତି ଯେ ପ୍ରକଳ୍ପଟି ବାତିଲ ହୋଇନି, କେବଳ ସାମୟିକ ଭାବେ ସ୍ଥଗିତ ରହିଛି। ମେଟ୍ରୋ କର୍ପୋରେସନ ଚାଲୁଅଛି ଓ ପ୍ରକଳ୍ପଟି ମୁଖ୍ୟମନ୍ତ୍ରୀଙ୍କ ବିଚାରାଧୀନ ଅବସ୍ଥାରେ ରହିଛି। ସେହିପରି ଆଇନ୍ ମନ୍ତ୍ରୀଙ୍କ ମତ ମଧ୍ୟ ଗୁରୁତ୍ୱ ଅଧିଗ୍ରହଣ କରିଛି—ରାଜ୍ୟର ଆର୍ଥିକ ସମତୁଳନକୁ ଅତୁଟ ରଖି ଏପରି ବୃହତ ପ୍ରକଳ୍ପ ନେଇ ସଚେତନ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଛନ୍ତି।
ବାସ୍ତବରେ, ମେଟ୍ରୋ ପ୍ରକଳ୍ପ ହଜାର କୋଟି ଟଙ୍କାର ନିବେଶ ଆବଶ୍ୟକ କରେ, ଯାହା ରାଜ୍ୟର ଆର୍ଥିକ ସ୍ଥିତି ଉପରେ ଦୀର୍ଘକାଳୀନ ଚାପ ସୃଷ୍ଟି କରିପାରେ। ଏହି ପରିପ୍ରେକ୍ଷୀରେ ସରକାର "ମୋ ବସ୍" ପରି ସର୍ବସାଧାରଣ ପରିବହନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା, ରାସ୍ତା ଢାଞ୍ଚା ଉନ୍ନତି ଓ ସ୍ମାର୍ଟ ସିଟି ପଦକ୍ଷେପକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।
ଯଦିଓ ସମାଲୋଚକମାନେ ମନେକରନ୍ତି ଯେ ମାଗଣା ଯୋଜନା ଓ ଅନ୍ୟାନ୍ୟ ବ୍ୟୟ ରାଜକୋଷ ଉପରେ ଚାପ ବଢ଼ାଉଥିବା ବେଳେ ଏପରି ଏକ ଜନହିତକର ପ୍ରକଳ୍ପକୁ ପଛକୁ ରଖିବା ଯୁକ୍ତିସଂଗତ ନୁହେଁ। କିନ୍ତୁ ଅର୍ଥନୀତିବିତ୍ ଓ ନଗର ଯୋଜନା ବିଶେଷଜ୍ଞମାନେ ଏହାକୁ ଖର୍ଚ୍ଚ ଭାବେ ନୁହେଁ, ଦୀର୍ଘକାଳୀନ ନିବେଶ ଭାବେ ଦେଖିବାକୁ ଉପଦେଶ ଦେଇଛନ୍ତି।
ନିଶ୍ଚିତ ଭାବରେ, ମେଟ୍ରୋ ପ୍ରକଳ୍ପ ଭୁବନେଶ୍ୱରର ଯାତାୟାତ ବ୍ୟବସ୍ଥାରେ ଏକ ମୂଳଗତ ପରିବର୍ତ୍ତନ ଆଣିପାରିଥାନ୍ତା। ବଢୁଥିବା ଟ୍ରାଫିକ ଜାମ ସମୟ ଓ ଉତ୍ପାଦନକ୍ଷମତାକୁ କ୍ଷୟ କରୁଛି, ସହିତେ ପେଟ୍ରୋଲ-ଡିଜେଲ ଖର୍ଚ୍ଚ ବୃଦ୍ଧି, ପରିବେଶ ପ୍ରଦୂଷଣ ଓ ଅର୍ଥନୈତିକ ହାନିକୁ ଆମନ୍ତ୍ରଣ କରୁଛି। ଏହାର ଏକ ସ୍ଥାୟୀ ଓ ପରିବେଶମିତ୍ର ସମାଧାନ ଭାବେ ମେଟ୍ରୋକୁ ଦେଖାଯାଉଥିଲା।
ତଥାପି ମୂଳପ୍ରଶ୍ନ ଅବିକଳ ରହିଯାଏ—ଏହା ପାଇଁ ସମୟ ସଠିକ୍ କି? ରାଜ୍ୟର ପ୍ରାଥମିକତା କ'ଣ? ଶିକ୍ଷା, ସ୍ୱାସ୍ଥ୍ୟ ଓ ଗ୍ରାମୀଣ ଉନ୍ନତି ପରି କ୍ଷେତ୍ରରେ ବିନିଯୋଗକୁ ପଛକୁ ରଖି ଏପରି ବୃହତ ପ୍ରକଳ୍ପକୁ ଆଗେଇ ନେବା କେତେଦୂର ଯୁକ୍ତିସଂଗତ?
ସାରକଥାରେ, ଭୁବନେଶ୍ୱର ମେଟ୍ରୋ କେବଳ ଏକ ପରିବହନ ପ୍ରକଳ୍ପ ନୁହେଁ—ଏହା ଓଡ଼ିଶାର ନଗରୀୟ ଭବିଷ୍ୟତର ଦିଗ ନିର୍ଣ୍ଣୟ କରୁଥିବା ଏକ ପରୀକ୍ଷା। ଏଠାରେ ଆବଶ୍ୟକ ଅତିରିକ୍ତ ଆଶାବାଦ କିମ୍ବା ଅନାବଶ୍ୟକ ଆଶଙ୍କା ନୁହେଁ; ବରଂ ଏକ ସମତୁଳିତ, ତଥ୍ୟାଧାରିତ ଓ ଦୂରଦୃଷ୍ଟିପୂର୍ଣ୍ଣ ଚର୍ଚ୍ଚା।

ଶାନ୍ତିନଗର,ସୋନପୁର
ଦୁରଭାଷ.୮୧୪୪୮ ୭୦୭୨୯

# ପଶ୍ଚିମବଙ୍ଗରେ ନୂଆ ମେଣ୍ଟ ବଦଳାଇବ କି ଭୋଟ୍ ବ୍ୟାଙ୍କ୍‌ର ଗଣିତ ?

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ୩୦% ସଂଖ୍ୟାଲଘୁ ଭୋଟ୍ ବ୍ୟାଙ୍କ ନିର୍ଣ୍ଣାୟକ ଭୂମିକାରେ ରହିଛି। ଟିଏମସି, କଂଗ୍ରେସ ଏବଂ ଏଆଇଏମଆଇଏମ-ଏଜେୟୁପି ମେଣ୍ଟ ମଧ୍ୟରେ ଏହି ଭୋଟ୍ ବ୍ୟାଙ୍କକୁ ନେଇ ଘମାସାନ ଯୁଦ୍ଧ ଚାଲିଛି। ବିଶେଷଜ୍ଞମାନେ ମନେ କରନ୍ତି ଯେ ଭୋଟ୍‌ର ଏହି ବିଭାଜନ ଟିଏମସି ପାଇଁ ଆହ୍ୱାନ ଏବଂ ବିଜେପି ପାଇଁ ଅପ୍ରତ୍ୟାଶିତ ସଫଳତାର କାରଣ ହୋଇପାରେ।

ପଶ୍ଚିମବଙ୍ଗରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ସରଗରମ ତେଜିଛି। ସମସ୍ତ ରାଜନୈତିକ ଦଳ ଜନତାଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ପ୍ରକାରର ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ପ୍ରସ୍ତୁତି ମଧ୍ୟରେ ରାଜ୍ୟରେ ପ୍ରାୟ ୩୦% ସଂଖ୍ୟାଲଘୁ ଭୋଟ୍ ବ୍ୟାଙ୍କକୁ ନେଇ ରାଜନୈତିକ ଲଢ଼େଇ ଜୋରଦାର ହୋଇଛି।

ବଙ୍ଗଳାରେ ୨୩ ଏବଂ ୨୯ ଏପ୍ରିଲରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପରିବେଶ ଯେତିକି ଗରମ ହେଉଛି, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସଂଖ୍ୟାଲଘୁ ଭୋଟ୍ ବ୍ୟାଙ୍କ (ପ୍ରାୟ ୩୦% ଭୋଟର) ଉପରେ କବଜା କରିବା ପାଇଁ ସେତିକି ଲଢ଼େଇ ଜାରି ରହିଛି। ତୃଣମୂଳ କଂଗ୍ରେସ ନିଜର ୨୯୧ ପ୍ରାର୍ଥୀଙ୍କ ତାଲିକାରେ ୪୭ ଜଣ ସଂଖ୍ୟାଲଘୁ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଛି, ଯେଉଁଠାରେ କଂଗ୍ରେସ ୭୪ ଜଣ ପ୍ରାର୍ଥୀଙ୍କ ଦାବି କରୁଛି। ଅନ୍ୟପଟେ ହୁମାୟୁନ୍ କବୀରଙ୍କ ଏଜେୟୁପି ସହିତ ଏଆଇଏମଆଇଏମର ମେଣ୍ଟ ଟିଏମସିକୁ ଦୁର୍ବଳ କରିପାରେ। ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି ଯେ ଏହାଦ୍ୱାରା ବିଜେପିକୁ କଣ ଫାଇଦା ହେବ? ମମତାଙ୍କ ଭୋଟ୍ ବ୍ୟାଙ୍କ କଣ ବାଣ୍ଟି ହୋଇଯିବ?

ଟିଏମସିର ୪୭ ସଂଖ୍ୟାଲଘୁ ପ୍ରାର୍ଥୀ ତୃଣମୂଳ କଂଗ୍ରେସ ୧୬ ମାର୍ଚ୍ଚରେ ନିଜର ପ୍ରାର୍ଥୀ ତାଲିକା ଜାରି କରିଥିଲା, ଯେଉଁଥିରେ ୪୭ ଜଣ ସଂଖ୍ୟାଲଘୁ ପ୍ରାର୍ଥୀଙ୍କ ସହ ୫୦% ମହିଳା ଏବଂ ୯୫ ଜଣ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ପ୍ରତିନିଧି ସାମିଲ ଥିଲେ। ଏହା ମୁର୍ଶିଦାବାଦ ଏବଂ ମାଲଦା ଭଳି ପ୍ରମୁଖ ମୁସଲିମ୍ ବହୁଳ ଅଞ୍ଚଳରେ ସାମୂହିକ ସମାବେଶର ସଙ୍କେତ ଦେଉଛି। କଂଗ୍ରେସ ୨୯ ମାର୍ଚ୍ଚରେ ୨୮୪ ଜଣ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି, ଯେଉଁଥିରେ ବହରମପୁରରୁ ଅଧୀର ରଞ୍ଜନ ଚୌଧୁରୀ ଏବଂ ଗୋଲପୋଖର ଓ ସୁତି ଭଳି ସଂଖ୍ୟାଲଘୁ ବହୁଳ ଆସନରୁ ଅନେକ ପ୍ରାର୍ଥୀ ସାମିଲ ଅଛନ୍ତି। ଏହି ସମୟରେ, ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମଆଇଏମ, ହୁମାୟୁନ୍ କବୀରଙ୍କ ଏଜେୟୁପି ସହ ମେଣ୍ଟ କରି ଟିଏମସି ଉପରେ ଅସନ୍ତୁଷ୍ଟ ଥିବା ସଂଖ୍ୟାଲଘୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୧୮୨ଟି ଆସନରେ ନିର୍ବାଚନ ଲଢ଼ିବାକୁ ଯୋଜନା କରିଛି।

ଅଧୀର ରଞ୍ଜନ ଚୌଧୁରୀ କଣ କହିଲେ?
କଂଗ୍ରେସ ପ୍ରାର୍ଥୀ ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, 'ମୁଁ ମୁସଲିମ୍ ଭୋଟ୍‌ର ସ୍ଥିରତା ପାଇଁ ଲଢୁନାହିଁ। ଗତଥର ଦଙ୍ଗା, ବ୍ୟାପିଥିବା ଗୁଜବ ଏବଂ ମୋତେ ହରାଇବା ପାଇଁ ସାମ୍ପ୍ରଦାୟିକ ଧ୍ରୁବୀକରଣ ଜରିଆରେ ହିନ୍ଦୁଙ୍କୁ ଏକଜୁଟ କରିବା ପ୍ରୟାସ କାରଣରୁ ହିନ୍ଦୁ ଭୋଟ୍‌ର ଏକ ବଡ଼ ଅଂଶ ବିଜେପିକୁ ଚାଲିଯାଇଥିଲା। ସେମାନେ ଗତଥର ଏପରି କରିଥିଲେ ଏବଂ ପୁଣି ଥରେ କରିପାରନ୍ତି। ମୁଁ କାହାକୁ କାହା ବିରୋଧରେ ଭୋଟ୍ ନଦେବା ପାଇଁ କହେନାହିଁ କିମ୍ବା ସାହାଯ୍ୟ ମାଗେନାହିଁ। ମୁଁ କାହା ପାଖରେ ଭିକ୍ଷା ମାଗୁନାହିଁ। ମୁଁ କଂଗ୍ରେସର ପ୍ରାର୍ଥୀ ଏବଂ ନିର୍ଭୀକ ଭାବେ ଚ୍ୟାଲେଞ୍ଜ କରୁଛି। ମୁଁ ସମସ୍ତ ପ୍ରାର୍ଥୀଙ୍କ ସହ ମିଶି ଲଢ଼ିବାକୁ ଚାହୁଁଛି। ଏଠାରେ ମୋର ସବୁଠାରୁ ବଡ଼ ଶକ୍ତି ହେଉଛି ସାଧାରଣ ଜନତା।'

ସଂଖ୍ୟାଲଘୁ ଭୋଟ୍ ମମତା ବାନାର୍ଜୀଙ୍କ ସହ ଅଛି। ଅନ୍ୟପଟେ ଟିଏମସି ନେତା ଜୟ ପ୍ରକାଶ ମଜୁମଦାର କହିଛନ୍ତି, 'ସଂଖ୍ୟାଲଘୁ ଭୋଟ୍ ମମତା ବାନାର୍ଜୀଙ୍କ ସହ ଅଛି। ତେଣୁ କେହି ବି ସେମାନଙ୍କଠାରୁ ସଂଖ୍ୟାଲଘୁ ଭୋଟ୍ ଛଡ଼ାଇ ପାରିବେ ନାହିଁ। ପଶ୍ଚିମବଙ୍ଗରେ କଂଗ୍ରେସ ଏବଂ ବାମପନ୍ଥୀ ଦଳର କୌଣସି ଦବଦବା ନାହିଁ। ସେମାନେ କେବଳ ନିଜର ଭୋଟ୍ ବ୍ୟାଙ୍କ ଫେରି ପାଇବାକୁ ଚେଷ୍ଟା କରୁଛନ୍ତି। ଓୱାଇସି ଏବଂ ହୁମାୟୁନ୍ କବୀରଙ୍କ କଥା କହିଲେ, ଏକ ଗଣତାନ୍ତ୍ରିକ ଦେଶରେ କେହି ବି କୌଣସି ନାମ ଏବଂ କୌଣସି ଜାତି ଆଧାରରେ ନିର୍ବାଚନ ଲଢ଼ିପାରିବେ। ସଂଖ୍ୟାଲଘୁ ଭୋଟ୍ ବ୍ୟାଙ୍କ ବିଭାଜନ ଯୋଗୁଁ ମମତା ବାନାର୍ଜୀଙ୍କର ବହୁତ କମ୍ କ୍ଷତି ହେବ।'

ଟିଏମସି ଉପରେ ବିଜେପିର ଅଭିଯୋଗ। ଏପଟେ ବିଜେପି ସାଂସଦ ରାହୁଲ ସିହ୍ନା କହିଛନ୍ତି ଯେ ସମଗ୍ର ମୁସଲିମ୍ ସମ୍ପ୍ରଦାୟ ଜାଣିଛନ୍ତି ମମତା ବାନାର୍ଜୀ କିଭଳି ଦ୍ୱୈତ ରାଜନୀତି କରୁଛନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗର ଜାତୀୟତାବାଦୀ ମୁସଲମାନମାନେ ବିଜେପିକୁ ଭୋଟ୍ ଦେବେ। ମମତା ବାନାର୍ଜୀଙ୍କ ରାଜନୀତି ସମସ୍ତଙ୍କୁ ଜଣା ଏବଂ ଏଥର ତାଙ୍କୁ ସଂଖ୍ୟାଲଘୁ ଭୋଟ୍ ବ୍ୟାଙ୍କରୁ ବାହାର କରିଦିଆଯିବ। ସମସ୍ତଙ୍କ ନଜର ସଂଖ୍ୟାଲଘୁ ଭୋଟ୍ ଉପରେ ଏଥର ସମସ୍ତଙ୍କ ନଜର ସଂଖ୍ୟାଲଘୁ ଭୋଟ୍ ଉପରେ ରହିଛି। ତେବେ ହୁମାୟୁନ୍ କବୀର ଏବଂ ଓୱାଇସି ଏକାଠି ଆସିବା ଯୋଗୁଁ ସଂଖ୍ୟାଲଘୁଙ୍କ ଭୋଟ୍ ବାଣ୍ଟି ହୋଇଯିବା ଆଶଙ୍କା ରହିଛି। ଟିଏମସିର ୪୭ ପ୍ରାର୍ଥୀ, ଉତ୍ତର ବଙ୍ଗଳାରେ କଂଗ୍ରେସର ଦବଦବା ଏବଂ ଏଆଇଏମଆଇଏମ-ଏଜେୟୁପିର ପ୍ରବେଶ ବିଜେପି ବିରୋଧୀ ଭୋଟ୍‌କୁ ବାଣ୍ଟିପାରେ, ଯାହାଦ୍ୱାରା ନିକଟତର ମୁକାବିଲା ହେଉଥିବା ଆସନରେ ବିଜେପିକୁ ଫାଇଦା ହୋଇପାରେ। ଯଦି ବିରୋଧୀ ଭୋଟ୍ ବାଣ୍ଟି ହୋଇଯାଏ ଏବଂ ହିନ୍ଦୁ ଭୋଟ୍‌ର ଧ୍ରୁବୀକରଣ ବଜାୟ ରହେ, ତେବେ ବିଜେପିକୁ ଅପ୍ରତ୍ୟାଶିତ ସଫଳତା ମିଳିପାରେ। ବିଶ୍ଳେଷକମାନେ ମନେ କରନ୍ତି ଯେ ସ୍ଥାନୀୟ ଅଭିଯୋଗ ଏବଂ ନୂଆ ପ୍ରତିଯୋଗୀଙ୍କ କାରଣରୁ ଟିଏମସିର ଗଡ଼ରେ ଫାଟ ସୃଷ୍ଟି ହେଉଛି, ଯାହା ସମ୍ଭାବ୍ୟ ଭାବେ ବିଜେପିକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିପାରେ। ବିଜେପି ଏହାକୁ ମୁସଲିମ୍ ବହୁଳ ଜିଲ୍ଲାଗୁଡ଼ିକରେ ବିଭାଜିତ ବିରୋଧୀଙ୍କ ଲାଭ ଉଠାଇବା ଏବଂ ତ୍ରିମୁଖୀ ମୁକାବିଲାକୁ ଜିତିବାର ସୁଯୋଗ ଭାବେ ଦେଖୁଛି।

ପ୍ରମୋଦ ସାମନ୍ତରାୟ
ଭୁବନେଶ୍ୱର

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



# ଓଡ଼ିଶାରେ ଆଂଚଳିକ ଦଳ ମାଳ ମାଳ

## କିଏ ସଫଳ ? କିଏ ବିଫଳ ?

ସ୍ୱତନ୍ତ୍ର ଉପସ୍ଥାପନା
ପ୍ରମୋଦ ସାମନ୍ତରାୟ

ଭୁବନେଶ୍ୱର, ୧୧/୦୪ (ଜେଏନ୍ଏସ୍) : ଦେଶ ସ୍ୱାଧିନ ସମୟରେ ଓଡ଼ିଶାରେ ଅନେକ ଆଞ୍ଚଳିକ ଦଳ ଜନ୍ମ ନେଇଛି ଓ ସମୟର କାଳ ଗର୍ଭରେ ଅନେକ ଦଳ ବିଲିନ ହୋଇଛି । ରାଜନୈତିକ ମତଭେଦ ଓ ମନାନ୍ତର ପାଇଁ କିଏ କେତେବେଳେ କଂଗ୍ରେସ ଛାଡ଼ିଛି ତ, ଆଉ କିଏ ବିଜେପି ଛାଡ଼ି ଅନ୍ୟ ଦଳରେ ଯୋଗ ଦେଇଛି । ତେବେ କେହି କେହି ନିଜର ରାଜନୈତିକ ଭବିଷ୍ୟତ ଓ ଅସ୍ତିତ୍ୱ ବଜାୟ ରଖିବା ପାଇଁ ନୂଆ ରାଜନୈତିକ ଆଞ୍ଚଳିକ ଦଳ ଗଠନ କରି ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ସମର୍ଥନ ଜିତିବା ପାଇଁ ପ୍ରୟାଶ କରି ଆସିଛନ୍ତି । ରାଜ୍ୟରେ ଯେତୋଟି ଅଞ୍ଚଳିକ ଦଳ ଜନ୍ମ ନେଇଛି, ସେଥି ମଧ୍ୟରୁ ବିଜେଡିର ସ୍ଥାନ ଉଚ୍ଚରେ ରହିଛି । କ୍ଷମତାରୁ ଗଲା ପରେ ବିଜେଡି ମାନସିକସ୍ତରରେ ଯେତିକି ଦୁର୍ବଳ ହୋଇଛି ସଂଗଠନ ସ୍ତରରେ ସେତିକି ଅସହାୟ ହୋଇଯାଇଛି ।

ରାଜେନ୍ଦ୍ର ନାରାୟଣ ସିଂହଦେଓ- ବିଜୁ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ନନ୍ଦୀନ ଶତପଥିଙ୍କ ପର୍ଯ୍ୟନ୍ତ କଂଗ୍ରେସ ଛାଡ଼ି ଯେଉଁମାନେ ଆଞ୍ଚଳିକ ଦଳ ପ୍ରତିଷ୍ଠା କରିଥିଲେ ସେମାନଙ୍କର ଦୀର୍ଘ ଦିନ ଧରି ପ୍ରଭାବ ରହି ନଥିଲା । ନିକଟରେ ଓଡ଼ିଶାର ବରିଷ୍ଠ ନେତା ମହମ୍ମଦ ମୋକିମ୍ କଂଗ୍ରେସ ଛାଡ଼ି ଆଗାମୀ ୧୫ ତାରିଖରେ ଓଡ଼ିଶା ଜନତା କଂଗ୍ରେସ ଦଳର ଉଦଘାଟନୀ ସମାରୋହ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ନିକଟରେ ରାଜ୍ୟସଭାକୁ ନେଇ ବିଜେଡ଼ି ଓ କଂଗ୍ରେସ ଯେଉଁଭଳି ଝଡ଼ ସୃଷ୍ଟି ହେଲା, ଉଭୟ ଦଳ ଲାଭ ପରିବର୍ତ୍ତେ ଅଧିକ କ୍ଷତି ସହିବାକୁ ପଡ଼ିଛି । କଂଗ୍ରେସରୁ ୩ ଜଣ ବିଧାୟକ ନିଲମ୍ବନ ହେବା ଏବଂ ବଜେଡ଼ିରୁ ୬ ଜଣ ବିଧାୟକ ନିଲମ୍ବିତ ହେବା ଦଳ ପାଇଁ ବାଧ ବାଧକତା ପରିସ୍ଥିତି ସୃଷ୍ଟି କରିଥିଲା । ବିଧାୟକ ରମେଶ ଜେନା, ଫିର୍ଦ୍ଦୋଶ ସୋଫିଆ ଓ ଦାଶରଥି ଗମାଙ୍ଗ ଏବେ ମୋକିମଙ୍କ ନୂଆ ଦଳରେ ସିଧାସଳଖ ଯୋଗ ନଦେଇ ପଛରୁ ପୂର୍ଣ୍ଣ ସମର୍ଥନ ଦେଇ ଦଳକୁ ଆଗେଇ ନେବାରେ ସର୍ବମତେ ସାହାଯ୍ୟ ଓ ସହଯୋଗ ଜାରି ରଖିବେ । ଓଡ଼ିଶାର ଅର୍ଦ୍ଧାଧିକ ଜିଲ୍ଲା ଗ୍ରସ୍ତ କରି ମୋକିମ କଂଗ୍ରେସର ଅସନ୍ତୁଷ୍ଟ ହୋଇଥିବା ନେତାଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ମୋକିମଙ୍କ ନୂଆ ଦଳ କେତେ ସଫଳ ହେବ କିମ୍ବା ବିଫଳ ହେବ ତାହା ସମୟ କହିବ । ତେବେ ଏହା କଂଗ୍ରେସ ଦଳ ପାଇଁ ବଡ଼ ଆହ୍ୱାନ ହେବ ବୋଲି ବିବେଚନା କରଯାଉଛି । ସେହିଭଳି କଂଗ୍ରେସକୁ ପଛରୁ ସାହାଯ୍ୟ କରିବା ପାଇଁ ଆଉ ଗୋଟେ ଆଞ୍ଚଳିକ ଦଳ ଗଠନ ହେବାକୁ ଯାଉଛି । ଏହି ନୂଆ ଦଳର ନାମ ଯୁବ ଜନତା ଦଳ ରଖାଯିବ ବୋଲି ପ୍ରାଥମିକ ସ୍ତରରେ ଆଲୋଚନା ହେଉଛି । ୨୦୨୯ ପୂର୍ବରୁ ଯଦି ବିଜେଡି ଓ କଂଗ୍ରେସ ଗଠ ବନ୍ଧନ କରି ମିଳିତ ଭାବେ ନିର୍ବାଚନ ଲଢ଼ିବେ ତେବେ ଦଳର ଅନେକ ଆଶାୟୀ ବାଦ ପଡ଼ିବା ଆଶଙ୍କା ରହିଛି । ୨୦୨୪ ନିର୍ବାଚନରେ କଂଗ୍ରେସର ୧୦୯ ଜଣ ପ୍ରାର୍ଥି ଅମାନତ ହରାଇଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ ବିଜେଡି ସହ ଗଠବନ୍ଧନ କରି ନୂଆ ସରକାର ଗଢ଼ିବାର ପରିକଳ୍ପନା କରିଛନ୍ତି । ଯଦି ବିଜେଡି କମ ଆସନ ଦିଏ, ତେବେ ଦଳର ଅନେକ ଆଶାୟୀ ବାଦ ପଡ଼ିବା ଆଶଙ୍କା ରହିଛି । ବିଭିନ୍ନ ବିଧାନସଭାର ଆଶାୟୀ ନେତାମାନଙ୍କୁ ଯୁବ ଜନତା ଦଳରେ ନିର୍ବାଚନ ଲଢ଼ିବାର ସୁଯୋଗ ମିଳିପାରେ ବୋଲି ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖି କହିଛନ୍ତି ।








୧୯୫୨ରୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଆଞ୍ଚଳିକ ଦଳଗୁଡ଼ିକର ଇତିହାସ ବେଶ୍ ରୋଚକ । ଓଡ଼ିଶାରେ ଅନେକ ଆଞ୍ଚଳିକ ଦଳ ଗଠନ କରାଯାଇଛି, କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଦଳ ନିର୍ବାଚନରେ ବିଶେଷ ସଫଳତା ପାଇନାହାନ୍ତି କିମ୍ବା କିଛି ସମୟ ପରେ ଅନ୍ୟ ଦଳ ସହିତ ମିଶି ଯାଇଛନ୍ତି । ସେମାନଙ୍କୁ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରା ଯାଇପାରେ :

**ପ୍ରାରମ୍ଭିକ ପର୍ଯ୍ୟାୟ: ଗଣତନ୍ତ୍ର ପରିଷଦ(୧୯୫୦ - ୧୯୬୦ ଦଶକ) :** ଓଡ଼ିଶାରେ ଆଞ୍ଚଳିକ ରାଜନୀତିର ଆରମ୍ଭ ପୂର୍ବତନ ଗଡ଼ଜାତ ରାଜାମାନଙ୍କ ଦ୍ୱାରା ହୋଇଥିଲା । ଗଣତନ୍ତ୍ର ପରିଷଦ: ୧୯୫୦ରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଏହି ଦଳ ଗଠିତ ହୋଇଥିଲା । ୧୯୫୨ ଓ ୧୯୫୭ ନିର୍ବାଚନରେ ଏହା କଂଗ୍ରେସକୁ କଡ଼ା ଟକ୍କର ଦେଇଥିଲା ଏବଂ ପରେ କଂଗ୍ରେସ ସହ ମିଶି ମିଳିତ ସରକାର ଗଠନ କରିଥିଲା ।

**ବିଭାଜନ ଓ ସଂଘର୍ଷର ପର୍ଯ୍ୟାୟ(୧୯୬୦ -୧୯୯୦ ଦଶକ):** ଏହି ସମୟରେ କଂଗ୍ରେସରୁ ଅଲଗା ହୋଇ ଅନେକ ନେତା ନିଜସ୍ୱ ଆଞ୍ଚଳିକ ଦଳ ଗଠନ କରିଥିଲେ ।

**ଜନ କଂଗ୍ରେସ:** ୧୯୬୬ରେ ହରେକୃଷ୍ଣ ମହତାବ ଏହି ଦଳ ଗଠନ କରିଥିଲେ ଏବଂ ୧୯୬୭ରେ ସ୍ୱତନ୍ତ୍ର ଦଳ ସହ ମିଶି ସରକାର ଗଢ଼ିଥିଲେ ।

**ଉତ୍କଳ କଂଗ୍ରେସ:** ୧୯୬୯ରେ ବିଜୁ ପଟ୍ଟନାୟକ କଂଗ୍ରେସରୁ ଅଲଗା ହୋଇ ଏହି ଦଳ ଗଢ଼ିଥିଲେ । ପରେ ଏହା ବିଭିନ୍ନ ଜାତୀୟ ଦଳ (ଜନତା ଦଳ) ସହ ମିଶି ଯାଇଥିଲା ।

**ଜାଗ୍ରତ ଓଡ଼ିଶା :** ଜାଗ୍ରତ ଓଡ଼ିଶା (ନନ୍ଦିନୀ ଶତପଥୀ) ପରି ଦଳ ମଧ୍ୟ ଏହି ସମୟରେ ଆସିଥିଲା, କିନ୍ତୁ ବିଶେଷ ସଫଳତା ପାଇନଥିଲା ।

**ବିଜୁ ଜନତା ଦଳ(ବିଜେଡି)ର ପ୍ରାଧାନ୍ୟ(୧୯୯୭ - ୨୦୨୪):** ଓଡ଼ିଶା ଇତିହାସରେ ସବୁଠାରୁ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ବିଜେଡି ଉଭା ହେଲା । ୧୯୯୭ ଡିସେମ୍ବର ୨୬ରେ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଦଳ ଗଠିତ ହେଲା । ୨୦୦୦ ମସିହାରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ୨୪ ବର୍ଷ ଧରି ବିଜେଡି ଓଡ଼ିଶାରେ ଶାସନ କରିଥିଲା । ଏହା ଓଡ଼ିଶାର ସ୍ୱାର୍ଥ ଓ 'କେନ୍ଦ୍ରୀୟ ଅବହେଳା'କୁ ମୁଖ୍ୟ ପ୍ରସଙ୍ଗ କରି ଲୋକପ୍ରିୟ ହୋଇଥିଲା ।

**ବର୍ତ୍ତମାନର ସ୍ଥିତି(୨୦୨୪ରୁ ଆଜି ପର୍ଯ୍ୟନ୍ତ):** ୨୦୨୪ ବିଧାନସଭା ନିର୍ବାଚନରେ ଏକ ବଡ଼ ପରିବର୍ତ୍ତନ ଆସିଲା । ବିଜୁ ଜନତା ଦଳ ପ୍ରଥମ ଥର ପାଇଁ କ୍ଷମତାରୁ ବାହାରି ଏବେ ମୁଖ୍ୟ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି । ବର୍ତ୍ତମାନ ବିଜେପି ଓଡ଼ିଶାରେ ସରକାର ଗଠନ କରିଛି, କିନ୍ତୁ ବିଜେଡି ଏବେ ମଧ୍ୟ ରାଜ୍ୟର ସବୁଠାରୁ ବଡ଼ ଆଞ୍ଚଳିକ ଶକ୍ତି ହୋଇ ରହିଛି ।

## ଜାଗ୍ରତ ଓଡ଼ିଶା ବିଫଳ ପଛର କାରଣ

ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଗଠିତ 'ଜାଗ୍ରତ ଓଡ଼ିଶା' ଦଳର ଇତିହାସ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା । ଏହି ଦଳର ଗଠନ ଏବଂ ବିଫଳତାର କିଛି ମୁଖ୍ୟ ଦିଗ ଏଠାରେ ଦିଆଗଲା:

୧. ଦଳର ଗଠନ ପୃଷ୍ଠଭୂମି (୧୯୮୫) : ନନ୍ଦିନୀ ଶତପଥୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ (୧୯୭୨-୧୯୭୬) ଥିଲେ । କଂଗ୍ରେସ ଦଳରୁ ବହିଷ୍କୃତ ହେବା ପରେ ଏବଂ ଜାତୀୟ ରାଜନୀତିରେ ନିଜର ସ୍ଥାନ ସଙ୍କୁଚିତ ହେବାରୁ, ସେ ୧୯୮୫ ମସିହାରେ ନିଜସ୍ୱ ଆଞ୍ଚଳିକ ଦଳ 'ଜାଗ୍ରତ ଓଡ଼ିଶା' ଗଠନ କରିଥିଲେ ।

୨. ମୁଖ୍ୟ ଉଦ୍ଦେଶ୍ୟ : ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବା ଏବଂ କେନ୍ଦ୍ରୀୟ ଅବହେଳା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା । ସେହି ସମୟରେ ଜେ.ବି. ପଟ୍ଟନାୟକଙ୍କ କଂଗ୍ରେସ ସରକାର ବିରୁଦ୍ଧରେ ଏକ ବିକଳ୍ପ ଆଞ୍ଚଳିକ ଶକ୍ତି ଭାବେ ଛିଡ଼ା ହେବା ।

୩. ନିର୍ବାଚନୀ ପ୍ରଦର୍ଶନ ଓ ବିଫଳତା : ୧୯୮୫ ବିଧାନସଭା ନିର୍ବାଚନ: ଜାଗ୍ରତ ଓଡ଼ିଶା ଦଳ ଅନେକ ଆସନରେ ପ୍ରାର୍ଥୀ ଦେଇଥିଲା । ନନ୍ଦିନୀ ଶତପଥୀ ନିଜେ ଢେଙ୍କାନାଳ ଆସନରୁ ଜିତିଥିଲେ, କିନ୍ତୁ ତାଙ୍କ ଦଳର ଅନ୍ୟ କୌଣସି ପ୍ରାର୍ଥୀ ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇପାରି ନଥିଲେ ।

ସଂଗଠନର ଅଭାବ: ଦଳଟି କେବଳ ନନ୍ଦିନୀ ଶତପଥୀଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ଉପରେ ନିର୍ଭରଶୀଳ ଥିଲା । ଗ୍ରାମାଞ୍ଚଳରେ ଦଳର କୌଣସି ମଜବୁତ ସଂଗଠନ ନଥିଲା ।

ଆର୍ଥିକ ସମସ୍ୟା: କଂଗ୍ରେସ ପରି ଏକ ବଡ଼ ଦଳ ସହ ଲଢ଼ିବା ପାଇଁ ଯେଉଁ ଆର୍ଥିକ ସମ୍ବଳ ଓ ପ୍ରଚାର ଦରକାର, ତାହା ଜାଗ୍ରତ ଓଡ଼ିଶା ପାଖରେ ନଥିଲା ।

୪. ଦଳର ବିଲୟ (୧୯୮୯-୯୦) : ନିର୍ବାଚନରେ ଆଶାନୁରୂପ ସଫଳତା ନ ମିଳିବାରୁ ଏବଂ ଜାତୀୟ ସ୍ତରରେ ରାଜନୈତିକ ପରିବର୍ତ୍ତନ ଯୋଗୁଁ, ନନ୍ଦିନୀ ଶତପଥୀ ପରେ ପୁଣି କଂଗ୍ରେସ ଦଳକୁ ଫେରିଯାଇଥିଲେ । ଏହାଫଳରେ 'ଜାଗ୍ରତ ଓଡ଼ିଶା' ଦଳର ଅସ୍ତିତ୍ୱ ଧୀରେ ଧୀରେ ଶେଷ ହୋଇଗଲା ।

ଏକ ରୋଚକ ତଥ୍ୟ: ନନ୍ଦିନୀ ଶତପଥୀଙ୍କୁ ଓଡ଼ିଶାର 'ଲୌହ ମାନବୀ' କୁହାଯାଉଥିଲା, କିନ୍ତୁ ଜଣେ ବଡ଼ ନେତା ହୋଇ ମଧ୍ୟ ସେ ନିଜ ଆଞ୍ଚଳିକ ଦଳକୁ ବିଜେଡି ପରି ସଫଳ କରିପାରି ନଥିଲେ ।



## ବର୍ତ୍ତମାନ ବିଜେପି ଓ ବିଜେଡିର ଭବିଷ୍ୟତ

ଓଡ଼ିଶା ରାଜନୀତିରେ ବର୍ତ୍ତମାନର ସ୍ଥିତି ଏବଂ ବିଜେଡିର ଭବିଷ୍ୟତକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଏବେ ଚର୍ଚ୍ଚାରେ ଅଛି ।

**୧.ନବୀନ ପଟ୍ଟନାୟକଙ୍କ ପରବର୍ତ୍ତୀ ନେତୃତ୍ୱ :** ବିଜେଡି ପାଇଁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ନବୀନ ବାବୁଙ୍କ ପରେ ଦଳର ମଙ୍ଗ କିଏ ଧରିବେ? ୨୦୨୪ ପରାଜୟ ପରେ ଭି.କେ. ପାଣ୍ଡିଆନ ସକ୍ରିୟ ରାଜନୀତିରୁ ଅବସର ନେବା ଘୋଷଣା କରିଛନ୍ତି । ଦଳର ପୁରୁଣା ନେତାମାନେ ଏବେ ପୁଣି ସକ୍ରିୟ ହୋଇଛନ୍ତି । ନବୀନ ବାବୁ ଏବେ ନିଜେ 'ବିରୋଧୀ ଦଳ ନେତା' ଭାବେ ବିଧାନସଭାରେ ସରକାରଙ୍କୁ ଘେରୁଛନ୍ତି ।

**୨. ବିଜେପି ସରକାରଙ୍କ ନୂଆ ପଦକ୍ଷେପ :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର କିଛି ବଡ଼ ନିଷ୍ପତ୍ତି ନେଇଛନ୍ତି ।

**ରତ୍ନଭଣ୍ଡାର ଖୋଲିବା:** ଦୀର୍ଘ ବର୍ଷର ଅପେକ୍ଷା ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଛି ଏବଂ ମରାମତି କାର୍ଯ୍ୟ ଚାଲିଛି ।

**ସୁଭଦ୍ରା ଯୋଜନା:** ମହିଳାମାନଙ୍କୁ ଆର୍ଥିକ ସହାୟତା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି, ଯାହା ବିଜେପିର ଏକ ପ୍ରମୁଖ ନିର୍ବାଚନୀ ପ୍ରତିଶ୍ରୁତି ଥିଲା ।

**ଧାନର ସହାୟକ ମୂଲ୍ୟ:** ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

**୩. ବିଜେଡିର ପୁନରୁଦ୍ଧାର ପାଇଁ ରଣନୀତି :** ନବୀନ ପଟ୍ଟନାୟକ ଏବେ ଦଳକୁ ପୁଣି ସଂଗଠିତ କରିବା ପାଇଁ ତୃଣମୂଳ ସ୍ତରରୁ କାମ ଆରମ୍ଭ କରିଛନ୍ତି । ସେ ଜିଲ୍ଲାୱାରୀ ନେତାମାନଙ୍କ ସହ ସମୀକ୍ଷା ବୈଠକ କରୁଛନ୍ତି । ବିଜେଡି ଏବେ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ହୋଇ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଉଛି ।

**୪. କଂଗ୍ରେସର ସ୍ଥିତି :** ଓଡ଼ିଶାରେ କଂଗ୍ରେସ ନିଜର ପୁରୁଣା ଗଡ଼ ଫେରି ପାଇବାକୁ ଚେଷ୍ଟା କରୁଛି । ୨୦୨୪ରେ କଂଗ୍ରେସର ଆସନ ସଂଖ୍ୟା ୯ରୁ ୧୪କୁ ବୃଦ୍ଧି ପାଇଛି, ଯାହା ସେମାନଙ୍କ ପାଇଁ ଏକ ସକାରାତ୍ମକ ସଙ୍କେତ ।

## ସଫଳ ହୋଇ ପାରିନଥିବା ପ୍ରମୁଖ ଆଂଚଳିକ ଦଳ

**ଜାଗ୍ରତ ଓଡ଼ିଶା:** ଏହି ଦଳଟିକୁ ୧୯୮୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଗଠନ କରିଥିଲେ । କିନ୍ତୁ ଏହା ଓଡ଼ିଶା ରାଜନୀତିରେ କୌଣସି ପ୍ରଭାବ ପକାଇ ପାରିନଥିଲା ।

**ଓଡ଼ିଶା ଜନ ମୋର୍ଚ୍ଚା :** ବିଜେଡିରୁ ବହିଷ୍କୃତ ହେବା ପରେ ପ୍ୟାରୀମୋହନ ମହାପାତ୍ର ୨୦୧୩ରେ ଏହି ଦଳ ଗଠନ କରିଥିଲେ । ଦୁର୍ବଳ ନେତୃତ୍ୱ ଏବଂ ଜନସମର୍ଥନ ଅଭାବରୁ ଏହା ଏବେ ଏକ ନିଷ୍କ୍ରିୟ ଦଳ ଭାବେ ଗଣାଯାଏ ।

**ଆମ ଓଡ଼ିଶା ପାର୍ଟି:** ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଏହି ଦଳ ଗଠିତ ହୋଇଥିଲା । ଏହା କିଛି ନିର୍ବାଚନ ଲଢ଼ିଥିଲେ ମଧ୍ୟ କୌଣସି ବଡ଼ ସଫଳତା ପାଇନଥିଲା ଏବଂ ପରେ ସେ ବିଜେଡିରେ ଯୋଗ ଦେଇଥିଲେ ।

**ସମତା କ୍ରାନ୍ତି ଦଳ:** ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏହି ଦଳ ଗଢ଼ିଥିଲେ । ଏହି ଦଳ ମଧ୍ୟ ବିଶେଷ ଆସନ ଜିତିବାରେ ବିଫଳ ହୋଇଥିଲା ।

**କୋଶଳ କ୍ରାନ୍ତି ଦଳ:** ପଶ୍ଚିମ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଏହି ଦଳ ଗଠିତ ହୋଇଥିଲେ ମଧ୍ୟ ଏହାକୁ ସମଗ୍ର ରାଜ୍ୟରେ ସଫଳତା ମିଳିନଥିଲା ।

**ଓଡ଼ିଶା ଗଣ ପରିଷଦ:** ୨୦୦୦ ମସିହାରେ ବିଜୟ ମହାପାତ୍ରଙ୍କ ଦ୍ୱାରା ଏହା ଗଠିତ ହୋଇଥିଲା । ୨୦୦୪ ନିର୍ବାଚନରେ ଏହି ଦଳ କଂଗ୍ରେସ ସହ ମିଶି ମାତ୍ର ୨ଟି ଆସନ ଜିତିଥିଲା । ଶେଷରେ ୨୦୦୭ରେ ଏହା ଏନସିପି ସହ ମିଶିଯାଇଥିଲା ।

**ଉତ୍କଳ କଂଗ୍ରେସ:** ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୬୯ରେ ଗଠିତ ଏହି ଦଳ ପ୍ରଥମେ ସଫଳତା ପାଇଥିଲେ ମଧ୍ୟ ପରେ ଏହା ଭାରତୀୟ ଲୋକ ଦଳ ସହ ମିଶି ଯାଇଥିଲା ।

**ଉତ୍କଳ ଭାରତ:** ବାଲେଶ୍ୱରର ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ୨୦୧୦ ମସିହାରେ ଏହି ଦଳ ଗଠନ କରିଥିଲେ । ୨୦୧୯ ନିର୍ବାଚନ ପୂର୍ବରୁ ଖାରବେଳ ସ୍ୱାଇଁ ପୁଣି ଥରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇ ଦଳର ସକ୍ରିୟତା ପ୍ରାୟତଃ ଶେଷ ହୋଇଯାଇଛି ।

**ସମୃଦ୍ଧ ଓଡ଼ିଶା :** ଡକ୍ଟର ଯତୀଶ ଚନ୍ଦ୍ର ମହାନ୍ତି (୧୯୭୯ ବ୍ୟାଚର ଜଣେ ପୂର୍ବତନ ଆଇ.ଏ.ଏସ. ଅଫିସର ) ସେ ଆନ୍ଧ୍ରପ୍ରଦେଶ କ୍ୟାଡରରେ କାମ କରୁଥିଲେ, କିନ୍ତୁ ଓଡ଼ିଶାର ବିକାଶ ପାଇଁ ନିଜ ଚାକିରିରୁ ଅବସର ନେଇ ୨୩ ଅଗଷ୍ଟ, ୨୦୦୭ରେ ଏହି ଦଳ ଗଠନ କରିଥିଲେ ।








## ଓଡ଼ିଶା ରାଜନୀତିରେ ବିଜୁ ଓ ନନ୍ଦିନୀଙ୍କ ଶକ୍ତି ପ୍ରଦର୍ଶନ

ଇତିହାସରେ ବିଜୁ ପଟ୍ଟନାୟକ ଏବଂ ନନ୍ଦିନୀ ଶତପଥୀଙ୍କ ମଧ୍ୟରେ ଥିବା ଲଢ଼େଇ ସବୁଠାରୁ ଚର୍ଚ୍ଚିତ । ଏହି ଦୁଇ ଜଣ ହେଉଛନ୍ତି ଓଡ଼ିଶାର ଦୁଇ ଜଣ ଅତି ପ୍ରଭାବଶାଳୀ ନେତା, ଯିଏକି ନିଜ ନିଜର ଆଞ୍ଚଳିକ ଶକ୍ତି ପ୍ରଦର୍ଶନ କରିଥିଲେ । ଏହି ଲଢ଼େଇର କିଛି ମୁଖ୍ୟ ଦିଗ ଏଠାରେ ଦିଆଗଲା:

**୧. ଗୁରୁ-ଶିଷ୍ୟାରୁ ଶତ୍ରୁତା :** ନନ୍ଦିନୀ ଶତପଥୀଙ୍କୁ ରାଜନୀତିକୁ ଆଣିବାରେ ବିଜୁ ପଟ୍ଟନାୟକଙ୍କର ବଡ଼ ହାତ ଥିଲା । କିନ୍ତୁ ୧୯୭୦ ଦଶକରେ ଯେତେବେଳେ ବିଜୁ ବାବୁ କଂଗ୍ରେସରୁ ଅଲଗା ହୋଇ 'ଉତ୍କଳ କଂଗ୍ରେସ' ଗଠନ କଲେ, ସେତେବେଳେ ନନ୍ଦିନୀ ଶତପଥୀ ଇନ୍ଦିରା ଗାନ୍ଧୀଙ୍କ ନିକଟତର ହୋଇ ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେଲେ ।

**୨. ୧୯୭୨ର ଐତିହାସିକ ଉପ-ନିର୍ବାଚନ :** ୧୯୭୨ ମସିହାରେ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କୁ ବିଧାନସଭାକୁ ନିର୍ବାଚିତ ହେବା ପାଇଁ କଟକ ସହର ଆସନରୁ ଉପ-ନିର୍ବାଚନ ଲଢ଼ିବାକୁ ପଡ଼ିଥିଲା । ବିଜୁ ପଟ୍ଟନାୟକ ସେତେବେଳେ ନିଜେ ନଲଢ଼ି ନନ୍ଦିନୀଙ୍କ ବିରୁଦ୍ଧରେ ବିରେନ୍ଦ୍ର ମିତ୍ରଙ୍କୁ ସମର୍ଥନ ଦେଇଥିଲେ । ଏହି ନିର୍ବାଚନ ବହୁତ ରୋଚକ ଥିଲା, ଯେଉଁଥିରେ ନନ୍ଦିନୀ ଶତପଥୀ ଜିତିଥିଲେ ଏବଂ ବିଜୁ ପଟ୍ଟନାୟକଙ୍କ ଆଞ୍ଚଳିକ ଦଳ 'ଉତ୍କଳ କଂଗ୍ରେସ'କୁ ଏକ ବଡ଼ ଧକ୍କା ଲାଗିଥିଲା ।

**୩. ଜରୁରୀକାଳୀନ ପରିସ୍ଥିତି ଓ ବିଜୁ ବାବୁଙ୍କ ଜେଲ୍ ଯାତ୍ରା :** ୧୯୭୫ରେ ଯେତେବେଳେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେଲା, ସେତେବେଳେ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ସମୟରେ ହିଁ ବିଜୁ ପଟ୍ଟନାୟକଙ୍କ ସମେତ ଅନେକ ବିରୋଧୀ ନେତାଙ୍କୁ ଜେଲ୍ ପଠାଯାଇଥିଲା । ଏହା ପରଠାରୁ ଦୁହିଁଙ୍କ ମଧ୍ୟରେ ରାଜନୈତିକ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ତିକ୍ତ ହୋଇଯାଇଥିଲା ।

**୪. କ୍ଷମତାରୁ ବିଦାୟ ଓ ସମାନ ପରିସ୍ଥିତି :** ବିଜୁ ପଟ୍ଟନାୟକଙ୍କ ପରି ନନ୍ଦିନୀ ଶତପଥୀଙ୍କୁ ମଧ୍ୟ ପରେ କଂଗ୍ରେସ ଦଳରୁ ବାହାର କରିଦିଆଯାଇଥିଲା । ବିଜୁ ବାବୁଙ୍କ 'ଉତ୍କଳ କଂଗ୍ରେସ' ଯେପରି ସଫଳତା ପାଇଲା, ନନ୍ଦିନୀ ଶତପଥୀଙ୍କ 'ଜାଗ୍ରତ ଓଡ଼ିଶା' ସେପରି ସଫଳତା ପାଇପାରିଲାନି ।

**ଶେଷରେ:** ଉଭୟ ନେତା ଓଡ଼ିଶାର ବିକାଶ ପାଇଁ ବହୁତ କାମ କରିଥିଲେ, କିନ୍ତୁ ସେମାନଙ୍କର ବ୍ୟକ୍ତିଗତ ଓ ରାଜନୈତିକ ଲଢ଼େଇ ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିଥିଲା ।

## ମଇ ୨୯, 'ମିଡ୍ ନାଇଟ୍' ଅପରେସନ...

ଓଡ଼ିଶା ରାଜନୀତିରେ ୨୯ ମେ, ୨୦୧୨ ର ସେହି ରାତିକୁ 'ମିଡ୍‌ନାଇଟ୍ କୁ' ବା 'ମଧ୍ୟରାତ୍ରିର ବିଦ୍ରୋହ' କୁହାଯାଏ । ଏହା ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ସବୁଠାରୁ ବଡ଼ ରାଜନୈତିକ ସଂକଟ ଥିଲା ।

**ଏହି ଘଟଣାର ମୁଖ୍ୟ ଦିଗଗୁଡ଼ିକ ହେଲା:**

**୧. ପ୍ୟାରୀମୋହନ ମହାପାତ୍ରଙ୍କ ଭୂମିକା :** ନବୀନ ପଟ୍ଟନାୟକ ରାଜନୀତିକୁ ଆସିବା ପରଠାରୁ ପ୍ୟାରୀମୋହନ ମହାପାତ୍ର ତାଙ୍କର ମୁଖ୍ୟ ପରାମର୍ଶଦାତା ବା 'ଚାଣକ୍ୟ' ଥିଲେ । ଦଳ ଏବଂ ସରକାରର ସମସ୍ତ ବଡ଼ ନିଷ୍ପତ୍ତି ପ୍ୟାରୀବାବୁ ହିଁ ନେଉଥିଲେ । କିନ୍ତୁ ସମୟକ୍ରମେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଲା ।

**୨. ସେହି ରାତିର ଘଟଣା (୨୯ ମେ, ୨୦୧୨) :** ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ପ୍ରଥମ ବିଦେଶ ଗସ୍ତରେ ଲଣ୍ଡନ ଯାଇଥିଲେ । ନବୀନ ବାବୁଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପ୍ୟାରୀମୋହନ ମହାପାତ୍ର ନିଜ ବାସଭବନରେ ବିଜେଡିର ପ୍ରାୟ ୩୦ରୁ ୪୦ ଜଣ ବିଧାୟକଙ୍କୁ ଏକାଠି କରିଥିଲେ । ଅଭିଯୋଗ ହୋଇଥିଲା ଯେ, ପ୍ୟାରୀବାବୁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ନିଜେ କିମ୍ବା ନିଜର ଜଣେ ବିଶ୍ୱସ୍ତଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଥିଲେ ।

**୩. ନବୀନଙ୍କ ପାଲଟା ଆକ୍ରମଣ :** ଲଣ୍ଡନରେ ଥାଇ ମଧ୍ୟ ନବୀନ ପଟ୍ଟନାୟକ ଏହି ଖବର ପାଇଗଲେ । ସେ ସେଠାରୁ ନିଜର ଅନ୍ୟ ବିଶ୍ୱସ୍ତ ନେତା (ଯେପରିକି ବୈଜୟନ୍ତ ପଣ୍ଡା ଓ ଅନ୍ୟମାନେ) ଏବଂ ଅଫିସରମାନଙ୍କ ସହ ଯୋଗାଯୋଗ କଲେ । ନବୀନ ବାବୁ ଓଡ଼ିଶା ଫେରିବା ମାତ୍ରେ ଏହି ବିଦ୍ରୋହକୁ ଦମନ କରିଥିଲେ । ତୁରନ୍ତ ପ୍ୟାରୀମୋହନ ମହାପାତ୍ରଙ୍କୁ ଦଳରୁ ବହିଷ୍କାର କରାଗଲା ଏବଂ ତାଙ୍କ ସହ ଥିବା ମନ୍ତ୍ରୀମାନଙ୍କୁ ପଦରୁ ହଟାଇ ଦିଆଗଲା ।

**୪. ପରିଣାମ :** ଏହି ଘଟଣା ପରେ ନବୀନ ପଟ୍ଟନାୟକ ଜଣେ ଦୃଢ଼ ପ୍ରଶାସକ ଭାବେ ଉଭା ହେଲେ । ସେ ପ୍ୟାରୀବାବୁଙ୍କ 'ଛାୟା'ରୁ ବାହାରି ନିଜେ ସମସ୍ତ ନିଷ୍ପତ୍ତି ନେବା ଆରମ୍ଭ କଲେ । ପରେ ପ୍ୟାରୀମୋହନ ମହାପାତ୍ର 'ଓଡ଼ିଶା ଜନ ମୋର୍ଚ୍ଚା' ନାମକ ଏକ ଆଞ୍ଚଳିକ ଦଳ ଗଠନ କରିଥିଲେ, କିନ୍ତୁ ସେ ବିଶେଷ ସଫଳତା ପାଇପାରିଲେ ନାହିଁ । ଏହି ଘଟଣା ପ୍ରମାଣ କରିଥିଲା ଯେ ବିଜେଡି ମଧ୍ୟରେ ନବୀନ ପଟ୍ଟନାୟକଙ୍କ ସ୍ଥାନ ଅଦ୍ୱିତୀୟ ।



## ବିଜେଡି ହାରିବା ପଛର ପ୍ରମୁଖ କାରଣ

୨୦୨୪ ନିର୍ବାଚନରେ ବିଜୁ ଜନତା ଦଳର ୨୪ ବର୍ଷର ଶାସନ ଶେଷ ହେବା ଏବଂ ଭାରତୀୟ ଜନତା ଦଳ କ୍ଷମତାକୁ ଆସିବା ପଛରେ କିଛି ପ୍ରମୁଖ କାରଣ ରହିଥିଲା ।

**୧. ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ପ୍ରଭାବ :** ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ପୂର୍ବତନ ଆଇଏଏସ୍ ଅଫିସର ଭି.କେ. ପାଣ୍ଡିଆନଙ୍କ ଦଳ ଓ ସରକାରରେ ଅତ୍ୟଧିକ ପ୍ରଭାବକୁ ଲୋକମାନେ ପସନ୍ଦ କରିନଥିଲେ । ବିଜେପି ଏହାକୁ 'ଓଡ଼ିଆ ଅସ୍ମିତା' ସହ ଯୋଡ଼ିଥିଲା ଏବଂ ଜଣେ ଅଣ-ଓଡ଼ିଆ ବ୍ୟକ୍ତି ଓଡ଼ିଶା ଚଳାଉଛନ୍ତି ବୋଲି ପ୍ରଚାର କରିଥିଲା, ଯାହା ଭୋଟରଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା ।

**୨. ଶାସନ ବିରୋଧୀ ହାୱା :** ୨୪ ବର୍ଷର କ୍ରମାଗତ ଶାସନ ପରେ ଲୋକମାନେ ଏକ ପରିବର୍ତ୍ତନ ଚାହୁଁଥିଲେ । ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ବେକାରୀ ସମସ୍ୟା ଏବଂ ନିଯୁକ୍ତି ଅଭାବକୁ ନେଇ ଅସନ୍ତୋଷ ଥିଲା ।

**୩. ରତ୍ନଭଣ୍ଡାର ଓ ଅନ୍ୟାନ୍ୟ ପ୍ରସଙ୍ଗ :** ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ହଜିବା ଏବଂ ପରିକ୍ରମା ପ୍ରକଳ୍ପ ସମୟରେ ହୋଇଥିବା ବିବାଦକୁ ବିଜେପି ନିଜର ମୁଖ୍ୟ ଅସ୍ତ୍ର କରିଥିଲା । ଏହା ଭକ୍ତ ଓ ସାଧାରଣ ଓଡ଼ିଆଙ୍କ ଭାବନାକୁ ପ୍ରଭାବିତ କରିଥିଲା ।

**୪. ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ଏବଂ ତାଙ୍କର 'ଡବଲ୍ ଇଞ୍ଜିନ୍' ସରକାରର ସ୍ଲୋଗାନ ଲୋକଙ୍କୁ ଆକର୍ଷିତ କରିଥିଲା । କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ରାଜ୍ୟରେ ଠିକ୍ ଭାବେ ଲାଗୁ ନକରିବାର ଅଭିଯୋଗ ମଧ୍ୟ ବିଜେଡି ପାଇଁ କ୍ଷତିକାରକ ହୋଇଥିଲା ।

**୫. ବିଜେପିର ସାଂଗଠନିକ ରଣନୀତି :** ବିଜେପି ଏଥର ଗ୍ରାମାଞ୍ଚଳରେ ନିଜର ସଂଗଠନକୁ ବହୁତ ମଜବୁତ କରିଥିଲା । ଅନ୍ୟପଟେ ବିଜେଡିର ଅନେକ ପୁରୁଣା ନେତା ପାଣ୍ଡିଆନଙ୍କ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ ହୋଇ ଦଳ ଛାଡ଼ିଥିଲେ କିମ୍ବା ନିଷ୍କ୍ରିୟ ହୋଇଯାଇଥିଲେ ।

**୨୦୨୪ ନିର୍ବାଚନ ଫଳାଫଳ:** ବିଜେପି ୭୮ ଆସନ (ସଂଖ୍ୟାଗରିଷ୍ଠତା), ବିଜେଡି ୫୧ ଆସନ (ବିରୋଧୀ ଦଳ), କଂଗ୍ରେସ ୧୪ ଆସନ । ଏହାପରେ ମୋହନ ଚରଣ ମାଝୀ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଏବଂ ନବୀନ ପଟ୍ଟନାୟକ ପ୍ରଥମ ଥର ପାଇଁ ବିରୋଧୀ ଦଳ ନେତା ଭୂମିକାରେ ଅଛନ୍ତି ।

**୨୦୨୪ ନିର୍ବାଚନ ପରେ ଓଡ଼ିଶା ରାଜନୀତିରେ ପୁଣି ଏକ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ଚର୍ଚ୍ଚା ଜୋର ଧରିଛି । କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୁକିମ୍ ଏବଂ ବିଜେଡିରୁ ଅଲଗା ହୋଇଥିବା କିଛି ନେତା ଏକ ନୂଆ ବିକଳ୍ପ ଆଞ୍ଚଳିକ ଦଳ ଗଠନ କରିବା ନେଇ ଆଲୋଚନା କରୁଛନ୍ତି । ଓଡ଼ିଶାରେ ଅନେକ ଆଞ୍ଚଳିକ ଦଳ ଗଠନ କରାଯାଇଛି, କିନ୍ତୁ ବିଜୁ ଜନତା ଦଳକୁ ଛାଡ଼ିଦେଲେ ଅନ୍ୟ କୌଣସି ଦଳ ଦୀର୍ଘକାଳୀନ ସଫଳତା ପାଇପାରି ନାହାନ୍ତି ।**

### ଦଳଗୁଡ଼ିକର ବିଫଳତା ପଛର କାରଣ

**୧. ବ୍ୟକ୍ତିକୈନ୍ଦ୍ରିକ ରାଜନୀତି :** ଓଡ଼ିଶାର ଅଧିକାଂଶ ଆଞ୍ଚଳିକ ଦଳ କୌଣସି ନିର୍ଦ୍ଦିଷ୍ଟ ବିଚାରଧାରା ଅପେକ୍ଷା ଜଣେ ନେତାଙ୍କ ବ୍ୟକ୍ତିତ୍ୱ ଉପରେ ଆଧାରିତ ଥିଲେ ।

**ଉଦାହରଣ :** ପ୍ୟାରୀମୋହନ ମହାପାତ୍ରଙ୍କ ଓଡ଼ିଶା ଜନ ମୋର୍ଚ୍ଚା ଏବଂ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଆମ ଓଡ଼ିଶା ପାର୍ଟି । ଏହି ଦଳଗୁଡ଼ିକ ସେହି ନେତାମାନଙ୍କ ବ୍ୟକ୍ତିଗତ ପ୍ରଭାବ ଉପରେ ଚାଲୁଥିଲା । ଯେତେବେଳେ ସେହି ନେତାମାନେ ନିର୍ବାଚନ ହାରିଗଲେ କିମ୍ବା ସକ୍ରିୟ ରହିଲେ ନାହିଁ, ଦଳ ମଧ୍ୟ ଦୁର୍ବଳ ହୋଇଗଲା ।

**୨. ସାଂଗଠନିକ ଦୁର୍ବଳତା :** ବିଜେଡି ପରି ଶକ୍ତିଶାଳୀ ଦଳ ସହ ଲଢ଼ିବା ପାଇଁ ଗ୍ରାମାଞ୍ଚଳରେ ଯେଉଁ ସାଂଗଠନିକ ଢାଞ୍ଚା ଦରକାର, ତାହା ଏହି ନୂଆ ଦଳଗୁଡ଼ିକ ପାଖରେ ନଥିଲା । ବିଜେଡି ପାଖରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରି ଏକ ବଡ଼ ଜନସମର୍ଥନ ଭିତ୍ତିଭୂମି ଥିଲା, ଯାହାକୁ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକ ଅତିକ୍ରମ କରିପାରିଲେ ନାହିଁ ।

**୩. ଆର୍ଥିକ ସମ୍ବଳର ଅଭାବ :** ନିର୍ବାଚନ ଲଢ଼ିବା ପାଇଁ ପ୍ରବଳ ଅର୍ଥ ଓ ସମ୍ବଳର ଆବଶ୍ୟକତା ଥାଏ । ନୂଆ ଆଞ୍ଚଳିକ ଦଳଗୁଡ଼ିକ ଶାସକ ଦଳ ପରି ବଡ଼ ବଡ଼ ସଭା ଓ ପ୍ରଚାର କରିବାକୁ ସମର୍ଥ ହୋଇନଥିଲେ । ଆମ ଓଡ଼ିଶା ପାର୍ଟି କିଛି ଆସନରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସମ୍ବଳ ଅଭାବରୁ ଏହାକୁ ସମଗ୍ର ଓଡ଼ିଶାରେ ବିସ୍ତାର କରିବା କଷ୍ଟକର ହୋଇଥିଲା ।

**୪. ବିଚାରଧାରାର ଅସ୍ପଷ୍ଟତା :** ଅନେକ ଦଳ କେବଳ ଶାସକ ଦଳର ବିରୋଧ କରିବା କିମ୍ବା ବ୍ୟକ୍ତିଗତ ଆକ୍ରୋଶରୁ ଗଢ଼ାଯାଇଥିଲା । ସାଧାରଣ ଲୋକଙ୍କ ପାଇଁ ସେମାନଙ୍କ ପାଖରେ କୌଣସି ନୂଆ କିମ୍ବା ଆକର୍ଷଣୀୟ ଏଜେଣ୍ଡା ନଥିଲା । ଜନ କଂଗ୍ରେସ ପରି ଦଳଗୁଡ଼ିକ ମୁଖ୍ୟତଃ କଂଗ୍ରେସରୁ ଅଲଗା ହୋଇଥିବା ନେତାମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥରୁ ସୃଷ୍ଟି ହୋଇଥିଲା, ଯାହା ଦୀର୍ଘସ୍ଥାୟୀ ହୋଇପାରିଲାନି ।

**୫. ମିଳିତ ଶାସନରେ ସମସ୍ୟା :** ପ୍ରାରମ୍ଭିକ ପର୍ଯ୍ୟାୟରେ ଗଣତନ୍ତ୍ର ପରିଷଦ ଏବଂ ଉତ୍କଳ କଂଗ୍ରେସ ପରି ଦଳ ମିଳିତ ସରକାର ଗଢ଼ିଥିଲେ, କିନ୍ତୁ ଅନ୍ତଃକନ୍ଦଳ ଓ ଜାତୀୟ ଦଳଗୁଡ଼ିକ ସହ ମତଭେଦ ଯୋଗୁଁ ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ହରାଇ ବସିଲେ । ଏହି ସବୁ କାରଣରୁ ଓଡ଼ିଶାରେ ଆଞ୍ଚଳିକ ଦଳଗୁଡ଼ିକ ସମୟକ୍ରମେ ଅନ୍ୟ ବଡ଼ ଦଳ ସହ ମିଶି ଯାଇଛନ୍ତି କିମ୍ବା ରାଜନୀତି ମଇଦାନରୁ ହଜି ଯାଇଛନ୍ତି ।

# ବିଜେଡିରେ ଚାଲିଛି ନିଲମ୍ବନ ପର୍ବ ଆଶା ଆଶଙ୍କାରେ ବିଜେପି

ଭୁବନେଶ୍ୱର, ୧୧/୦୪ (ଜେଏନ୍ଏସ୍) : ବିଜେଡିରେ ଏବେ ଚାଲିଛି ସସପେଣ୍ଡ ପର୍ବ । ଜଣେ ପରେ ଜଣେ ନେତାଙ୍କୁ ଦଳ ବିରୋଧୀ କାର୍ଯ୍ୟପାଇଁ ଦଳରୁ ନିଲମ୍ବିତ କରାଯାଉଛି । ଗତକାଲି ଭଦ୍ରକ ରାଜନୀତିରେ ପ୍ରଭାବୀ ଥିବା ମଣ୍ଡଳ ଦମ୍ପତ୍ତିଙ୍କୁ ସସପେଣ୍ଡ କରିଛି ଦଳ। ଯାହାକୁ ନେଇ ରାଜ୍ୟ ରାଜନୀତିରେ ବଡ ହଟଚମଟ ଦେଖା ଦେଇଛି । କୁହାଯାଉଛି ମଣ୍ଡଳ ଦମ୍ପତ୍ତି ଖୁବ ଶୀଘ୍ର ବିଜେପି ଯାଇପାରନ୍ତି । ଏହାରି ଭିତରେ ବିଜେଡିରୁ ଅନେକ ନେତା ଏବେ ବିଜେପି ମୁହାଁ ହେଉଥିବା ବେଳେ ବିଜେପିର ବଳ ବଢୁଛି । ହେଲେ ଅଧିକ ମାତ୍ରାରେ ବିଜେଡିନେତା ବିଜେପିକୁ ଯାଉଥିବା ବେଳେ ଆଗାମୀ ଦିନରେ ଦଳ ଅଡୁଆରେ ପଡିପାରେ ବୋଲି ଆଂଶକା କରାଯାଉଛି । ସେପଟେ ବିଜେଡି କେତେ ନେତାଙ୍କୁ ଏମିତି ଦଳରୁ ସସପେଣ୍ଡ କରିବ ଏବଂ ଏହାଦ୍ୱାରା ଦଳ ଦୁର୍ବଳ ହେବ କି ନା ତାକୁ ନେଇ ବି ଯୋର ଧରିଛି ଚର୍ଚ୍ଚା। ବିଜେଡ଼ିରେ ଲମ୍ବି ଚାଲିଛି ସସପେଣ୍ଡ ତାଲିକା । ଏଥିରୁ ବାଦ ପଡୁ ନାହାନ୍ତି ବିଧାୟକ, ପୂର୍ବତନ ବିଧାସକ, ସାଂସଦ କି ବରିଷ୍ଠ ନେତା । ବରିଷ୍ଠ, କନିଷ୍ଠ, ଯୁବ, ଛାତ୍ର ସବୁ ସଂଗଠନରେ ବିଜେଡି ଚଲାଇଛି ସସପେଣ୍ଡ ପର୍ବ । ଏହାରି ଭିତରେ ଗତକାଲି ବିଜେଡି ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ଦଳ ସସପେଣ୍ଡ କରିଛି । ଦଳ ବିରୋଧି କାମ ପାଇଁ ତାଙ୍କ ଉପରେ ଦଳ କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଉଛି । ଏମିତି କି ସେ ଖୁବ ଶିଘ୍ର ବିଜେପିରେ ମିଶିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ଏପଟେ ବିଜେଡି ବର୍ତ୍ତମାନ ଯେମିତି ଦଳ ବିରୋଧି କାର୍ଯ୍ୟକ୍ରମ ନାଁ ରେ ଜଣେପରେ ଜଣେ ନେତାଙ୍କୁ ସସପେଣ୍ଡ କରିବାରେ ଲାଗିଛି, ଆଗାମୀ ଦିନରେ ଦଳ ପାଇଁ ଏହା ବଡ ଚ୍ୟାଲେଞ୍ଜ ସୃଷ୍ଟି କରିବାକୁ ଯାଉଛି। ବିଜେଡି କହିଛି, ଦଳରୁ ଯିଏ ଗଲେ ମଧ କିଛି ଫରକ ପଡିବ ନାହିଁ। ଅଳିଆ ସଫା ହେଲେ ଦଳ ଅଧିକ ମଜଭୁତ ହେବ । ସେପଟେ ବିଶେଷଜ୍ଞଙ୍କ ମତ, ପଂଚାୟତ ନିର୍ବାଚନ ଯେତିକି ପାଖେଇବ ଏହି ସସପେଣ୍ଡ ପର୍ବ ସେତିକି ବଢିବ । ଏହାଦ୍ୱାରା ଦଳ ଦୁର୍ବଳ ହେବା ସମ୍ଭାବନା ବି ରହିଛି । ଗୋଟିଏ ପଟେ ବିଜେଡି ଯେତିକି ଛିଣ୍ଡୁଛି ଅନ୍ୟପଟେ ବିଜେପି ସେତିକି ବଢୁଛି । କାରଣ ବିଜେଡି ଛାଡି ନେତାମାନେ ବିଜେପି ମୁହାଁ ହେଉଛନ୍ତି। ହେଲେ ଆଗାମୀ ଦିନରେ ଏହା ବିଜେପି ପାଇଁ ବି ଘାତକ ହୋଇପାରେ । କାରଣ ଗୋଟିଏ ଦଳରୁ ଅନ୍ୟ ଦଳକୁ ନେତା ଆସିଲେ ପଦ ପଦବୀ ପାଇଁ ଡିଲ କରି ଆସିଥାନ୍ତି । ଏହି କ୍ରମରେ ବିଜେପିକୁ ଆସୁଥିବା ନେତା ଯଦି ପଦ ପଦବୀ ମାଡି ବସିବେ ତାହାଲେ ଦୀର୍ଘ ଦିନ ଧରି ଦଳ ପାଇଁ କାମ କରୁଥିବା ନେତାଙ୍କ ଭିତରେ ଅସନ୍ତୋଷ ବଢିପାରେ । ବିଜେପି ସଭାପତି ମନ ମୋହନ ସାମଲ କହିଛନ୍ତି, ଆମ ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିଛି । ଯେଉଁମାନେ ଆଗ୍ରହ ପ୍ରକାଶ କରିବେ ଆସିପାରିବେ । ବିଶେଷଜ୍ଞ କହିଛନ୍ତି, ବିଜେପିକୁ ସରକାରକୁ ଆଣିବା ପାଇଁ ଅନେକ ନେତା ଦିନ ରାତି ଏକ କରି ପରିଶ୍ରମ କରିଥିଲେ । ନୂଆ ନେତାଙ୍କ ପାଇଁ ଯଦି ଦଳ ତାଙ୍କୁ ଅଣଦେଖା କରେ ଦଳ ପାଇଁ ଏହା ଅଡୁଆ ସ୍ଥିତି ଉପୁଜାଇ ପାରେ। ରାଜନୀତିରେ କେହି କାହାର ଚିର ଶତ୍ରୁ କିମ୍ବା ମିତ୍ର ନ ଥାନ୍ତି। ଏମିତି କି ନେତା ଓ କର୍ମୀମାନେ ଅନେକ ସମୟରେ କ୍ଷମତା ସହ ରହିବାକୁ ପସନ୍ଦ କରିଥାନ୍ତି। ତେବେ ବିଜେଡି ତାଙ୍କ ଦଳର କେତେ ନେତାଙ୍କୁ ନିଜ ପାଖରେ ରଖି ପାରୁଛି ଏବଂ ବିଜେଡି ଛାଡୁଥିବା କେତେ ଜଣଙ୍କୁ ବିଜେପି ନେଇ ପାରୁଛି ତାହା ଦେଖିବା କଥା।




# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜୁଏଲ ଓରାମ



ଭୁବନେଶ୍ୱର, ୧୧/୦୪ (ଜେଏନ୍ଏସ୍) : ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ । ୩ ପ୍ରସଙ୍ଗ ନେଇ କରିଛନ୍ତ ଆଲୋଚନା । ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ ବିଷୟରେ ମୁଖ୍ୟମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଜମି ଅଧିଗ୍ରହଣ କେତେ ଦୂର ଆଗେଇଛି ତାର ସମୀକ୍ଷା କରିଛନ୍ତି । ସେହିପରି ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସଂପ୍ରାସରଣ ନେଇ ମଧ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନ ହୋଇଥିବା ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଏହା ସହ ୨୧ ତାରିଖରେ ମହାମହିମ ରାଷ୍ଟ୍ରପତିଙ୍କ ରାଉରେକଲା ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ନେଇ ମଧ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଅନ୍ୟପଟେ ଉଚ୍ଚ ଶିକ୍ଷାରେ ଏସସି ଏସଟି ଓ ପଛୁଆ ବର୍ଗଙ୍କୁ ସଂରକ୍ଷଣ ପାଇଁ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଜୁଏଲ । ସୂଚନା ଥାଉକି, ଗତ କିଛିଦିନ ହେବ ଜୁଏଲ ଓରାମ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚାହଁଛିଲେ। ମୁଖ୍ୟମନ୍ତ୍ରୀ ସୁଯୋଗ ଦେବା ପରେ ଆଜି ଭେଟଘାଟ ହୋଇଥିଲା । ଏହା ପରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ବି ହୋଇଛି ।

# ମଣ୍ଡଳ ଦମ୍ପତିଙ୍କୁ ନିଲମ୍ବନ ପରେ ବଡ଼ ବୈଠକ ପ୍ରମିଳାଙ୍କ ଘରେ ହେବିୱେଟ୍ ନେତା



ଭୁବନେଶ୍ୱର, ୧୧/୦୪ (ଜେଏନ୍ଏସ୍) : ପ୍ରମିଳାଙ୍କ ଘରେ ଯାଜପୁର ନେତାଙ୍କ ମେଳି । ପ୍ରମିଳାଙ୍କ ସରକାରୀ ବାସଭବନରେ ଯାଜପୁର ନେତାଙ୍କ ମେଳି ହୋଇଛି । ଭଦ୍ରକ ମଣ୍ଡଳ ଦମ୍ପତିଙ୍କୁ ସସପେଣ୍ଡ ପରେ ଯାଜପୁର ସଂଗଠନକୁ ନେଇ ବୈଠକ । ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ, ବରି ବିଧାୟକ ବିଶ୍ୱ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ସୁକିନ୍ଦା ପୂର୍ବତନ ବିଧାୟକ ପ୍ରୀତି ରଞ୍ଜନ ଘଡାଇ, ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ବହୁ ନେତା ଉପସ୍ଥିତ। ତେବେ ଏହେ କୌଣସି ମେଳି ନୁହେଁ ବୋଲି ସ୍ୱଷ୍ଟୀକରଣ ଦେଇଛନ୍ତି ନେତାଏ । ବରି ବିଧାୟକ ବିଶ୍ୱ ମଲ୍ଲିକ ସ୍ୱଷ୍ଟ କରି କହିଛନ୍ତି ଯେ, ବିଧାନସଭା ଚାଲି ଥିବାରୁ ସବୁ ଯାଜପୁର ନେତା ଏକାଠି ବସି ପାରୁନଥିଲେ । ପ୍ରତି ମାସରେ ଏପରି ବୈଠକ ବସେ । ସଂଗଠନ ନେଇ ଆଲୋଚନା ହେଲା । ଯାଜପୁରରେ ବିଜେଡି ମଜବୁତ ଅଛି । ଦଳ ବିରୋଧୀ କାର୍ଯ୍ୟ ପାଇଁ ନେତା ନିଲମ୍ବନ ହେଉଛନ୍ତି । ଯାହା ଦଳକୁ ଶକ୍ତିଶାଳୀ କରୁଛି । ଲୋକେ ବିଜେପି ଉପରୁ ମୁହଁ ଫେରାଇଲେଣି। ସରକାର କେମିତି ଚାଲିବ, ସେ ଦିଗରେ ବିଜେପି ଧ୍ୟାନ ଦେଉ । ତଳ ସ୍ତରର ଟାଉଟର ଓ ଦଲାଲଙ୍କୁ ବିଜେପିରେ ସାମିଲ କଲେ କିଛି ଲାଭ ହେବ ନାହିଁ।

## ବୈଠକ ପରେ ମୁହଁ ଖୋଲିଲେ ନେତା, କହିଲେ ନିଷ୍ପତ୍ତି ଅତି ଉତ୍ତମ

ଭୁବନେଶ୍ୱର, ୧୧/୦୪ (ଜେଏନ୍ଏସ୍) : କଣ ହେବାକୁ ଯାଉଛି କି ବଡ଼ ପରିବର୍ତ୍ତନ ଭଦ୍ରକ ମଣ୍ଡଳ ଦମ୍ପତିଙ୍କୁ ସସପେଣ୍ଡ ପରେ ଚର୍ଚ୍ଚା ପ୍ରବଳ । ବିଶେଷ କରି ପ୍ରମିଳାଙ୍କ ସରକାରୀ ବାସଭବନରେ ବସିଥିଲା ସରକାରୀ ବୈଠକ । ତେବେ ବୈଠକ ପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ନେତା। ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଛି ପ୍ରତି ନିର୍ବାଚନ ମଣ୍ଡଳୀରେ ବୈଠକ କର। ଯୁବ, ଛାତ୍ର, ମହିଳା କମିଟି ସୁଦୃଢ କରିବାକୁ କାମ ହେଉଛି। କେବେ ହେବ କାର୍ଯ୍ୟକାରିଣୀ, ସେ ନେଇ ଅବଗତ କରିବାକୁ ନବୀନ କହିଛନ୍ତି । ଯାଜପୁର ସଂଗଠନ ଓ ଆଗକୁ ଥିବା ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ନେଇ ଆଲୋଚନା ହୋଇଛି । ଏହା ପ୍ରତି ଜିଲ୍ଲାରେ ଏପ୍ରିଲ ୧୭ ତାରିଖରେ ଅନୁଷ୍ଠିତ ହେବ। ଏ ସବୁ ସମ୍ପର୍କରେ ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ଦେବାକୁ ନବୀନ ନିବାସ ଯାଉଛୁ । ଦଳ ବିରୋଧୀ କାମ ଯିଏ କରିବ, ବିଦା ହେବ। ଏହାର ଆଦୌ କିଛି ଫରକ ପଡ଼ିବନି । ସେହିପରି ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରିତୀ ରଞ୍ଜନ ଘଡାଇ ବି ଦୋହରାଇଛନ୍ତି ସମାନ ମତ । ସେପଟେ ଭଦ୍ରକ ବିଜେଡି ଜିଲ୍ଲା ସଭାପତି ବ୍ୟୋମକେଶ ରାୟ ବି ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଭଦ୍ରକ ଜିଲ୍ଲାରେ ବିଜେଡିକୁ ଭାଙ୍ଗିବା ପାଇଁ ଫୁଲ ଦମରେ ଚେଷ୍ଟା କରୁଥିଲେ ମୁକ୍ତିକାନ୍ତ ମଣ୍ଡଳ । ଆଉ ନବୀନ ବାବୁଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛି ।

# ବିଏଲଓଙ୍କ ବଦଳି ଉପରେ ଲାଗିଲା ଅଙ୍କୁଶ

ଭୁବନେଶ୍ୱର, ୧୧।୦୪ : ବୁଥ୍ ଲେଭେଲ୍ ଅଫିସର୍ (ବିଏଲଓ)ମାନଙ୍କ ବଦଳି ଉପରେ ଅସ୍ଥାୟୀ ଭାବେ ଅଙ୍କୁଶ ଲଗାଯାଇଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡିଇଓ ଓ ବ୍ଲକ୍ ଶିକ୍ଷା ଅଧିକାରୀ ବିଇଓଙ୍କୁ ଜରୁରୀ ନିର୍ଦ୍ଦେଶ ଜାରି ହୋଇଛି। ସାଧାରଣତଃ ଶିକ୍ଷକ ମାନେ ବିଏଲଓ ଭାବେ ନିଯୁକ୍ତି ପାଇଥାନ୍ତି। ଏଣୁ ଶିକ୍ଷକଙ୍କ ବଦଳି ଉପରେ ଏକ ପ୍ରକାର ରୋକ୍ ଲାଗିଛି। ଏହି ନିର୍ଦ୍ଦେଶାନୁସାରେ, ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଲିଥିବା ଏସଆଇଆର କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ କୌଣସି ବିଏଲଓଙ୍କୁ ବଦଳି କରିବାକୁ ମନା କରାଯାଇଛି। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବିଏଲଓମାନେ ମୁଖ୍ୟ ଭୂମିକା ରହିଛି। ସେମାନଙ୍କର ବଦଳି ଏହି କାର୍ଯ୍ୟକୁ ପ୍ରଭାବିତ କରିବା ଆଶଙ୍କା ଥିବା ଯୋଗୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

# ରାଜ୍ୟସଭାରେ ଶପଥ ନେଲେ ଓଡ଼ିଶାର ନବ ନିର୍ବାଚିତ ସାଂସଦ



ଭୁବନେଶ୍ୱର, ୦୪/୦୪ (ଜେଏନ୍ଏସ୍) : ରାଜ୍ୟ ସଭାରେ ସୋମବାର ଓଡ଼ିଶାର ନବ ନିର୍ବାଚିତ ଏମପି ଶପଥ ନେଇଛନ୍ତି । ଓଡ଼ିଶାରୁ ୩ ଏମପି ମନମୋହନ ସାମଲ, ସନ୍ତୃପ୍ତ ମିଶ୍ର ଓ ଦିଲ୍ଲୀପ କୁମାର ରାୟ ନେଇଛନ୍ତି । ହେଲେ ସୁଜିତ କୁମାର ଶପଥ ନେଇନାହାନ୍ତି । ରାଜ୍ୟ ସଭା ଅଧକ୍ଷ ସି. ପି. ରାଧାକ୍ରିଷ୍ଣନ୍ ଓଡ଼ିଶାରୁ ନବନିର୍ବାଚିତ ୩ ଏମପିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ହେଲେ ଆଜି ସୁଜିତ କୁମାର କାହିଁକି ଶପଥ ନେଲେ ତାହା ସ୍ପଷ୍ଟ ହୋଇପାରି ନାହିଁ ।

କହିରଖୁଛୁ କି, ଓଡ଼ିଶାର ୪ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମାର୍ଚ୍ଚ ୧୬ରେ ନିର୍ବାଚନ ହୋଇଥିବା ବେଳେ ଫଳାଫଳ ମଧ୍ୟ ଘୋଷଣା ହୋଇଥିଲା। ନିର୍ବାଚନରେ ଭାଜପା ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର ଜିତିଥିବା ବେଳେ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ମଧ ବାଜି ମାରିଥିଲେ । ସେହିପରି ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ଜିତିଥିଲେ ।

# ମନମୋହନ ସାମଲଙ୍କ ବିସ୍ଫୋରକ ବୟାନ ମିଶନ ଉତ୍ତର ଓଡ଼ିଶା ନୁହେଁ ବରଂ ପୁରା ଓଡ଼ିଶା

ଭୁବନେଶ୍ୱର,୧୧/୦୪ (ଜେଏନ୍ଏସ୍) : ମିଶନ ଉତ୍ତର ଓଡ଼ିଶା ନୁହେଁ, ବରଂ ପୁରା ଓଡ଼ିଶା ଆମର ଟାର୍ଗେଟ । ମଣ୍ଡଳ ଦମ୍ପତି ବିଜେପିରେ ମିଶିବେ କି ନାହିଁ । ତାହା ଭବିଷ୍ୟତରେ ଜଣାପଡିବ ବୋଲି ଦିଲ୍ଲୀରୁ ଫେରିବା ପରେ ଗଣମାଧ୍ୟମକୁ



ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ । ସେ ଆହୁରି ମଧ କହିଛନ୍ତି ଯେ, ମଣ୍ଡଳ ଦମ୍ପତି ସୋମବାର ବିଜେଡିରୁ ନିଲମ୍ବନ ହୋଇଛନ୍ତି । ଏହା ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର । ଏହି ପ୍ରସଙ୍ଗରେ ମୋର କିଛି କହିବା ଅନୁଚିତ୍ । ବିଜେପିରେ ମିଶିବା ନେଇ ତାଙ୍କ ସହିତ କୌଣସି ଚର୍ଚ୍ଚା କିମ୍ବା ଆଲୋଚନା ହୋଇନାହିଁ । ମଣ୍ଡଳ ଦମ୍ପତି ବିଜେପିରେ ମିଶିବେ କି ନାହିଁ । ତାହା ଭବିଷ୍ୟତରେ ହିଁ ଜଣାପଡିବ । ଯେଉଁମାନ ଆମ ଦଳରେ ମିଶିବା ପାଇଁ ଇଚ୍ଛା ପ୍ରକାଶ କରିବେ । ସେମାନଙ୍କୁ ଆମେ ସ୍ୱାଗତ କରିବୁ । ଭଲ ଏବଂ ଉଚିତ୍ କର୍ମକର୍ତ୍ତା ସମାଜ ପାଇଁ ଆବଶ୍ୟକ ରହିଛନ୍ତି ।ରାଜ୍ୟ ନେତୃତ୍ୱ ଏହି ପ୍ରସଙ୍ଗ ନେଇ କେନ୍ଦ୍ରକୁ ଲେଖିକି ଦେବ । ଦଳ ପାଇଁ କିଏ ଠିକ୍, କିଏ ଭୁଲ୍ କେନ୍ଦ୍ର କମିଟି ନିଷ୍ପତ୍ତି ନେବା ପରେ, ସେମାନଙ୍କୁ ସାମିଲ କରାଯିବ । ବିଜେପି ପ୍ରତି ଲୋକଙ୍କ ଆଗ୍ରହ ବଢୁଛି । ବିଜେପି ଶକ୍ତିଶାଳୀ ହେଉଛି । ସେହିପରି ଦୀର୍ଘ ଦିନ ଧରି ଅନେକ ଦଳରେ ଶାସନ ଦେଖିଥିଲେ । ଏବେ ବିଜେପିର କାମ ଦେଖନ୍ତୁ । ବିଜେପିର ୨୨ ମାସର ସରକାର ଏବଂ ୧୨ ବର୍ଷର କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପକୁ ଲୋକେ ଦେଖୁଛନ୍ତି । ଲୋକମାନେ ଆଲୋଚନା, ପର୍ଯ୍ୟାଲୋଚନା ଏବଂ ସମୀକ୍ଷା କରୁଛନ୍ତି । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ ସରକାରଙ୍କ ନିକଟରେ ପହଞ୍ଚିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ଭିନ୍ନ ଭିନ୍ନ ମତ ବି ରଖୁଛନ୍ତି । ଦଳ ନିର୍ବାଚନ ପୂର୍ବରୁ ଯାହା ସଂକଳ୍ପ ନେଇଥିଲେ, ତାହା ଏବେ ପୂରଣ କରୁଛି । ସେଥିପାଇଁ ଲୋକଙ୍କ ଆଗ୍ରହ ବଢୁଛି । ଲୋକଙ୍କ ଆର୍ଶୀବାଦ ହିଁ ବିଜେପିକୁ ଶକ୍ତିଶାଳୀ କରିବ ।

# ଜିଲ୍ଲା ବୁଲିବା ଦରକାର ନବୀନ ବାବୁ, ଦିଲ୍ଲୀରୁ ଫେରି ବର୍ଷିଲେ ମନମୋହନ

ଭୁବନେଶ୍ୱର,୧୧/୦୪ (ଜେଏନ୍ଏସ୍) : ବିରୋଧୀ ଦଳ ନେତା ନବୀନ ପଟନାୟକ ଜିଲ୍ଲା ବୁଲିବା ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଜଣେ ଦାୟିତ୍ୱ ସମ୍ପର୍ଣ୍ଣ ବିରୋଧୀ ଦଳ ନେତା ହିସାବରେ ନବୀନ ବାବୁ ଜିଲ୍ଲା ବୁଲିବା ଦରକାର । ମନମୋହନ କହିଛନ୍ତି ନବୀନ ବୁଲି ସମୀକ୍ଷା କଲେ ଜାଣିପାରିବେ । ଲୋକମାନେ କେମିତି ଅଛନ୍ତି ଓ ତାଙ୍କ ସରକାର କଣ କରିଛନ୍ତି ସେ ସବୁ ଜାଣିପାରିବେ । କାରଣ ବିରୋଧୀ ଦଳ ଶକ୍ତିଶାଳୀ ହେଲେ ଗଣତନ୍ତ୍ର ଶକ୍ତିଶାଳୀ ହେବ ବୋଲି ସେ ସିଧାସଳଖ କହିଛନ୍ତି । ଯେହେତୁ ସେ ବିଜେଡ଼ି ମୁଖିଆ ତା ସହ ବିରୋଧୀ ଦଳ ନେତା ହୋଇଥିବାରୁ ସେ ବୁଲିବା ଦରକାର । ୨୪ ବର୍ଷ ଭିତରେ ନବୀନ ବାବୁ ସାରା ଓଡିଶା ବୁଲି ନାହାନ୍ତି । ଦେଖି ନାହାଁନ୍ତି ସେହି ଅଂଚଳକୁ ଯିବା ଦରକାର । ୨୪ ବର୍ଷ ତାଙ୍କ ସରକାର ଏବଂ ୧୫ ବର୍ଷ ଏକାକୀ ମୁଖ୍ୟମନ୍ତ୍ରୀ ଥିଲେ ସେ ବୁଲିଲେ ଦେଖିଲେ ସମୀକ୍ଷା କରିବେ । ଲୋକମାନେ କେମିତି ଅଛନ୍ତି ଓ ତାଙ୍କ ସରକାର କଣ କରିଛନ୍ତି ସେ ଜାଣିପାରିବେ । ତାଙ୍କର ଆହୁରି ଜ୍ଞାନ ଆହାରଣ କରିପାରିବେ ବୋଲି ଦିଲ୍ଲୀରୁ ଫେରି ପ୍ରତିକ୍ରିୟାରେ କହିଛନ୍ତି ମନମୋହନ ସାମଲ । ସୂଚନା ଥାଉକି, ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜିଲ୍ଲା ବୁଲିବେ ନବୀନ ପଟ୍ଟନାୟକ । ଅକ୍ଟୋବର ଓ ନଭେମ୍ବରରେ ନବୀନ ଜିଲ୍ଲା ବୁଲିବେ । ବିଧାୟକମାନଙ୍କ ସହ ବି ଏ ନେଇ ନବୀନ ଆଲୋଚନା କରିଛନ୍ତି । ଦଳ ଛାଡିଥିବା ନେତା ବି ଆଗକୁ ପୁଣି ଫେରିବେ । ସାଧାରଣ ନିର୍ବାଚନରେ ବିଜେଡି ଠାରୁ ଦୁରେଇ ଯାଇଥିବା ଲୋକଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ ହେଉଛି । ବିଜେଡି ସପକ୍ଷରେ ନିର୍ବାଚନ କେମିତି ଯିବ ସେନେଇ କାମ ଆରମ୍ଭ ହେଲାଣି । ଦଳୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ହାରିଥିବା ନେତା ମଧ କାମ ଆରମ୍ଭ କରିଦେଲେଣି । ପଞ୍ଚାୟତ ସ୍ତରରେ ଯେଉଁ ମାନେ ଦୁର୍ନୀତି କରିଛନ୍ତି। ଲୋଭ ଓ ଲାଭରେ ଅଛନ୍ତି ସେମାନେ ଦଳ ଛାଡୁଛନ୍ତି । ଯେଉଁମାନେ ଲୋକଙ୍କ ପାଇଁ କାମ କରୁଛନ୍ତି ସେମାନେ ଦଳ ସହିତ ଅଛନ୍ତି ବୋଲି ପୂର୍ବରୁ ସ୍ପଷ୍ଟ କରିଥିଲେ ବିଜେଡି ନେତା ।

# ଆମେରିକା-ଇରାନ ଅସ୍ତ୍ରବିରତି କାହିଁକି ଅସ୍ଥାୟୀ ?

ଇରାନ ସହ ଆମେରିକା - ଇସ୍ରାଏଲର ଯୁଦ୍ଧ ଏକ ମାସରୁ ଅଧିକ ସମୟ ଧରି ଚାଲିବା ପରେ ବୁଧବାର ଦୁଇ ସପ୍ତାହ ପାଇଁ ଯୁଦ୍ଧବିରତି ଘୋଷଣା କରାଯାଇଛି। ଇରାନ ଦ୍ୱାରା ଅଂଶୀଦାର ହୋଇଥିବା ଦାବିରେ ଯୁଦ୍ଧବିରତିର ଦୁର୍ବଳତା ଦୃଶ୍ୟମାନ ହେଉଛି। ଇରାନ ମଧ୍ୟପ୍ରାଚ୍ୟରେ ଆକ୍ରମଣ ବନ୍ଦ କରିବାକୁ ରାଜି ହୋଇଥିବା ବେଳେ ଇସ୍ରାଏଲ ଲେବାନନରେ ଏହାର ଯୁଦ୍ଧ କାର୍ଯ୍ୟ ବନ୍ଦ କରିବାକୁ ମନା କରିଦେଇଛି। ଅସ୍ତ୍ରବିରତିର ଦୁଇ ସପ୍ତାହ ଅବଧି ମଧ୍ୟରେ ଏହା ଉତ୍ତେଜନାକୁ ଅଧିକ ବଢ଼ାଇପାରେ ।ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଦ୍ୱାରା ଘୋଷିତ ଏହି ଯୁଦ୍ଧବିରତି ଦୁଇ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ସ୍ଥାୟୀ ଶାନ୍ତି ଚୁକ୍ତି ଲାଗି ଆଲୋଚନା ପାଇଁ ତେହେରାନ ଓ ୱାସିଂଟନର ପ୍ରତିନିଧି ଶୁକ୍ରବାର ଇସଲାମାବାଦ ଯାତ୍ରା କରିବେ ବୋଲି ଆଶା କରାଯାଉଛି। ମଧ୍ୟପ୍ରାଚ୍ୟର ପ୍ରାୟ ସମସ୍ତଙ୍କ ପାଇଁ ଏହି ବିରତି ଆଶ୍ୱସ୍ତି ପ୍ରଦାନ କରୁଥିବାବେଳେ ଗୋଟିଏ ପକ୍ଷ ଲେବାନନରେ ସାମରିକ କାର୍ଯ୍ୟ ଜାରି ରଖିବାକୁ ସ୍ଥିର କରିଛି। ତାହା ହେଉଛି ଇସ୍ରାଏଲ। ଅସ୍ତ୍ରବିରତି ଘୋଷଣା କରି ସରିଫ ଏହାକୁ ଲେବାନନ ଓ ଅନ୍ୟାନ୍ୟ ସ୍ଥାନରେ ତୁରନ୍ତ ଅସ୍ତ୍ରବିରତି ବୋଲି ବର୍ଣ୍ଣନା କରିଛନ୍ତି। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇରାନ ଉପରେ ଆକ୍ରମଣ ସ୍ଥଗିତ ରଖିବାକୁ ଆମେରିକାର ନିଷ୍ପତ୍ତିକୁ ସମର୍ଥନ କରି ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଦୁଇ ସପ୍ତାହର ଅସ୍ତ୍ରବିରତିରେ ଲେବାନନ ଅନ୍ତର୍ଭୁକ୍ତ ନୁହେଁ। ଏହା କେବଳ ପାକିସ୍ତାନ ଦ୍ୱାରା ଉପସ୍ଥାପିତ ଅସ୍ତ୍ରବିରତିର ସର୍ତ୍ତାବଳୀର ବିରୁଦ୍ଧାଚରଣ କରେ ନାହିଁ, ବରଂ ଇରାନର ୧୦-ସୂତ୍ରୀ ପ୍ରସ୍ତାବର ଏକ ପ୍ରମୁଖ ବିନ୍ଦୁକୁ ମଧ୍ୟ ସିଧାସଳଖ ବିରୋଧ କରେ, ଯାହା ହେଜବୁଲ୍ଲା ସମେତ ସମଗ୍ର ଅଞ୍ଚଳରେ ଏହାର ସହଯୋଗୀ ସଶସ୍ତ୍ର ଗୋଷ୍ଠୀ ବିରୋଧରେ ସାମରିକ ଅଭିଯାନ ବନ୍ଦ କରିବାକୁ ଦାବି କରିଛି। ସାମ୍ବାଦିକ ଫରିଦ ଜାକାରିଆ ଯୁକ୍ତି କରିଛନ୍ତି ଯେ, ତେହେରାନ ଓ ୱାସିଂଟନ ମଧ୍ୟରେ ବିଶ୍ୱାସର ଅଭାବ ହେତୁ ଅସ୍ତ୍ରବିରତି ଦୁର୍ବଳ। ଏହା ଅତ୍ୟନ୍ତ ଭଙ୍ଗୁର। ସେଥିପାଇଁ ତେହେରାନରେ ଥିବା ଭାରତୀୟ ଦୂତାବାସ ବୁଧବାର ଏକ ନୂତନ ପରାମର୍ଶାବଳୀ ଜାରି କରି ଅସ୍ତ୍ରବିରତି ଲାଗୁ ହୋଇଥିଲେ ମଧ ଇରାନରେ ଥିବା ନାଗରିକମାନଙ୍କୁ ଶୀଘ୍ର ଦେଶ ଛାଡିବାକୁ କହିଛି। ଲେବାନନରେ ଜାରି ରହିଥିବା ଇସ୍ରାଏଲର ଅଭିଯାନ ବିରୋଧରେ ହେଜବୁଲ୍ଲା ପ୍ରତିଶୋଧ ନେବାର ସମ୍ଭାବନା ରହିଛି, ଯାହାକୁ ତେହେରାନ ଅସ୍ତ୍ରବିରତି ପରିତ୍ୟାଗ କରିବା ଏବଂ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଉପରେ ଆକ୍ରମଣ ଆରମ୍ଭ କରିବା ପାଇଁ ଯଥାର୍ଥତା ଭାବରେ ବ୍ୟବହାର କରିପାରେ। ଇସ୍ରାଏଲ ଏବଂ ଆମେରିକା ଇରାନ ଉପରେ ଆକ୍ରମଣ କରିବା ପରେ ଆରମ୍ଭ ହୋଇଥିବା ଭୟଙ୍କର ଯୁଦ୍ଧ ଶେଷରେ ଏପ୍ରିଲ ୮ ତାରିଖରେ ଥମିଛି। ଛଅ ସପ୍ତାହ ପରେ ଅସ୍ତ୍ରବିରତି ଘୋଷଣା ହୋଇଛି। ଇରାନ ଏବଂ ଆମେରିକା ସେମାନେ ଆଗୁଆ ରହିଥିବା ଦାବି କରିଛନ୍ତି। ଯୁଦ୍ଧରେ ସାମିଲ ତୃତୀୟ ଦେଶ ଇସ୍ରାଏଲର ସ୍ଥିତି ଅସ୍ପଷ୍ଟ ରହିଛି। ବିଶେଷଜ୍ଞମାନଙ୍କ ଅନୁସାରେ ଇସ୍ରାଏଲ ଏହି ଯୁଦ୍ଧରେ କୋଟି କୋଟି ଡଲାର ଖର୍ଚ୍ଚ କରିଛି। ଫଳରେ ଅସ୍ତ୍ରବିରତି ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ଇସ୍ରାଏଲ ନ୍ୟୁଜ୍ ୱେବସାଇଟ୍ ୱାଇନେଟ୍‌ର ଏକ ବିଶ୍ଳେଷଣ ଅନୁଯାୟୀ, ଇସ୍ରାଏଲ ଇରାନରେ ଇତିହାସର ସବୁଠାରୁ ମହଙ୍ଗା ଯୁଦ୍ଧ ପରେ ଏକ କଷ୍ଟକର ଏବଂ ବିପଜ୍ଜନକ ସୁରକ୍ଷା ପରିସ୍ଥିତିରେ ପ୍ରବେଶ କରୁଛି। ଯୁଦ୍ଧ ପରେ ଇରାନ ଏବଂ ଆମେରିକା ଅନେକ ଉପଲବ୍ଧିର ହିସାବ କରୁଛନ୍ତି। କିନ୍ତୁ ଇସ୍ରାଏଲ ଏହି ଯୁଦ୍ଧରେ କିଛି ହାସଲ କରିନାହିଁ। ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ତ୍ରବିରତି ଘୋଷଣା ପରେ, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ତାଙ୍କ ମନ୍ତ୍ରୀ ଏବଂ ବରିଷ୍ଠ ସେନା କମାଣ୍ଡରମାନେ ନୀରବ ରହିଛନ୍ତି। ସେମାନଙ୍କୁ ଆଲୋଚନାରେ ସାମିଲ କରାଯାଇ ନଥିଲା। ସେମାନେ ଆମେରିକା, ଇରାନ ଏବଂ ପାକିସ୍ତାନର ଅଧିକାରୀଙ୍କ ବିବୃତି ମାଧ୍ୟମରେ ଅସ୍ତ୍ରବିରତି ବିଷୟରେ ଜାଣିପାରିଥିଲେ। ଇରାନରେ ଯୁଦ୍ଧ ପାଇଁ ଇସ୍ରାଏଲର ଘୋଷିତ ଲକ୍ଷ୍ୟଗୁଡ଼ିକ ମଧ୍ୟରେ ଇରାନର ସମୃଦ୍ଧ ୟୁରାନିୟମ ଜବତ କରିବା, ଆୟାତୋଲ୍ଲା ଅଲୀ ଖେମିନିଙ୍କ ଇସଲାମିକ ଶାସନକୁ ପରାସ୍ତ କରିବା, ତେହେରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରଣାଳୀକୁ ନଷ୍ଟ କରିବା ଏବଂ ପ୍ରକ୍ସି ଗୋଷ୍ଠୀଗୁଡ଼ିକୁ ପାଣ୍ଠି ବନ୍ଦ କରିବା ଅନ୍ତର୍ଭୁକ୍ତ ଥିଲା। ଏହି ଲକ୍ଷ୍ୟଗୁଡ଼ିକ ମଧ୍ୟରୁ କୌଣସିଟି ଏପର୍ଯ୍ୟନ୍ତ ହାସଲ ହୋଇନାହିଁ। ଇସ୍ରାଏଲର ସାଧାରଣ ଲୋକେ ଗତ ଛଅ ସପ୍ତାହ ଧରି ଇରାନ କ୍ଷେପଣାସ୍ତ୍ର ମାଡ଼ର ଆକ୍ରମଣରେ ବିତାଇଛନ୍ତି। ଆଶ୍ରୟସ୍ଥଳରେ ସେମାନଙ୍କର ରାତି ବିତିଛି। ଅନେକ ସହରରେ ଧ୍ୱଂସସ୍ତୁପ ପାଲଟିଛି। ସେମାନେ ଏବେ ସରକାରଙ୍କୁ ପଚାରୁଛନ୍ତି ଯେ, ଯୁଦ୍ଧ କ'ଣ ହାସଲ କରିଛି। ବର୍ତ୍ତମାନ, କୌଣସି ଉଚ୍ଚ ଇସ୍ରାଏଲୀ ଅଧିକାରୀ ଜନସାଧାରଣଙ୍କୁ ସମ୍ବୋଧିତ କରିବାକୁ ଏବଂ ଯୁଦ୍ଧ ବିଷୟରେ ପ୍ରଶ୍ନର ଉତ୍ତର ଦେବାକୁ ସାହସ ଜୁଟାଇ ପାରୁନାହାନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅସ୍ତ୍ରବିରତିର କିଛି ଘଣ୍ଟା ପୂର୍ବରୁ ଏକ ଭିଡିଓ ଜାରି କରି ଇରାନକୁ ଧ୍ୱଂସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅସ୍ତ୍ରବିରତି ଘୋଷଣା ହେବା ପରଠାରୁ ସେ ନୀରବ ରହିଛନ୍ତି। ବର୍ତ୍ତମାନ ସ୍କୁଲଗୁଡ଼ିକୁ ପୁନର୍ବାର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଅସ୍ତ୍ରବିରତି ପରେ ଲେବାନନ୍‌ରେ ହେଜବୁଲ୍ଲା ବିରୋଧରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନର ସ୍ଥିତି ମଧ କିଛି ସ୍ପଷ୍ଟ ନାହିଁ। ପ୍ରତିରକ୍ଷା ଅଧିକାରୀମାନେ ଆକଳନ କରିଛନ୍ତି ଯେ, ବର୍ଷ ଶେଷ ସୁଦ୍ଧା ସାମରିକ ଅଭିଯାନ ଏବଂ କ୍ରୟ ଯୋଜନା ପାଇଁ ଅତିରିକ୍ତ ୩୪ ବିଲିୟନ ଇସ୍ରାଏଲୀ ଶେକେଲ (୧୧ ବିଲିୟନ ଆମେରିକୀୟ ଡଲାର) ଆବଶ୍ୟକ ହେବ । ଯଦି ପରିସ୍ଥିତି ଆହୁରି ଖରାପ ହେବ ଦ୍ୱିତୀୟ ଇରାନ ଯୁଦ୍ଧ ଇସ୍ରାଏଲର ଇତିହାସରେ ସବୁଠାରୁ ମହଙ୍ଗା ପ୍ରମାଣିତ ହୋଇଛି।

# ଭବିଷ୍ୟତର କାର୍ଯ୍ୟପନ୍ଥା ନେଇ ପରଦା ଉଠାଇଲେ ଭାସ୍କର ରାଓ




ରାୟଗଡା, ୧୧/୦୪ (ଜେଏନ୍ଏସ୍) : ବିଜୁ ସ୍ୱାଭିମାନ ମଞ୍ଚ ବ୍ୟାନରରେ ଆଗାମି ପଞ୍ଚାୟତ ନିର୍ବାଚନରେ ସ୍ୱର୍ଗତଃ ବିଜୁବାବୁ ଓ ତାଙ୍କ ବିଚାରଧାରାକୁ ଭଲ ପାଉଥିବା ଏବଂ ତାଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷମାନଙ୍କ ନିଷ୍ପତି ଆନୁଯାୟି କମିଟି ମାଧ୍ୟମରେ ସର୍ବସମ୍ମତିକ୍ରମେ ବ୍ୟକ୍ତିଙ୍କୁ ଚୟନ କରାଯିବ ଏବଂ ସେମାନେ ନିର୍ବାଚନ ଲଢ଼ିବେ ବୋଲି ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦକ୍ଷିଣ ଓଡିଶାର ବରିଷ୍ଠ ନେତା ଏନ ଭାସ୍କର ରାଓ ଆଜି ସ୍ପଷ୍ଟ କରିଛନ୍ତି। ବିଜେଡି ଛାଡିଲା ପରେ ସେ କଣ କରିବେ ତାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗିରାହିଥିବା ବେଳେ ଆଜି ଖୋଦ ଭାସ୍କର ରାଓ ଭବିଷ୍ୟତର କାର୍ଯ୍ୟପନ୍ଥା ନେଇ ପରଦା ହଟାଇଛନ୍ତି। ଆଜି ରାୟଗଡା ବ୍ଲକ ପଞ୍ଚାୟତ ପ୍ରତିନିଧି, ପୂର୍ବତନ ନିର୍ବାଚିତ ପ୍ରତିନିଧି ଓ ଭାସ୍କର ରାଓଙ୍କୁ ସମର୍ଥନ କରୁଥିବା ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ ରାୟଗଡା ସହର ସ୍ଥିତ ବିଜୁ ସ୍ୱାଭିମାନ ମଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ରାଓ ସ୍ପଷ୍ଟ କରି କହିଥିଲେ ମୋ ପାଖରେ ରହିବା ପାଇଁ ମୁଁ କାହାରିକୁ ଜବରଦସ୍ତି କରୁନାହିଁ କିମ୍ବା ପ୍ରଲୋଭିତ ମଧ୍ୟ କରୁନାହିଁ। ସେମାନେ ଯୁଆଡେ ଚାହିଁଲେ ଯାଇପାରିବେ। କିନ୍ତୁ ମୋ ସହ ରହିବା ବ୍ୟକ୍ତିଙ୍କୁ ବିଜୁ ସ୍ୱାଭିମାନ ମଞ୍ଚ ବ୍ୟାନରରେ ଆଗାମି ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଦେଇ ନିର୍ବାଚନ ଲଢ଼ିବେ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ବରୁ ରାୟଗଡା ପୌରସଂସ୍ଥାର କାଉନସିଲର ମାନଙ୍କ ବୈଠକ ହୋଇଥିବା ବେଳେ ଆଜି ରାୟଗଡା ବ୍ଲକର ନିର୍ବାଚିତ ପ୍ରତିନିଧି ଏବଂ ପୂର୍ବତନ ପ୍ରତିନିଧି ଯୋଗଦେଇ ଭାସ୍କର ରାଓଙ୍କୁ ସମର୍ଥନ କରିବା ସହ ନିର୍ବାଚନରେ ଅବତୀର୍ଣ ହେବେ ବୋଲି ପ୍ରକାଶ କରିଥିଲେ। ଏପରିକି ଶ୍ରୀ ରାଓ ସୂଚନା ଦେଇ କହିଥିଲେ ବିଷମକଟକକୁ ଏନ ଏ ସି ବୋଲି ଘୋଷଣା କରାଯାଇଛି ଏବଂ ବିଜୁ ସ୍ୱାଭିମାନ ମଞ୍ଚର କର୍ମକର୍ତା ମାନେ ସେଠାକାର ସ୍ଥାନୀୟ ନେତା ମାନଙ୍କ ସହ ଆଲୋଚନା କରୁଛନ୍ତି ଆବଶ୍ୟକ ସ୍ଥଳେ ସେଠାରେ ମଧ୍ୟ ପ୍ରାର୍ଥୀ ଦିଆଯିବ ବୋଲି କହିଥିଲେ। ଆଗାମି ଦିନରେ ବିଜୁ ସ୍ୱାଭିମାନ ମଞ୍ଚର ବୈଠକ ରାୟଗଡ଼ା ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଅନୁଷ୍ଠିତ ହେବ ଏବଂ ଆଲୋଚନା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ରାଓ ଆଜି ସୂଚନା ଦେଇଛନ୍ତି। ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଏକ ହେଲ୍ପ ଡେସ୍କ ଖୋଲାଯିବ ବୋଲି ଶ୍ରୀ ରାଓ ପ୍ରକାଶ କରିଥିଲେ।

ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଲାଲବିହାରି ହିମିରିକା ଯୋଗଦେଇ କହିଥିଲେ ବିଜୁ ସ୍ୱାଭିମାନ ମଞ୍ଚ ଦ୍ୱାରା ବଛାଯାଇଥିବା ନେତା ମାନେ ଆଗାମି ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହେବେ ଏବଂ ସେମାନଙ୍କୁ ଆମେ ସହଯୋଗ କରିବୁ ବୋଲି କହିଥିଲେ । ଏହି ବୈଠକରେ ପୂର୍ବତନ ଏସଡିସି ସଭ୍ୟ ଲାଛନା ମାଣ୍ଡାଙ୍ଗି ଯୋଗଦେଇ ନେଇ କହିଥିଲେ ମୋ ସହ ବିନା ଆଲୋଚନାରେ ବିଜୁ ଜନତା ଦଳ ମୋତେ ଉପସଭାପତି ପଦବି ଦେଇଛି ଯାହା ମୁଁ ସାମାଜିକ ଗଣମାଧ୍ୟମରୁ ଜାଣିଲି କିନ୍ତୁ ମୋର ବିଜେଡି ସହ କୌଣସି ସଂପର୍କ ନାହିଁ ଏବଂ ସେ ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଭାସ୍କର ରାଓଙ୍କ ନେତୃତ୍ୱରେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଆଜିର ବୈଠକରେ ରାୟଗଡା ବ୍ଲକ ଅଧକ୍ଷା ଟୁନି ହୁଇକା, ଉପାଧକ୍ଷା ହରପ୍ରସାଦ ହେପୃକା, ରାୟଗଡା ଜିଲ୍ଲା ପରିଷଦ ସଭ୍ୟ ସନ୍ଧ୍ୟା ପୁଲାକା, ପ୍ରଶାନ୍ତ କୁଲେସିକା, ହାଲୁଆ ସରପଞ୍ଚ ତାମାରାଓ ବିଡିକା, ଭୀମ ହିମିରିକା, ତପନ ପେଦାଣ୍ଟି, ବରିଷ୍ଠ ନେତା ବି ତିରୁପତି, ଚନ୍ଦ୍ରକାନ୍ତ ସାମଲ, ପ୍ରବୀଣ କୁମାର, ବହୁ ନିର୍ବାଚିତ ପ୍ରତିନିଧି, ପୂର୍ବତନ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାୟଗଡା ବ୍ଲକର ୫୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏହି ବୈଠକରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ତପନ ପେଦାଣ୍ଟି ପରିଚାଳନା କରିଥିଲେ।

# ମିଳିତ ବିରୋଧୀ ଦଳ ବୈଠକ ଖୁବଶୀଘ୍ର ବିଶାଳ ଗଣଧାରଣା



ଭୁବନେଶ୍ୱର, ୧୧/୦୪ (ଜେଏନ୍ଏସ୍) : ପଳାସା ଓ ଇଚ୍ଛାପୁରମ୍ ରେଳ ସେକ୍ସନକୁ ପୂର୍ବତଟ ରେଳପଥରୁ ବାଦ୍ ଦେଇ ପ୍ରସ୍ତାବିତ ଦକ୍ଷିଣ ଉପକୂଳ ରେଳପଥ ଜୋନ(ବିଶାଖାପାଟଣା ଡିଭିଜନ)ରେ ସାମିଲ କରିବା ପାଇଁ ରେଳବାଇ ବୋର୍ଡ ନିଷ୍ପତ୍ତିକୁ ନେଇ ଦୁଇଦିନ ଧରି ରାଜ୍ୟ ରାଜନୀତି ଉଷ୍ମ ରହିଛି। ଓଡ଼ିଶାର କୌଣସି ରାଜସ୍ୱ ହାନି ହେବନାହିଁ ବୋଲି କେନ୍ଦ୍ର ରେଳ ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେବା ସତ୍ତ୍ୱେ ବିବାଦ ବଢ଼ିବାରେ ଲାଗିଛି। ଆଜି ଏହି ପ୍ରସଙ୍ଗରେ ରାଜ୍ୟର ୧୦ଟି ବିରୋଧୀ ଦଳ ରାଜଧାନୀ ଭୁବନେଶ୍ୱରରେ ଏକାଠି ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ହୋଟେଲ କଳିଙ୍ଗ ଅଶୋକରେ ଅନୁଷ୍ଠିତ କଂଗ୍ରେସ ଓ ବାମଦଳ ସମେତ ମୋଟ ୧୦ଟି ବିରୋଧୀ ଦଳର ମିଳିତ ବୈଠକରେ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଓ ତାରା ପ୍ରସାଦ ବାହିନୀପତିଙ୍କ ସମେତ ବାମଦଳର ନେତାମାନେ କେନ୍ଦ୍ରର ଏହି ଓଡ଼ିଶା ବିରୋଧୀ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଗତ ୨୫ ବର୍ଷରେ ରେଳବାଇ ଓଡ଼ିଶାରୁ ୩ ଲକ୍ଷ କୋଟିର ଲାଭ ପାଇଥିଲେ ହେଁ ରାଜ୍ୟର ସ୍ୱାର୍ଥକୁ ବଳି ଦିଆଯାଉଛି। ଏହାର ପ୍ରତିବାଦରେ ରେଳପଥ ମୁଖ୍ୟାଳୟ ସମ୍ମୁଖରେ ବିଶାଳ ଗଣଧାରଣା ଦେବା ସହ ରାଉରକେଲାରେ ନୂତନ ଡିଭିଜନ ପ୍ରତିଷ୍ଠା ଓ ଅନ୍ୟାନ୍ୟ ଜିଲ୍ଲାର ରେଳ ବିଭାଗକୁ ପୂର୍ବତଟ ରେଳପଥରେ ସାମିଲ କରିବା ପାଇଁ ଦାବି କରିଛନ୍ତି। ଏହି ଅନ୍ୟାୟ ନିଷ୍ପତ୍ତି ବିରୋଧରେ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟ ସମ୍ମୁଖରେ ଖୁବଶୀଘ୍ର ବିଶାଳ ମିଳିତ ଗଣଧାରଣା ଆୟୋଜନ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ବିଜୁବାବୁ ଓ ନବୀନ ପଟ୍ଟନାୟକଙ୍କ ସଂଘର୍ଷ ପରେ ପ୍ରତିଷ୍ଠିତ ପୂର୍ବତଟ ରେଳପଥକୁ ଦୁର୍ବଳ କରି କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଓଡ଼ିଶା ରେଳବାଇକୁ ୧୬ ପ୍ରତିଶତ ରାଜସ୍ୱ ଦେଉଥିବାବେଳେ ରାଜ୍ୟର ଅଂଶକୁ ଆନ୍ଧ୍ର ହାତରେ ଟେକିଦେବା ଅତ୍ୟନ୍ତ ନିନ୍ଦନୀୟ। 'ଓଡ଼ିଆ ଅସ୍ମିତା'ର ଦ୍ୱାହି ଦେଇ ଗଢ଼ିଥିବା ଡବଲ ଇଞ୍ଜିନ ସରକାର ଏବେ ଓଡ଼ିଶାବାସୀଙ୍କୁ 'ଡବଲ ଧୋକା' ଦେଉଛି। ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସଂଗ୍ରାମ ଫଳରେ ଭୁବନେଶ୍ୱରଠାରେ ପୂର୍ବତଟ ରେଳପଥ ପ୍ରତିଷ୍ଠା ହୋଇଥିଲା। ଭାରତୀୟ ରେଳବାଇକୁ ରାଜସ୍ୱ କ୍ଷେତ୍ରରେ ଓଡ଼ିଶା ୧୬ ପ୍ରତିଶତ ଯୋଗଦାନ କରୁଥିବା ବେଳେ ରାଜ୍ୟର ଅଂଶକୁ ଆନ୍ଧ୍ର ହାତରେ ଟେକିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। 'ଓଡ଼ିଆ ଅସ୍ମିତା' ନାଁରେ ଭୋଟ ହାତେଇଥିବା ବିଜେପି ଏବେ ଓଡ଼ିଶାବାସୀଙ୍କ ସ୍ୱାଭିମାନ ସହ ଖେଳୁଛି ଏବଂ 'ଡବଲ ଇଞ୍ଜିନ' ସରକାର ପ୍ରକୃତରେ ଓଡ଼ିଶାକୁ 'ଡବଲ ଧୋକା' ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ଏହି ଐତିହାସିକ ଭୁଲକୁ ସଂଶୋଧନ କରିବା ନିମନ୍ତେ ଶ୍ରୀ ଦାସବର୍ମା ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସିଜିମାଳିରେ ଆଦିବାସୀ...

୫୯ ଜଣ ପୋଲିସ କର୍ମଚାରୀ ମାନେ ଆହତ ହୋଇଥିଲେ। ଏହା ସହିତ କରୁଣା ସାଗର ହୁଇକା, ହାବିଲଦାର, ସରୋଜିନୀ ଗରଡ଼ିଆ, ହୋମ୍ ଗାର୍ଡ, ନଳିନୀ ତାଡିଙ୍ଗି, କନେଷ୍ଟବଳ, ତୁଷାର କାନ୍ତ ମହାପାତ୍ର, କନେଷ୍ଟବଳ, ଏବଂ ଅର୍ଚ୍ଚନା ଟୋପ କନେଷ୍ଟବଳଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରଯାଇଛି। ବର୍ତ୍ତମାନ ଆଦିବାସୀଙ୍କ ପ୍ରତି ପୋଲିସର ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଦିବାସୀଙ୍କୁ ନ୍ୟାୟ ଦେବା ବଦଳରେ ପୋଲିସ ନିର୍ଯାତନା ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାଶୀପୁରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦେଖି ଦକ୍ଷିଣାଞ୍ଚଳ ଡିଆଇଜି କନଓ୍ୱର ବିଶାଲ ସିଂହ ଆଜି ରାୟଗଡ଼ା ଜିଲ୍ଲା ଅଚାନକ ଗସ୍ତ କରି ଜିଲା ଆରକ୍ଷୀ ଅଧିକ୍ଷକ ଓ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି।
ସୂଚନା ଯୋଗ୍ୟ, ୨୦୦୦ ମସିହାରେ ଖଣି ଖନନ ଓ ଉତ୍କଳ ଆଲୁମିନାକୁ ବିରୋଧ କରି ଆନ୍ଦୋଳନ ଜୋରଦାର ହୋଇଥିଲା ବେଳେ ଦୁଇ ଜଣ ଆଦିବାସୀ ମୃତ୍ୟୁ ବରଣ କରିଥିବା ବେଳେ ପ୍ରାୟ ୩୦ ଜଣ ଆହତ ହୋଇଥିଲେ। ଦୀର୍ଘ ୨୫ ବର୍ଷ ପରେ ବର୍ତ୍ତମାନ ସେହିଭଳି ଗଣ୍ଡଗୋଳିଆ ପରିସ୍ଥିତି ଉପୁଜୁଛି। ସିଜିମାଳି ଖଣିରୁ ବକ୍ସାଇଟ ଖନନ କରାଯାଇ ବେଦାନ୍ତ କମ୍ପାନୀକୁ ଦିଆ ଯାଉଥିବା ବେଳେ ଏଭଳି ପରିସ୍ଥିତି ଉପୁଜିଛି ଯାହା ଆଗାମୀ ଦିନରେ କି ରୂପ ନେବ ତାହା କହି ହେବ ନାହିଁ।

### ବେଆଇନ ୟୁଜର ଫିକୁ ...

ବିରୁଦ୍ଧରେ ଜନମତ ସୃଷ୍ଟି କରିବା ସମସ୍ତ ବୁଦ୍ଧିଜୀବୀ ଲୋକଙ୍କ ଲକ୍ଷ୍ୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ନିଗମ ନିଜର ଆୟ ବଢାଇବାକୁ ସହରବାସୀଙ୍କଠାରୁ ଆଦାୟ କରୁଛି ୟୁଜର୍ ଫି' । ଏହି ବେଆଇନ ୟୁଜର ଫିକୁ ନେଇ ଭୁବନେଶ୍ୱର ଉନ୍ନୟନ ପରିଷଦ ଓ ଜନଜାଗରଣ କମିଟିର ସଦସ୍ୟମାନେ ଆନ୍ଦୋଳନର ଧମକ ଦେଇଛନ୍ତି । ବିଏମସି ବେଆଇନ ଅର୍ଥ ପାଇଁ ଜିଜିଆ କର ଆଦାୟ କରିବା ବ୍ରିଟିଶ ଶାସନ ସହ ସମାନ ବୋଲି ସଂଗଠନର ଅନ୍ୟତମ ସଦସ୍ୟ ବାସୁଦେବ ଭଟ୍ଟ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ପରିବେଶ ଆଇନ ଆଳରେ ଲୋକଙ୍କଠାରୁ ଅଳିଆ ଉଠାଇବାକୁ ୟୁଜର୍ସ ଫି' ଆଦାୟ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମ ଗତ କିଛି ମାସ ହେବ ଅଳିଆ ଉଠାଇବା ନାଁରେ ସହରବାସୀଙ୍କଠାରୁ ଆଦାୟ କରୁଛି ୟୁଜର୍ ଫି'। ଏଲଆଇଜି ଘରେ ରହୁଥିବା ଲୋକଙ୍କୁ ମାସିକ ଦେବାକୁ ପଡ଼ିବ ୫୦ ଟଙ୍କା। ଏମଆଇଜି ଘରେ ରହୁଥିଲେ ମାସିକ ୭୫ ଟଙ୍କା ଓ ଏଚଆଇଜି ବାସିନ୍ଦା ମାସିକ ଦେବେ ୧୨୫ ଟଙ୍କା। ଗେଷ୍ଟ ହାଉସ ଓ ଛୋଟ ହୋଟେଲ ୫ ଶହରୁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଦେବେ। ଥ୍ରୀ ଷ୍ଟାର ହୋଟେଲରୁ ଆରମ୍ଭ କରି ଫାଇଭ ଷ୍ଟାର ହୋଟେଲ ପାଇଁ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିବ ୟୁଜର ଫି' ଚାର୍ଜେସ୍। ସେହିପରି ଶପିଙ୍ଗ୍ ମଲ୍‌ର ଆକାର ନେଇ ଦେବାକୁ ପଡ଼ିବ ଶହେରୁ ପାଞ୍ଚ ଶହ ଟଙ୍କା। ରାସ୍ତାକଡ଼ ଭେଣ୍ଡର ବି ୟୁଜର୍ସ ଫି'ରୁ ବାଦ ପଡ଼ିବେନି। ବିଏମସିର ଏଭଳି ୟୁଜର ଫି' ଆଦାୟକୁ ନେଇ ଉଠିଛି ପ୍ରଶ୍ନ। ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ ମିଶ୍ର କହିଛନ୍ତି ଯେ ଭୁବନେଶ୍ୱର ମହାନଗର ନିଗମ ଗଠନ ହେବାର ୨୩ ବର୍ଷ ପରେ ପ୍ରପର୍ଟି ଟ୍ୟାକ୍ସକୁ କାହିଁକି ବେଖାତିର କରିଛି ? ମ୍ୟୁନିସିପାଲ କର୍ପୋରେସନ ଆଇନରେ ୟୁଜର ଫି' ବ୍ୟବସ୍ଥା ଅଛି। କିନ୍ତୁ ତାହା କାର୍ଯ୍ୟକାରୀ ନ କରି ହୋଲଡିଂ ଟ୍ୟାକ୍ସ ଆଦାୟ କରୁଛି ବିଏମ୍‌ସି। ସେଥିରେ ପରିମଳ ବାବଦରେ ଟ୍ୟାକ୍ସ ଅନ୍ତର୍ଭୁକ୍ତ ଥିବା ସତ୍ତ୍ୱେ ପୁଣି ୟୁଜର ଫି' କେଉଁ ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାକୁ ବିରୋଧ କରି ଆଜି ଭୁବନେଶ୍ୱରର ବୁଦ୍ଧ ମନ୍ଦିର ପରିସରରେ ବହୁ ସଚେତନ ନାଗରିକ ଏକାଠି ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ କି ନୂଆ ଆଇନରେ ପ୍ରପର୍ଟି ଟ୍ୟାକ୍ସ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ତାହା ଲାଗୁ କରା ନ ଯାଇ ଏପର୍ଯ୍ୟନ୍ତ ପୁରୁଣା ହୋଲଡିଂ ଟ୍ୟାକ୍ସ ଆଦାୟ ହେଉଛି, ଯାହା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିବା ବେଳେ ଏନେଇ ବିଏମସି ତା'ର ପକ୍ଷ ରଖିନାହିଁ। ଏବେ ପୁଣି ୟୁଜର ଫି' କେଉଁ ଉଦ୍ଦେଶ୍ୟରେ ଆଦାୟ କରାଯାଉଛି ବୋଲି ନାଗରିକ ସଂଗଠନର ସଦସ୍ୟମାନେ ପ୍ରଶ୍ନ କରିଛନ୍ତି । ସେପଟେ ବିଏମସି କମିଶନର ଚଞ୍ଚଳ ରାଣାଙ୍କ କହିବା କଥା ଯେ ୨୦୧୬ ମ୍ୟୁନିସିପାଲ ଆଇନ୍ ଆଇନ ଅନୁଯାୟୀ ଭାରତ ସରକାର ପରିବେଶ ସୁରକ୍ଷା ଆକ୍ଟ ଦୃଷ୍ଟିରେ ରଖି ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ, ଯେଉଁଥିରେ ସବୁ ମ୍ୟୁନିସିପାଲ କର୍ପୋରେସନ ୟୁଜର ଫି' ଲଗାଇପାରିବେ। ବିଭିନ୍ନ ବର୍ଗର ଲୋକଙ୍କ ମତ ନେଇ ଏହା କରାଯାଇଛି। ହୋଲଡିଂ ଟ୍ୟାକ୍ସ ୟୁଜର ଫି'ଠାରୁ ସମ୍ପୂର୍ଣ୍ଣ ଅଲଗା। 'ବାଇ ଲ ଅନୁଯାୟୀ କେତେ ଟଙ୍କା ୟୁଜର ଫି' ଦେବାକୁ ପଡ଼ିବ, ତାହା ସ୍ଥିର କରାଯାଇଥିବା ବିଏମସି କମିଶନର କହିଛନ୍ତି।

### ମମତାଙ୍କୁ ମହଙ୍ଗା...

୪.୫୫ ଲକ୍ଷ ଭୋଟରଙ୍କୁ ବାଦ ଦିଆଯାଇଛି। ଗତ ଥର, ଟିଏମସି ଏଠାରେ କ୍ଲିନ ସ୍ୱିପ୍ କରିଥିଲା। ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ୩.୨୫ ଲକ୍ଷ ନାମ ବାଦ ଦିଆଯାଇଛି, ଯାହାକୁ ଟିଏମସିର ଗଡ଼ ମଧ୍ୟ କୁହାଯାଏ। ମାଲଦାରେ, ୨.୩୯ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି। ଏହାକୁ ଟିଏମସି ଏବଂ କଂଗ୍ରେସର ଏକ ମିଳିତ ଗଡ଼ ମଧ୍ୟ ବିବେଚନା କରାଯାଏ। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ୨.୧୦ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି। ଏଠାରେ ମଧ୍ୟ ୨୦୨୧ ବିଧାନସଭା ନିର୍ବାଚନରେ ଟିଏମସି କ୍ଲିନ ସ୍ୱିପ୍ କରିଥିଲା। କୋଲକାତାରେ ୭ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି। ଏହା ମଧ୍ୟ ଟିଏମସିର ଏକ ଗଡ଼।

**ବିଜେପିକୁ ଲାଭ ନା ମମତା ବାନାର୍ଜୀଙ୍କୁ କ୍ଷତି ?**

ରାଜନୈତିକ ବିଶ୍ଳେଷକ ମାନେ ବିଶ୍ୱାସ କରନ୍ତି ଯେ, ଏହି ଭୋଟର ତାଲିକା ନିର୍ବାଚନ ଫଳାଫଳ ଉପରେ ସିଧାସଳଖ ପ୍ରଭାବ ପକାଇବ। ମମତା ବାନାର୍ଜୀଙ୍କ ଦଳ, ଟିଏମସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇପାରେ। ଟିଏମସିର ମୁଖ୍ୟ ଭୋଟ ବ୍ୟାଙ୍କ ଗ୍ରାମାଞ୍ଚଳ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟରେ ଅଛି। ମୁର୍ଶିଦାବାଦ, ମାଲଦା ଏବଂ ଉତ୍ତର ୨୪ ପ୍ରଗଣା ଭଳି ମୁସଲିମ ବହୁଳ ଜିଲ୍ଲା ଗୁଡ଼ିକରେ ଲକ୍ଷ ଲକ୍ଷ ନାମ ବାଦ ଦିଆଯିବା ଟିଏମସି ପାଇଁ ଏକ ସତର୍କ ସଙ୍କେତ। ମମତା ବାନାର୍ଜୀ ଏହାକୁ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ଏହା ସଂଖ୍ୟାଲଘୁ ଏବଂ ଗରିବଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରିବାର ଏକ ପ୍ରୟାସ।

**ବିଜେପି ଲାଭ ପାଇ ପାରେ :** ବିଜେପି ଦୀର୍ଘ ଦିନ ଧରି ଅଭିଯୋଗ କରିଆସୁଛି ଯେ, ବଙ୍ଗଳାର ଭୋଟର ତାଲିକାରେ ଲକ୍ଷ ଲକ୍ଷ ନକଲି ଏବଂ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀ ଅଛନ୍ତି। ଏହି ନାମ ବାଦ ଦେବା ବିଜେପି ପାଇଁ ଏକ ବଡ଼ ବିଜୟ। ଦଳ ବିଶ୍ୱାସ କରେ ଯେ ଝଓଜ ନକଲି ଭୋଟରଙ୍କ ଅଭ୍ୟାସକୁ ବନ୍ଦ କରିବ, ଯାହା ବିଜେପିର ବିଜୟ ସମ୍ଭାବନାକୁ ବୃଦ୍ଧି କରିବ। ଏହା ଉଲ୍ଲେଖନୀୟ ଯେ ପ୍ରାୟ ୬୦ ଲକ୍ଷ ନାମ ନ୍ୟାୟିକ ଯାଞ୍ଚ ଅଧୀନରେ ରଖାଯାଇଥିଲା, ଯାହା ମଧ୍ୟରୁ ମଙ୍ଗଳବାର ଦିନ ୨୭ ଲକ୍ଷରୁ ଅଧିକ ନାମକୁ ହଟାଇ ଦିଆଯାଇଥିଲା। ୩୩ ଲକ୍ଷ ଭୋଟରଙ୍କୁ ସଫା କରିବାର ପ୍ରକ୍ରିୟା ଏବେ ବି ଚାଲିଛି। ସମ୍ପ୍ରତି, ସୁପ୍ରିମକୋର୍ଟ ମଧ୍ୟ ଏହି ପ୍ରକ୍ରିୟାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ବଙ୍ଗଳାର ଭୋଟର ତାଲିକା ୭.୬୬କୋଟିରୁ ପ୍ରାୟ ୬.୭୫କୋଟିକୁ ହ୍ରାସ ପାଇଛି। ଟିଏମସି ଅଧିକାର ଉଲ୍ଲଂଘନର ପ୍ରସଙ୍ଗ ଉଠାଇ ସହାନୁଭୂତି ହାସଲ କରିବାକୁ ଚେଷ୍ଟା କରୁଥିବା ବେଳେ, ବିଜେପି ଏହାକୁ ଶୁଦ୍ଧ ଗଣତନ୍ତ୍ରର ବିଜୟ ବୋଲି କହି ନିର୍ବାଚନ ମଇଦାନରେ ପ୍ରବେଶ କରିବ।

# ବିଜୁଙ୍କ ଶ୍ରାଦ୍ଧରେ ରୋଚକ ହେବ ରାଜନୀତି : ଓୟୁଏଟିରେ ବିଜୁ ଲିଗାସିଙ୍କ ହେବ ଶ୍ରାଦ୍ଧସଭା

ଭୁବନେଶ୍ୱର, ୧୧/୦୪ (ଜେଏନ୍ଏସ୍) : ରାଜ୍ୟସଭା ନିର୍ବାଚନ ପରଠାରୁ ବିଜୁ ଲିଗାସିକୁ ନେଇ ଚାଲିଥିବା ବିବାଦ ଆହୁରି ଘନେଇବାରେ ଲାଗିଛି। ବିଜୁ ପଟ୍ଟନାୟକଙ୍କ ସହଯୋଗୀ ଥିବା ନେତାମାନେ ଆଉ ବିଜେଡି ଓ ଏହାର ସଭାପତି ନବୀନ ପଟ୍ଟନାୟକଙ୍କୁ ସହଜରେ ବାଟ ଛାଡ଼ିବାକୁ ପ୍ରସ୍ତୁତ ନାହାନ୍ତି। ବିଜେଡି ବିରୋଧରେ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ସେମାନେ ରଣନୀତି ଚଳାଇଛନ୍ତି। ଏପ୍ରିଲ୍ ୧୭ ତାରିଖ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସରେ ରାଜଧାନୀରେ ଏହାର ସିଧାସଳଖ ପ୍ରତିଫଳନ ଦେଖିବାକୁ ମିଳିବ। ଶ୍ରାଦ୍ଧଦିବସକୁ ବିଜେଡି ପୂର୍ବ ପରି ପାଳନ କରିବାକୁ ପ୍ରସ୍ତୁତ ହେଉଥିଲା ବେଳେ ବିଜୁ ଲିଗାସିର ବରିଷ୍ଠ ନେତାମାନେ ରାଜଧାନୀରେ ଅନ୍ୟତ୍ର ସମାବେଶ କରିବେ। ଏହାକୁ ନେଇ ଛକାପଞ୍ଝା ଆରମ୍ଭ ହୋଇଛି।

ରାଜ୍ୟସଭା ନିର୍ବାଚନରେ ଦିଲୀପ ରାୟଙ୍କ ବିଜୟ ପରେ ବିଜୁ ଲିଗାସି ନେତାମାନେ ସକ୍ରିୟ ହୋଇଛନ୍ତି। ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଗଠନ ହୋଇଥିବା ବିଜେଡି ଲକ୍ଷ୍ୟଚ୍ୟୁତ ହୋଇଛି ବୋଲି ସେମାନେ ମତ ଦେଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ କ୍ଷମତାରେ ଥିଲା ବେଳେ ବିଜୁ ଅନୁଗତମାନଙ୍କୁ ଓଡ଼ିଶା ରାଜନୀତିରେ କଣଠେସା କରିବାକୁ ଯୋଜନା କରିଥିଲେ ଏବଂ ଅନେକ ମାତ୍ରାରେ ସଫଳ ବି ହୋଇଥିଲେ। କ୍ଷମତା ପ୍ରୟୋଗ କରି ଯେ କୌଣସି ସ୍ତରକୁ ଯିବାକୁ ନବୀନ ପଛଘୁଞ୍ଚା ଦେଇ ନଥିଲେ। କିନ୍ତୁ ଏବେ କ୍ଷମତାରୁ ଗଲା ପରେ ଚିତ୍ର ବଦଳିଯାଇଛି। ନବୀନଙ୍କ ମନମାନିକୁ ମାନିବାକୁ ସବୁ ନେତା ଆଉ ପ୍ରସ୍ତୁତ ନାହାନ୍ତି। କାହାର ସ୍ୱରକୁ ଦବାଇବା ପାଇଁ ନବୀନଙ୍କ ପାଖରେ ଆଉ କ୍ଷମତାର ନାଲିଆଖି ବି ନାହିଁ। ରାଜ୍ୟସଭା ନିର୍ବାଚନରେ ନେତାମାନଙ୍କ ଏପରି ପରିବର୍ତ୍ତିତ ଆଭିମୁଖ୍ୟ ସ୍ପଷ୍ଟ ହୋଇଗଲା। ନବୀନଙ୍କ ନିଷ୍ପତ୍ତି ଓ ନେତୃତ୍ୱକୁ ଯୁବ ବିଧାୟକମାନେ ବି ଖୋଲା ଚ୍ୟାଲେଞ୍ଜ କରି ଦଳର ନିଷ୍ପତ୍ତି ବିପକ୍ଷରେ ଭୋଟ୍ ଦେଲେ। ଏପରିକି ଦଳର କାର୍ଯ୍ୟାନୁଷ୍ଠାନରେ ବି ସେମାନେ ଦବିଗଲେ ନାହିଁ। ବରଂ, ସିଧାସଳଖ ନବୀନଙ୍କ କାର୍ଯ୍ୟଶୈଳୀକୁ ବିରୋଧ କଲେ। ବିଜୁ ପରିବାରର ବରିଷ୍ଠ ନେତାମାନେ ମଧ୍ୟ ନବୀନଙ୍କୁ ସିଧାସଳଖ ବିରୋଧ କଲେଣି।

# ମୁଁ ଓ ମୋ ପରିବାର ଭୟଭୀତ : ପ୍ରଣବ ପ୍ରକାଶ ଦାସ



ଭୁବନେଶ୍ୱର,୧୧/୦୪ (ଜେଏନ୍ଏସ୍) : ଗତମଙ୍ଗଳ ବିଳମ୍ବିତ ରାତିରେ ଯାଜପୁର ଟାଉନ୍ ଥାନା ଅଧୀନ କାଳିମେଘା ଅଞ୍ଚଳରେ ଗୁଳିକାଣ୍ଡ ଘଟି କୁଆଁସରପୁରର ସୋମ୍ୟ ରଞ୍ଜନ ସାମଲଙ୍କ ମୃତ୍ୟୁ ଘଟିଛି। ଘଟଣାଟି ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଘର ନିକଟରେ ଘଟିଥିଲା। ଏହାକୁ ନେଇ ସମ୍ପ୍ରତି ରାଜନୀତି ବୟାନବାଜି ଆରମ୍ଭ ହୋଇଯାଇଥିବା ବେଳେ ଘଟଣାର ସ୍ପଷ୍ଟୀକରଣ ରଖିଛନ୍ତି ଶ୍ରୀଦାସ। ଗୁଳିକାଣ୍ଡ ପରଠାରୁ ସେ ଓ ତାଙ୍କ ପରିବାର ଭୟରେ ରହୁଛନ୍ତି ବୋଲି କହିଛନ୍ତି। ଆଜି ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଏନେଇ ପୋଷ୍ଟ କରି ଲେଖିଛନ୍ତି, 'ମୋ ଘର ସମ୍ମୁଖରେ ବିଳମ୍ବିତ ରାତିରେ ହୋଇଥିବା ଗୁଳିକାଣ୍ଡ ଘଟଣାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଏକ ନୀତିହୀନ ସରକାରରେ ଭୁଷୁଡ଼ି ପଡ଼ିଥିବା ଆଇନ ବ୍ୟବସ୍ଥାର ଏହା ଏକ ନଗ୍ନଚିତ୍ର। ବିଜେପି କୁଶାସନର ପରିଣାମ ଆଜି ସମସ୍ତେ ଅଙ୍ଗେ ନିଭାଉଛନ୍ତି। ଅପରାଧୀମାନେ ଭୟଶୂନ୍ୟ, ବିଜେପି ସରକାର ସମ୍ବେଦନହୀନ ଓ ଜନତା ଆତଙ୍କିତ। ଘର ସମ୍ପାନରେ ଗୁଳି ଫୁଟିବା, ପରବାର ଲୋକଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ାଇ ଦେଇଛି। ପୋଲିସ ପ୍ରଶାସନ ଉପରୁ ଭରସା ତୁଟିସାରିଛି। ଏକ ମୁରବୀହୀନ ସରକାରରେ ସାଧାରଣ ଲୋକ ଯେ କେତେ ଭୟଭୀତ ତାହା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ। ଏହି କାଣ୍ଡ ଭିଆଇଥିବା ଅପରାଧୀମାନଙ୍କ ତୁରନ୍ତ ଗିରଫ କରାଯିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ସରକାର ଅପରାଧୀଙ୍କୁ ପ୍ରଶ୍ରୟ ଦେଉଛନ୍ତି ବୋଲି ଧରିନିଆଯିବ। ଶ୍ରୀଦାସଙ୍କ ଏହି ପ୍ରତିକ୍ରିୟାରେ ସରକାର କିମ୍ବା ବିଜେପି ପକ୍ଷରୁ କୌଣସି ପ୍ରତ୍ୟୁତ୍ତର ଦିଆଯାଇନାହିଁ।

## ଶକ୍ତି ଏ ସପ୍ତାହର

**ମୁଲ୍ୟାଙ୍କକିପରି ଗଣନା କରିବେ ?**
**କେବଳ ତାରିଖରେ ଥିବା ସଂଖ୍ୟାକୁ ମିଶେଇକି ଏକ ଅଙ୍କ ଆଣିବେ–**
**୧୯-୦୩-୨୦୨୬ = ୧ +୯ = ୧୦ = ୧ +୦ = ୧)**
**(୧୨-୧୮ ଅପ୍ରେଲ'୨୬)**

**ମୁଲ୍ୟାଙ୍କ ୧:** କିଛି ଅପୂର୍ଣ୍ଣ ଇଚ୍ଛା ରହିବ ଯାହା ବିଷୟରେ ଆପଣ ଚିନ୍ତା କରିବେ। ଆପଣଙ୍କ ନିକଟତର କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅପମାନିତ ହୋଇପାରନ୍ତି। ଆବଶ୍ୟକୀୟ ମଙ୍ଗଳ ପାଇଁ ଆପଣଙ୍କ ଖର୍ଚ୍ଚ ହେବ। ଆପଣ ସୁରକ୍ଷିତ ରହିବାକୁ ସକ୍ଷମ ହେବେ। ଆପଣ କ୍ୟାରିୟରରେ ନିଷ୍ପତ୍ତି ନେବାକୁ ଯାଉଛନ୍ତି ଯାହା ଆପଣଙ୍କୁ ସଠିକ୍ ଚିନ୍ତାଧାରା ପରେ ନେବା ଉଚିତ। ଆପଣଙ୍କୁ ଆପଣଙ୍କର ଅହଂକାର ଏବଂ ବିଷାକ୍ତ ଭାବନାକୁ ଏକପାଖରେ ପରିବର୍ତ୍ତନ କରିବାକୁ ପଡିବ। ଆପଣଙ୍କ ମନ ଅତ୍ୟଧିକ କାର୍ଯ୍ୟ କରିବ କିନ୍ତୁ ପ୍ରାୟତଃ ଏପରି ସମସ୍ୟା ସୃଷ୍ଟି କରିବ ଯାହା ବାସ୍ତବରେ ନାହିଁ।

**ମୁଲ୍ୟାଙ୍କ୨. :** ୨୦୨୬ ମସିହାର ୧୨ ଏବଂ ୧୫ ତାରିଖକୁ ଗମ୍ଭୀରତାର ସହିତ ନେବାକୁ ପଡିବ, ନଚେତ୍ ଆପଣ ନିଜ ପାଇଁ ସମସ୍ୟା ସୃଷ୍ଟି କରିବେ। ବୃତ୍ତିଗତ ଭାବରେ ପ୍ରଶଂସା କରାଯିବ। କାମରେ ଅତ୍ୟଧିକ ଜଡିତ ହେବା ଏବଂ ଆପଣଙ୍କ ଜୀବନରେ ସମସ୍ୟାକୁ ଆମନ୍ତ୍ରଣ କରିବା। ୨୬ ଏପ୍ରିଲ ୨୦୨୬ ରେ ଗାଡି ଚଲାଇବା ସମୟରେ ଆପଣଙ୍କୁ ସତର୍କ ରହିବା ଉଚିତ। ଭାବପ୍ରବଣତା ବଦଳରେ ବ୍ୟବହାରିକ ଭାବରେ ଚିନ୍ତା କରିବାକୁ ଚେଷ୍ଟା କରନ୍ତୁ।

**ମୁଲ୍ୟାଙ୍କ ୩. :** ୧୨, ୧୩ ଏବଂ ୧୬ ଏପ୍ରିଲ ୨୦୨୬ ରେ ଆପଣଙ୍କ ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ବୃଦ୍ଧି କରିବାରୁ ଦୂରେଇ ରୁହନ୍ତୁ। ବୃତ୍ତିଗତ ଭାବରେ ଆପଣ ବୃଦ୍ଧି ପାଇବେ। ଆପଣଙ୍କ ସାଥୀ ଏବଂ ତାଙ୍କ ପରିବାରର ସଦସ୍ୟଙ୍କ କଥା ଶୁଣନ୍ତୁ। ଆର୍ଥିକ ଦୃଷ୍ଟିରୁ ଆପଣଙ୍କ ସୁବିଧା ଅନୁଯାୟୀ ଜିନିଷଗୁଡ଼ିକୁ ପରିଚାଳନା କରିବେ। ଯଦି ଆପଣ କିଛି ଶିଖୁଛନ୍ତି ତେବେ ଆପଣ ଏହି ସପ୍ତାହରେ ନୂତନ କୌଶଳ ଶିଖିବେ।

**ମୁଲ୍ୟାଙ୍କ ୪:** ଆପଣ ଗତ କିଛି ଦିନ ଧରି ସମ୍ମୁଖୀନ ହେଉଥିବା ଅଧିକାଂଶ ସମସ୍ୟାର ସମାଧାନ ଏହି ସପ୍ତାହରେ ମିଳିବ। ୧୩ ଏପ୍ରିଲ୍ ୧୪ ଏବଂ ୧୭ ତାରିଖ ୨୦୨୬ ପରି ତାରିଖକୁ ଗମ୍ଭୀରତାର ସହ ନେବା ଉଚିତ ଏବଂ ସେହି ଦିନଗୁଡ଼ିକରେ ଆପଣଙ୍କ କାର୍ଯ୍ୟ ଉପରେ ନଜର ରଖିବା ଆବଶ୍ୟକ। ସମ୍ପର୍କ ଦୃଷ୍ଟିରୁ ଆପଣଙ୍କୁ ପିଲାମାନଙ୍କ ସହିତ ବ୍ୟବହାର କରିବା ସମୟରେ ସତର୍କ ରହିବା ଆବଶ୍ୟକ। ୧୩ ଏପ୍ରିଲ୍ ୨୬ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ କଷ୍ଟକର ହୋଇପାରେ।

**ମୁଲ୍ୟାଙ୍କ ୫:** ଗାଡି ଚଲାଇବା ସମୟରେ ସତର୍କ ରହିବାକୁ ପଡିବ ଏବଂ ବିଶେଷକରି ଏହି ସପ୍ତାହରେ ଆପଣଙ୍କୁ ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡିବ। ସ୍ୱାସ୍ଥ୍ୟ ଆପଣଙ୍କୁ ଆର୍ଥିକ ଭାବରେ ଦୁର୍ବଳ କରିବ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ପ୍ରଦର୍ଶନ ଏବେ ବି ଭଲ ରହିବ କିନ୍ତୁ ଆପଣଙ୍କୁ କିଛି ଦିନ ଛୁଟି ନେବାକୁ ପଡିବ। ଆପଣଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟମ ଭଲ ରହିବ।ଆପଣଙ୍କ ନିକଟତମ ପରିବାର ସଦସ୍ୟମାନେ ଆପଣଙ୍କରସ୍ୱାସ୍ଥ୍ୟର ଯତ୍ନ ନେବେ।

**ମୁଲ୍ୟାଙ୍କ ୬:** ଲୋକଙ୍କ ଏବଂ ପରିବାର ସଦସ୍ୟଙ୍କ ସହିତ ବ୍ୟବହାର କରିବା ସମୟରେ ସତର୍କ ରହିବାକୁ ଚେଷ୍ଟା କରନ୍ତୁ କାରଣ ଏହି ସପ୍ତାହରେ ଆପଣ ଅପମାନିତ ହୋଇପାରନ୍ତି କିମ୍ବା ଗମ୍ଭୀର ଯୁକ୍ତିତର୍କରେ ପଡ଼ିପାରନ୍ତି। ଯଦି ଆପଣ ଅତୀତରେ ଘଟିଥିବା କିଛି ବ୍ୟକ୍ତିଗତ ବିବରଣୀ ସେୟାର କରିବାକୁ ଯାଉଛନ୍ତି ତେବେ ବନ୍ଧୁ ଏବଂ ପରିବାର ସହିତ କଥାବାର୍ତ୍ତା କରିବା ବିଶୃଙ୍ଖଳା ସୃଷ୍ଟି କରିପାରେ। ଆପଣଙ୍କୁ ଆପଣଙ୍କର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାକୁ ପଡିବ।

**ମୁଲ୍ୟାଙ୍କ ୭:** ଆର୍ଥିକ ଲାଭ ଆପଣଙ୍କ ସପ୍ତାହକୁ ପ୍ରକୃତରେ ଉପଭୋଗ୍ୟ କରିବ। ଯଦି ଆପଣ ନିବେଶ କରିବାକୁ ଯୋଜନା କରୁଛନ୍ତି ତେବେ ଆପଣ ପ୍ରକୃତରେ ଭଲ ଡିଲ୍ କରିପାରିବେ। ପାରିବାରିକ ଜୀବନ ବହୁତ ଭଲ ରହିବ, ସ୍ଥିରତା ରହିବ ଏବଂ ଆପଣଙ୍କ ଘରର ପରିବେଶ ବହୁତ ଭଲ ରହିବ। ଏହି ସପ୍ତାହରେ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ ଅସୁବିଧାରେ ପକାଇବ। ଆପଣ ବେଳେବେଳେ ଅଧିକ ଚିନ୍ତା କରିବାକୁ ଯାଉଛନ୍ତି ଯାହା ଚାପ ସୃଷ୍ଟି କରିପାରେ।

**ମୁଲ୍ୟାଙ୍କ ୮:** ଆପଣ ଅଳ୍ପ ପ୍ରୟାସରେ ସମାଧାନ ପାଇଯିବେ କିନ୍ତୁ ଏଥିପାଇଁ ଆପଣଙ୍କୁ ନିଜେ ପଦକ୍ଷେପ ନେବାକୁ ପଡିବ ଏବଂ ଅନ୍ୟମାନଙ୍କ ଉପରେ ନିର୍ଭର କରିବାରୁ ବଞ୍ଚିବାକୁ ପଡିବ। ଏହି ସପ୍ତାହରେ ଆପଣଙ୍କୁ ସହିଷ୍ଣୁ ହେବାକୁ ପଡିବ କାରଣ ଲୋକମାନେ ସାହାଯ୍ୟ କରିବେ କିନ୍ତୁ ସେମାନେ ତାହା କରିବାକୁ ମନା କରିବେ। ଆର୍ଥିକ ଦୃଷ୍ଟିରୁ ଜିନିଷଗୁଡ଼ିକ ଭଲ ରହିବ କିନ୍ତୁ ସଠିକ୍ ପରାମର୍ଶ ପରେ ନିବେଶ କରିବାକୁ ପଡିବ।

**ମୁଲ୍ୟାଙ୍କ ୯:** ଆପଣ ଧୈର୍ଯ୍ୟର ସହିତ ଅପେକ୍ଷା କରିବାରେ ବହୁତ ଭଲ। ସମସ୍ୟା ସମାଧାନ ମନୋଭାବ ଆପଣଙ୍କୁ ଲୋକଙ୍କ ଧ୍ୟାନ ଆକର୍ଷଣ କରିବାରେ ସାହାଯ୍ୟ କରିବ। ଆପଣ ଏହି ସପ୍ତାହରେ ସମସ୍ତଙ୍କ ସହିତ ସମନ୍ୱିତ ରହିବେ। ବୃତ୍ତିଗତ ଭାବରେ ଆପଣ ଆପଣଙ୍କ ଉପରିସ୍ଥ ଅଧିକାରୀମାନଙ୍କୁ ଖୁସି କରିବେ। ଆପଣଙ୍କ ପାରିବାରିକ ଜୀବନ ଆପଣ ମଧ୍ୟମ ଧାରଣର ରହିବେ। କିଛି ନୂଆ ଆରମ୍ଭ କରିବା ପାଇଁ ଏହା ଏକ ଭଲ ସପ୍ତାହ।



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



## ପ୍ରମୁଖ ଖବର

- କୋରାପୁଟ ଜିଲ୍ଲା ସୁଙ୍କି ଘାଟିରେ ଏକ ଓଏସଆରଟିସି ଭଲଭୋ ବସ୍ ୫୦ ଫୁଟ ତଳକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି।
- ପାକିସ୍ତାନ ସହ ସମ୍ପର୍କ ଏବଂ ଦେଶ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ସନ୍ଦେହରେ ଭୁବନେଶ୍ୱରରୁ ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଉଠାଇ ନେଇଛି।
- ପୁରୀ ଶ୍ରୀମନ୍ଦିରର ବାହାର ରତ୍ନଭଣ୍ଡାରର ଅଳଙ୍କାର ତାଲିକା ପ୍ରସ୍ତୁତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସୋମବାରଠାରୁ ଭିତର ରତ୍ନଭଣ୍ଡାର ଗଣତି ଆରମ୍ଭ ହେବାର ସମ୍ଭାବନା ରହିଛି।
- ରାଜ୍ୟର ପ୍ରାୟ ୧୧ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ବଲାଙ୍ଗୀର, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ପ୍ରବଳ ଗରମ ଅନୁଭୂତ ହେଉଛି।
- ରାଜ୍ୟରେ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଅର୍ଥ ବିଭାଗ ୨୩୬ କୋଟି ଟଙ୍କାର 'ଶକ୍ତିଶ୍ରୀ' ଯୋଜନାକୁ ଅନୁମୋଦନ କରିଛି।
- ଓଡ଼ିଶା ରାଜ୍ୟ ଆଇନ କମିଶନ 'ଘୃଣା ଭାଷଣ ରୋକିବା ପାଇଁ ଏକ ନୂଆ ଆଇନ ପ୍ରଣୟନ କରିବାକୁ ପ୍ରସ୍ତାବ ଦେଇଛନ୍ତି।
- ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅବଧିକୁ କେନ୍ଦ୍ର ସରକାର ୧୩ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
- ୬୯ତମ ଜାତୀୟ ବିଦ୍ୟାଳୟ ରଗ୍‌ବୀ ଚାମ୍ପିୟନଶିପରେ ଓଡ଼ିଶାର ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଦଳ ବିଜୟୀ ହୋଇଛନ୍ତି
- ରାଜ୍ୟ ସରକାର ପ୍ରାୟ ୩,୪୦୦ କୋଟି ଟଙ୍କା ବ୍ୟୟରେ 'ଅଟଳ ବସ୍ ଷ୍ଟାଣ୍ଡ' ଯୋଜନା ଆରମ୍ଭ କରିଛନ୍ତି, ଯାହା ଅଧୀନରେ ବ୍ଲକ୍ ସ୍ତରରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କରାଯିବ ।
- ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ନିୟମରେ କୋହଳ କରିଛନ୍ତି। ଏବେ ଆପ୍ରେଜାଲ୍ କିମ୍ବା ସରକାରୀ କ୍ୱାର୍ଟର୍ସ ଖାଲି କରିବା ବାଧ୍ୟତାମୂଳକ ନୁହେ।
- ସମ୍ପ୍ରତି ପେଟ୍ରୋଲ ପମ୍ପଗୁଡ଼ିକରେ ୫ କେଜି ଏଲପିଜି ସିଲିଣ୍ଡର ଉପଲବ୍ଧ ହେବା ନେଇ ସୂଚନା ମିଳିଛି। ଏହାକୁ ନେଇ କୌଣସି କଟକଣା ନଥିବା ସରକାର ସ୍ପଷ୍ଟ କରିଛନ୍ତି ।
- ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ଡିଗ୍ରୀ କଲେଜଗୁଡ଼ିକ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନୂତନ ଆଦର୍ଶ ଆଚରଣ ବିଧି ଜାରି କରାଯାଇଛି, ଯାହା ଶୃଙ୍ଖଳିତ ଶୈକ୍ଷିକ ପରିବେଶ ରକ୍ଷା କରିବାରେ ସାହାଯ୍ୟ କରିବ।
- ମହିଳାଙ୍କ ସୁରକ୍ଷା ନେଇ ଜାତୀୟ ମହିଳା କମିଶନ ଅଧକ୍ଷା ଏବଂ ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

# ବୈଭବ ବିସ୍ଫୋରଣ ଜାରି: ରୟାଲ୍ସକୁ ଚତୁର୍ଥ ବିଜୟ ଦେଲେ ଜୁରେଲ



ଗୁଆହାଟୀ, ୧୧/୦୪ : ରାଜସ୍ଥାନ ରୟାଲ୍ସର ବିଜୟଧାରାକୁ ରୋକିପାରିନାହିଁ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ବୈଭବ ସୂର୍ଯ୍ୟବଂଶୀ (୨୬ ବଲ୍‌ରୁ ୭୮ ରନ୍, ୮ ଚୌକା, ୭ ଛକା) ଏବଂ ଧ୍ରୁବ ଜୁରେଲ (୪୩ ବଲ୍‌ରୁ ୮୧୫ ରନ୍, ୮ ଚୌକା, ୩ ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ରାଜସ୍ଥାନ ରୟାଲ୍ସ ୬ ୱିକେଟ୍‌ରେ ଆର୍‌ସିବିକୁ ପରାସ୍ତ କରିଛି। ଏଥି ସହିତ ରାଜସ୍ଥାନ ୪ରୁ ୪ ବିଜୟ ପାଇଛି। ଚାମ୍ପିଅନ୍ ହେବା ପରେ ଆର୍‌ସିବିକୁ ପ୍ରଥମ ଦଳ ଭାବେ ହରାଇଛି ରାଜସ୍ଥାନ। ଶୁକ୍ରବାର ବୈଭବ ୧୫ ବଲ୍‌ରୁ ଏବଂ ଜୁରେଲ ୨୫ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବାବେଳେ ଦ୍ୱିତୀୟ ୱିକେଟ୍ ପାଇଁ ଉଭୟ ମାତ୍ର ୩୪ ବଲ୍‌ରୁ ୧୦୦ ରନ୍ ଯୋଡ଼ିବା ମ୍ୟାଚ୍‌କୁ ଏକତରଫା କରି ଦେଇଥିଲା।

ବର୍ଷା ଓ ଭିଜା ପଡ଼ିଆ ପାଇଁ ପ୍ରାୟ ଘଣ୍ଟାଏ ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଆର୍‌ସିବି। ଶୀର୍ଷ ଓ ମଧ୍ୟକ୍ରମଙ୍କ ବ୍ୟାଟିଂ ବିପର୍ଯ୍ୟୟ କାରଣରୁ ଦଳ ପାୱାର ପ୍ଲେ ଭିତରେ ୩ ଜଣ (ସଲ୍ଟ, ପଡ଼ିକଲ, କୋହଲି)ଙ୍କୁ ହରାଇବା ସହ ୧୪ ଓଭର ବେଳକୁ ୧୨୫/୭ରେ ସଂଘର୍ଷ କରିଥିଲା। ଏହି ସମୟରେ କିନ୍ତୁ ଅଧିନାୟକ ରଜତ ପଟିଦାର ଏବଂ ଇମ୍ପାକ୍ଟ ଖେଳାଳି ଭେଙ୍କଟେଶ ଆୟର ଅଷ୍ଟମ ୱିକେଟ୍ ପାଇଁ ୩ ଓଭରରେ ୪୧ ରନ୍ ଯୋଡ଼ି ଲଢୁଆ ସ୍କୋର୍ ଆଶା ଦେଇଥିଲେ। ପଟିଦାର (୪୦ ବଲ୍‌ରୁ ୬୩ ରନ୍)ଙ୍କୁ ସନ୍ଦୀପ ଶର୍ମା ଆଉଟ୍ କରିବା ପରେ ଭେଙ୍କଟେଶ କିନ୍ତୁ ଶେଷ ଓଭରରୁ ୨ ଛକା ସହ ୨୧ ରନ୍ ଆଦାୟ କରି ଲଢୁଆ ସ୍କୋର୍ ପ୍ରଦାନ କରିଥିଲେ।

ଓହରିଲେ ହସରଙ୍ଗା, ଲିଣ୍ଡେ ସାମିଲ: ଆହତ ଯୋଗୁଁ ଶ୍ରୀଲଙ୍କା ଲେଗ୍ ସ୍ପିନର୍ ୱାନିନ୍ଦୁ ହସରଙ୍ଗା ଚଳିତ ଆଇପିଏଲ୍‌ରୁ ଓହରି ଯାଇଛନ୍ତି। ଗତ ଫେବୃଆରିରେ ତାଙ୍କର ମାଂସପେଶୀ ଜନିତ ଅଘାତ ସମସ୍ୟାରେ ଦେଖାଯାଇଥିଲା। ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନଥିବାରୁ ସେ ଏହି ଲିଗ୍‌ରୁ ଓହରିବାକୁ ବାଧ୍ୟ ହୋଇଛନ୍ତି। ତାଙ୍କୁ ନିଲାମରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (ଏଲ୍‌ଏସ୍‌ଜି) ୨ କୋଟି ଟଙ୍କାରେ କିଣିଥିଲା। ଗୁରୁବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସର ଗ୍ଲୋବାଲ ନିର୍ଦ୍ଦେଶକ ଟମ୍ ମୁଡି କହିଛନ୍ତି ଯେ "ହସରଙ୍ଗା ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନଥିବାରୁ ଚଳିତ ଆଇପିଏଲ୍‌ରେ ଖେଳି ପାରିବେନି।" ହସରଙ୍ଗାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକୀୟ ଅଲ୍‌ରାଉଣ୍ଡର୍ ଜର୍ଜ ଲିଣ୍ଡେ ଲକ୍ଷ୍ନୌ ସୁପର ଜାଏଣ୍ଟସରେ ଯୋଗ ଦେବେ। ତାଙ୍କର ଏହା ପ୍ରଥମ ଆଇପିଏଲ୍ ଋତୁ ହେବ। ଲିଣ୍ଡେଙ୍କ ସହ ସହ ୧ କୋଟି ଟଙ୍କାର ଚୁକ୍ତି କରିଛି ଏଲଏସଜି।

# ପରଲୋକରେ ପୂର୍ବତନ ଭାରତୀୟ କ୍ରିକେଟର ଚିଙ୍ଗଲପୁତ ଦୋରାଇକାନୁ ଗୋପୀନାଥ

ନୂଆଦିଲ୍ଲୀ, ୧୧।୦୪: ପୂର୍ବତନ ଭାରତୀୟ କ୍ରିକେଟର ଚିଙ୍ଗଲପୁତ ଦୋରାଇକାନୁ ଗୋପୀନାଥ (ସିଡି ଗୋପୀନାଥ)ଙ୍କର ୯୬ ବର୍ଷ ବୟସରେ ପରଲୋକ ଘଟିଛି। ସେ ୧୯୫୨ରେ ଇଂଲଣ୍ଡ ବିପକ୍ଷରେ ଭାରତର ପ୍ରଥମ ଟେଷ୍ଟ ବିଜୟର ଶେଷ ଜୀବିତ ଖେଳାଳି ଥିଲେ। ଜଣେ କ୍ରିକେଟର ଭାବରେ ତାଙ୍କ କ୍ୟାରିୟର ପରେ, ସେ ଦଳକୁ ଚୟନକର୍ତ୍ତା ଏବଂ ପରିଚାଳକ ଭାବରେ ସେବା କରିଥିଲେ। ସିଡି ଗୋପୀନାଥଙ୍କ ଚେନ୍ନାଇର ଆଦୟାରରେ ତାଙ୍କ ଝିଅଙ୍କ ଘରେ ପରଲୋକ ଘଟିଛି।



ସିଡି ଗୋପୀନାଥ ୧୯୫୧-୫୨ରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ପ୍ରଥମ ଟେଷ୍ଟରେ ଏକ ଚମତ୍କାର ଡେବ୍ୟୁ କରିଥିଲେ, ୫୦ ଅପରାଜିତ ଏବଂ ୪୨ ରନ କରିଥିଲେ। ସେ ୧୯୬୦ରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ତାଙ୍କ ନଅ ବର୍ଷର କ୍ୟାରିୟରରେ, ସେ ଆଠଟି ଟେଷ୍ଟ ଖେଳି ୨୪୨ରନ କରିଥିଲେ ଏବଂ ଗୋଟିଏ ଉଇକେଟ୍ ନେଇଥିଲେ। ଏହା ସହିତ, ସେ ୮୩ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ୪୨୫୯ ରନ କରିଥିଲେ, ଯେଉଁଥିରେ ନଅଟି ଶତକ ଏବଂ ୨୩ଟି ଅର୍ଦ୍ଧଶତକ ଥିଲା। ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୪ ଟି ଉଇକେଟ୍ ମଧ୍ୟ ନେଇଥିଲେ।

# ଲକ୍ଷ୍ନୌକୁ ଜିତାଇଲେ ମୁକୁଲ-ବଦୋନୀ
## ୩ ୱିକେଟରେ ହାରିଲା କୋଲକାତା ନାଇଟ୍ ରାଇଡର୍ସ

କୋଲକାତା, ୧୧/୦୪ : ବାଜି ମାରିଲା ଲକ୍ଷ୍ନୌ ସୁପର ଜାଏଣ୍ଟସ୍ । ହାରୁଥିବା ମ୍ୟାଚ୍ ଜିତିଗଲା । କୋଲକାତା ପାଖରୁ ବିଜୟ ଛଡାଇ ଆଣିଲେ ମୁକୁଲ ଚୌଧୁରୀ ଏବଂ ଆୟୁଷ ବଦୋନୀ । ବୋଲରଙ୍କ ପରେ ବ୍ୟାଟର ଦେଖାଇଲେ ଦମ୍ । ଇଡେନ୍ ଗାର୍ଡେନରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି । ଆଇପିଏଲର ୧୫ ତମ ଲିଗ୍ ମୁକାବିଲାରେ ଏଲଏସଜି ତିନି ୱିକେଟରେ କୋଲକାତା ନାଇଟ୍ ରାଇଡର୍ସକୁ ମାତ୍ ଦେଇଛି । ଗୁରୁବାର ଐତିହାସିକ ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ଖେଳା ଯାଇଥିଲା ମୁକାବିଲା । ଆଇପିଏଲ ୨୦୨୬ର ୧୫ ତମ ମ୍ୟାଚ୍ ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଆୟୋଜକ କେକେଆର । ଦଳ ୪ ୱିକେଟ୍ ହରାଇ ୧୮୧ ରନ କରିଥିଲା। ଅଧିନାୟକ ଆଜିଙ୍କ୍ୟ ରାହାଣେ ବଡ଼ ସ୍କୋର କରି ନ ଥିଲେ ବି ୪୧ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଫର୍ମରେ ଥିବା ଅଙ୍ଗକୃଷ ରଘୁବଂଶୀ ୪୫ ରନ କରିଥିବା ବେଳେ ରୋଭମ୍ୟାନ ପାଓ୍ୱେଲ ୩୯ ରନ କରିଥିଲେ। ଏଲଏସଜି ପକ୍ଷରୁ ବୋଲିଂରେ ଦିଗବେଶ ସିଂ ରାଠି ୨୫ ରନ ଦେଇ ଗୋଟିଏ ୱିକେଟ୍ ନେଇଥିଲେ। ମହମ୍ମଦ ଶାମି ୱିକେଟ୍ ପାଇ ନ ଥିଲେ ବି ଶାଣିତ ବୋଲିଂ କରିଥିଲେ। ଫଳରେ ଲକ୍ଷ୍ନୌ ସମ୍ମୁଖରେ ୧୮୨ ରନର ବିଜୟ ଲକ୍ଷ୍ୟ ରଖିଥିଲା କେକେଆର । ତେବେ ୧୮୩ ରନର ବିଜୟ ଲକ୍ଷ୍ୟକୁ ଚେଜ୍ କରୁଥିବା ଏଲଏସଜି ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା । ମିଚେଲ୍ ମାର୍ସ ୧୫ ରନ୍ କରି ଆଉଟ୍ ହୋଇଥିବା ବେଳେ ଏଡେନ୍ ମାରକ୍ରମ୍ ୨୨ ରନ୍ କରିଥିଲେ । ସେହିପରି ଋଷଭ ପନ୍ତ ମାତ୍ର ୧୦ ରନ୍ କରିଥିଲେ । ନିକୋଲାସ ପୁରନ ମଧ୍ୟ ୧୩ ରନ୍ କରି ପ୍ୟାଭିଲିୟନ ଫେରିଥିଲେ । ତେବେ ଆୟୁଷ ବଦୋନୀ ଦମଦାର୍ ପାଳି ଖେଳିଥିଲେ । ସେ ୩୪ ବଲରୁ ୫୪ ରନ୍ କରିଥିଲେ । ବଦୋନୀ ଆଉଟ୍ ହେଲା ପରେ ଦଳର ପରାଜୟ ନିଶ୍ଚିତ ହୋଇଯାଇଥିଲା । ହେଲେ ମୁକୁଲ ଚୌଧୁରୀ ଦମଦାର ବ୍ୟାଟିଂ କରିଥିଲେ । ସେ ୨୭ ବଲରୁ ୫୪ ରନ୍ କରି ଏଲଏସଜିକୁ ଜିତାଇଥିଲେ । କୋଲକାତା ପକ୍ଷରୁ ବୈଭବ ଆରୋରା ଓ ଅଙ୍କୁଲ ରୟ ଦୁଇଟି ୱିକେଟ୍ ନେଇଥିବା ବେଳେ କାର୍ତ୍ତିକ ତ୍ୟାଗୀ, ସୁନୀଲ ନରୀନ୍ ଏବଂ କ୍ୟାମରୁନ୍ ଗ୍ରୀନ୍ ଗୋଟିଏ ଲେଖାଏଁ ଶିକାର କରିଥିଲେ ।



# ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲରେ ଭାରତକୁ କାଂସ୍ୟ



ଭୁବନେଶ୍ୱର, ୧୧/୦୪ (ଜେଏନ୍‌ଏସ୍) : ଉଜବେକିସ୍ତାନ ର. ସମରକାନ୍ଦ ୩୦ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲ ରେ ଭାରତ ଶେଷ ପ୍ରତିଯୋଗିତା ରେ କଜକିସ୍ତାନ କୁ ୨୫/୨୦ ଗୋଲ ରେ ହରାଇ କଂସ୍ୟ ପଦକ ହାସଲ କରି ଛି ଏହି ପ୍ରତିଯୋଗିତା ରେ ସ୍ୱସ୍ତିକ ଉର୍ନତ ଖେଳ ପ୍ରଦର୍ଶନ କରିଥିଲେ ଓ ଗୌରୀ ଶଙ୍କର ଖେଳ ପରିଚାଳନାରେ ଭାରତକୁ କଂସ୍ୟ ରେ ସନ୍ତୁଷ୍ଟ ହେବାକୁ ପଡିଥିଲା ଏଠାରେ ସୂଚନାଯୋଗ୍ୟ ୨୦୨୪ ରେ ଓଡିଶା ର ପ୍ରଥମ ଓ ତାରକା ଖେଳାଳି ଆର୍ଯ୍ୟନ ବ୍ରାହ୍ମନ ବି କଂସ୍ୟ ପଦକ ଜିତି ଓଡିଶା ପାଇଁ ଗୌରବ ଆଣିଥିଲେ ସ୍ୱସ୍ତିକ ଓ ଗୌରୀ ଶଙ୍କର ଙ୍କ ଏହି ସଫଳତା ପାଇଁ ଓଡିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ ସମ୍ପାଦକ ଇଂ ମନସ କୁମାର ସିଂ କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ସ୍ୱସ୍ତିକ ଓ ଗୌରୀ ଶଙ୍କର ମିଶ୍ର ଙ୍କୁ ସୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଏମିତି ଛକା ମାରିଲେ ମୁକୁଲ ଖୁସିରେ ଡେଇଁଲେ ମାଲିକ



ନୂଆଦିଲ୍ଲୀ, ୧୧।୪: ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଖେଳୁଥିବା ମୁକୁଲ ଚୌଧୁରୀ କେକେଆର ବିପକ୍ଷରେ ଏମିତି ଏକ ଛକା ମାରିଥିଲେ, ଯାହା ଅତ୍ୟନ୍ତ କଷ୍ଟକର କୃତିତ୍ୱ ବୋଲି ବିବେଚନା କରାଯାଏ। ସେ ଛକା ମାରି ଲକ୍ଷ୍ନୌ ସୁପରଜାଏଣ୍ଟସର ବିଜୟକୁ ସିଲ କରିଥିଲା। ମୁକୁଲ ଏକ କଠିନ ମ୍ୟାଚରେ ଦଳକୁ ବିଜୟୀ କରାଇଥିଲେ। ଏହା ଏକ ଛକା ଥିଲା, ଯାହାକୁ ଦେଖି ମାଲିକ ସଞ୍ଜିବ ଗୋଏଙ୍କା ମଧ୍ୟ ବହୁତ ଖୁସିରେ ନାଚିଥିଲେ। ଏହି ସମୟରେ କେକେଆର ଖେଳାଳିମାନଙ୍କ ମୁହଁରେ ନିରାଶା ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ଇଣ୍ଡିଆନ ପ୍ରିମିୟର ଲିଗରେ କେକେଆର ଏବଂ ଏଲଏସଜି ମଧ୍ୟରେ ଏକ ମ୍ୟାଚ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ଚାରି ଉଇକେଟ ହରାଇ ୧୮୧ ରନ କରିଥିଲା। ଏହା ଆଜିର ସମୟରେ ଏକ ବଡ଼ ସ୍କୋର ନୁହେଁ। କିନ୍ତୁ ଏକ ସମୟରେ ଏଲଏସଜି ନିଜକୁ ଅସୁବିଧାରେ ପକାଇଥିଲା। ୧୯ ଓଭର ଶେଷ ସୁଦ୍ଧା ଲକ୍ଷ୍ନୌ ୭ ଉଇକେଟ ହରାଇ ୧୬୮ ରନ କରିଥିଲା। ଶେଷ ୨୦ତମ ଓଭରରେ ଏଲଏସଜିକୁ ଜିତିବା ପାଇଁ ୧୪ ରନ ଆବଶ୍ୟକ ଥିଲା। ଏହା ଏକ ସହଜ କାମ ନ ଥିଲା। ମୁକୁଲ ଚୌଧୁରୀ ଏବଂ ଆଭେଶ ଖାନ କ୍ରିଜରେ ଥିଲେ। କେକେଆର ଅଧିନାୟକ ଅଜିଙ୍କେ ରାହାଣେ ତାଙ୍କ ସବୁଠାରୁ ଅଭିଜ୍ଞ ବୋଲର ବୈଭବ ଆରୋରାଙ୍କୁ ବଲ ଦେଇଥିଲେ। ଆବେଶ ଓଭରର ପ୍ରଥମ ବଲରେ କ୍ରିଜରେ ଥିଲେ। ସେ ଗୋଟିଏ ସିଙ୍ଗଲ ନେଇ ମୁକୁଲ ଚୌଧୁରୀଙ୍କୁ ଷ୍ଟ୍ରାଇକ ଦେଇଥିଲେ। ମୁକୁଲ ଓଭରର ଦ୍ୱିତୀୟ ବଲରେ ଏକ ଚମତ୍କାର ଛକା ମାରି ତାଙ୍କ ଦଳକୁ ବିଜୟର ନିକଟତର କରାଇଥିଲେ। ତା'ପରେ ପଞ୍ଚମ ବଲରେ ମୁକୁଲ ଚୌଧୁରୀ ଆଉ ଏକ ଚମତ୍କାର ଛକା ମାରିଥିଲେ। କ୍ରିକେଟ୍‌ରେ ଏପରି ଛକା ବିରଳ, କାରଣ ଏହା ଅଫ-ଷ୍ଟମ୍ପ ବାହାରେ ଏକ ବଲ ଥିଲା। ମୁକୁଲଙ୍କ ଛକା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହା ଅବିଶ୍ୱସନୀୟ ଥିଲା। ଏହି ଛକା ହିଁ ଖେଳର ବିଜୟକୁ ମୋହର ମାରିଥିଲା। ଛକା ମାରିବା ପରେ ଏଲଏସଜି ମାଲିକ ସଞ୍ଜିବ ଗୋଏଙ୍କା ମୁକୁଲଙ୍କ ପ୍ରଶଂସା କରିଥିଲେ। ମୁକୁଲ ଚୌଧୁରୀ ମାତ୍ର ୨୭ ବଲ୍‌ରେ ୫୪ ରନ୍‌ର ଏକ ଧମାକାଦାର ଇନିଂସ ଖେଳିଥିଲେ, ଏଥିରେ ଦୁଇଟି ଚୌକା ଏବଂ ୭ଟି ଛକା ଥିଲା। ଏହା ମୁକୁଲଙ୍କ ପ୍ରଭାବଶାଳୀ ବ୍ୟାଟିଂକୁ ଦର୍ଶାଏ। ଏଲଏସଜି ପାଇଁ ଆଇପିଏଲ ଇତିହାସରେ ସପ୍ତମ କିମ୍ବା ତା'ଠାରୁ ନିମ୍ନ ସ୍ଥାନରେ ବ୍ୟାଟିଂ କରୁଥିବା ଖେଳାଳିଙ୍କ ଦ୍ୱାରା ଏହା ଗୋଟିଏ ଇନିଂସରେ ସର୍ବାଧିକ ଛକା।

# ସୁଯୋଗ ପାଇଁ କୃତଜ୍ଞ

ମୁମ୍ବାଇ, ୧୧/୦୪ : ଅଭିନେତ୍ରୀ ତମନ୍ନା ଭାଟିଆ ଅଭିନୟରେ ୨୧ ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ସେ ଚଳଚ୍ଚିତ୍ର ଶିଳ୍ପରେ ଅଭିନେତ୍ରୀମାନଙ୍କୁ ମିଳୁଥିବା ସୁଯୋଗ ବିଷୟରେ ନିଜ ଭାବନା ପ୍ରକାଶ କରିଛନ୍ତି। ଆଗକୁ ତାଙ୍କର ଏକାଧିକ ଚଳଚ୍ଚିତ୍ର ଓ ଧାରାବାହିକ ଆସିବାର ଅଛି, ଯାହାକୁ ନେଇ ସେ ଖୁବ୍ ଉତ୍ସାହିତ। ସେ କହିଛନ୍ତି ଯେ ତାଙ୍କୁ ମିଳିଆସିଥିବା ସୁଯୋଗ ପାଇଁ ସେ କୃତଜ୍ଞ। କାରଣ ସବୁ ଅଭିନେତା, ବିଶେଷ କରି ଅଭିନେତ୍ରୀମାନଙ୍କୁ ଏତେ ପରିମାଣରେ କାମ ମିଳିବା ଦୁର୍ଲଭ। ତେଣୁ ଦୁଇ ଦଶନ୍ଧିରୁ ଅଧିକ କାଳ ଅଭିନୟ କରିବା ପରେ ବି ତାଙ୍କୁ ନୂଆ କରି କାମ କରିବା ଭଳି ଅନୁଭବ ହେଉଛି। ତମନ୍ନା ୨୦୦୫ ମସିହାର ହିନ୍ଦୀ ଚଳଚ୍ଚିତ୍ର 'ଚାନ୍ଦ ସା ରୋଶନ ଚେହେରା'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ସେ ତେଲୁଗୁ ଓ ତାମିଲ ଚଳଚ୍ଚିତ୍ରରେ ଅଭିନୟ କରି ଖୁବ୍ ଲୋକପ୍ରିୟ ହେଲେ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ତାଙ୍କୁ ଯେମିତି ଆଦର ସହକାରେ ଗ୍ରହଣ କରାଗଲା ତାହା ତାଙ୍କ ଅଭିନୟ କ୍ୟାରିଅର୍‌କୁ ଶକ୍ତ ଭିତ୍ତିଭୂମି ପ୍ରଦାନ କଲା।

# ଆଇପିଏଲ୍ ଖେଳିବେନି ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା

ନୂଆଦିଲ୍ଲୀ, ୧୧/୦୪ : ଆହତ ଯୋଗୁଁ ଶ୍ରୀଲଙ୍କା ଲେଗ୍ ସ୍ପିନର୍ ୱାନିନ୍ଦୁ ହସରଙ୍ଗା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍‌ରୁ) ଓହରି ଯାଇଛନ୍ତି। ଗତ ଫେବୃଆରିରେ ତାଙ୍କର ମାଂସପେଶୀ ଜନିତ ଅଘାତ ସମସ୍ୟାରେ ଦେଖାଯାଇଥିଲା। ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନଥିବାରୁ ସେ ଏହି ଲିଗ୍‌ରୁ ଓହରିବାକୁ ବାଧ ହୋଇଛନ୍ତି। ତାଙ୍କୁ ନିଲାମରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (ଏଲ୍‌ଏସ୍‌ଜି) ୨ କୋଟି ଟଙ୍କାରେ କିଣିଥିଲା। ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ବାମହାତୀ ସ୍ପିନ୍ ଅଲ୍‌ରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଏଲ୍‌ଏସ୍‌ଜି ନେବାର ସମ୍ଭାବନା ରହିଛି। ଗୁରୁବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସର ଗ୍ଲୋବାଲ ନିର୍ଦ୍ଦେଶକ ଟମ୍ ମୁଡି କହିଛନ୍ତି ଯେ 'ହସରଙ୍ଗା ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନଥିବାରୁ ଚଳିତ ଆଇପିଏଲ୍‌ରେ ଖେଳି ପାରିବେନି।

# ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ଦିବସ ପାଳିତ
## ବ୍ୟଙ୍ଗ କବି ରବୀନ୍ଦ୍ର ରାଉତଙ୍କୁ ଓଡ଼ିଆ ଗୌରବ ସମ୍ମାନ



ଭୁବନେଶ୍ୱର, ୧୧/୦୪ (ଜେଏନ୍‌ଏସ୍) : ମଧ୍ୟପ୍ରଦେଶ ଇନ୍ଦୋର ଠାରେ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ଦ୍ୱାରା 'ଚତୁର୍ଥ ଉତ୍କଳ ଦିବସ ସମାରୋହ ୨୦୨୬' ଇନ୍ଦୋର (ମହୁ) ସ୍ଥିତ ମେଡିକ୍ୟାପ୍ସ ଇନଭରସିଟି ଅଡିଟୋରିୟମ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର କୁମାର ସ୍ୱାଇଁ (ଏମ. ଡି.ରୋହନ ଇଣ୍ଟର ପ୍ରାଇଜର୍ସ, ମୁଖ୍ୟ ବକ୍ତାଭାବେ ଆନନ୍ଦ ଅଗ୍ରୱାଲ (ଏମ. ଡି. ପାପେୟା ଟ୍ରୀ ) ସମ୍ମାନିତ ଅତିଥିଭାବେ ଶ୍ରୀନିବାସ ମିଶ୍ର (ଜି.ଏମ, ବ୍ୟାଙ୍କ ଅଫ ବରୋଦା ) ସୂର୍ଯ୍ୟକାନ୍ତ କେଲକର (ଆର.ଏସ.ଏସ.ସଦସ୍ୟ ) ଏବଂ ଅନୁଷ୍ଠାନର ସଭାପତି ଡ଼କ୍ଟର ଅଶୋକ ମହାନ୍ତି, ସମ୍ପାଦକ ଇଂ. ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ଉପଦେଷ୍ଟା ଡ଼କ୍ଟର ଦିଲ୍ଲୀପ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଡ଼କ୍ଟର ଜେ. ବି. ସାହୁ, ମୁଖ୍ୟ ସହଯୋଗୀ ଇଂ. ସନ୍ତୋଷ ମହାନ୍ତି ଏବଂ ଓଡ଼ିଶାର ସୁନାମ ଧନ୍ୟ ବ୍ୟଙ୍ଗ କବି ତଥା ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନକରି ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଡ଼କ୍ଟର ଅଶୋକ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସେ କିପରି ଇନ୍ଦୋର ଜଗନ୍ନାଥ ମନ୍ଦିରକୁ ସମସ୍ତଙ୍କ ସହଯୋଗରେ ଆଜକୁ ତିରିଶି ବର୍ଷ ପୂର୍ବେ ନିର୍ମାଣ କରିଥିଲେ ।ସେମାନଙ୍କ ମଧ୍ୟରୁ ଦୁଇଜଣ ପ୍ରମୁଖ ସହଯୋଗୀ ଯଥା ସ୍ୱର୍ଗତ ହରିଶ ତ୍ରିପାଠୀ (ଅବସରପ୍ରାପ୍ତ ଆଇ.ପି. ଏସ.ଅଧିକାରୀ) ଏବଂ ସ୍ୱର୍ଗତ ବିମଳ ଚନ୍ଦ୍ର ମେହେରଙ୍କ ଅବଦାନକୁ କେବେ ଭୁଲିବାର ନୁହେଁ। ଓଡ଼ିଶା ବାହାରେ ଆମେମାନେ ଦୀର୍ଘ ବର୍ଷ ଧରି ବସ ବାସ କରୁଥିଲେ ମଧ୍ୟ ଆମେ କେବେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ନାହୁଁ ।ଓଡ଼ିଆ ଚଳଣି,ଓଡ଼ିଶାର ସମସ୍ତ ପର୍ବ ପର୍ବାଣୀକୁ ସମସ୍ତେ ମିଳିମିଶି ଧୁମ ଧାମରେ ପାଳନ କରିବା ସହିତ ଆଗାମୀ ପିଢ଼ି ଏହି ପରମ୍ପରାକୁ ବଜାୟୀ ରଖିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। 'ଆମେ ଓଡ଼ିଆ - ଭାରି ବଢ଼ିଆ' ନାରାରେ ପରିବେଶ ଉତ୍ସବ ମୁଖର ହୋଇଥିଲା। ଏହି ପର୍ବରେ ଇନ୍ଦୋର ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ରାସ ବିହାରୀ ପଣ୍ଡା ଜଗନ୍ନାଥ ମହାପ୍ରଭୁଙ୍କ ଉଦେଶ୍ୟରେ ବୈଦିକ ମନ୍ତ୍ର ପାଠ କରିଥିଲେ। ଏହି ଅବସରରେ ଓଡ଼ିଶାର ସୁନାମ ଧନ୍ୟ ବ୍ୟଙ୍ଗ କବି ତଥା ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତଙ୍କୁ ସମ୍ମାନଜନକ 'ଓଡ଼ିଆ ଗୌରବ ସମ୍ମାନ ୨୦୨୬' ରେ ସମ୍ମାନିତ କରାଯାଇଥିଲା ।ଇନ୍ଦୋରରେ ବସ ବାସ କରୁଥିବା ପ୍ରାୟ ଦେଢ଼ ହଜାରରୁ ଉର୍ଦ୍ଧ ପ୍ରବାସୀ ଓଡ଼ିଆ ଭାଇ ଭଉଣୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଓଡ଼ିଶୀ ନୃତ୍ୟ , ଦେଶାତ୍ମବୋଧକ ସଂଗୀତ, କଥକ ନୃତ୍ୟ, ଆଧୁନିକ ନୃତ୍ୟ, ନୂଆ, ପୁରୁଣା ଓଡ଼ିଆ ରୋମାଣ୍ଟିକ ଗୀତ ପରିବେଷଣରେ ଭାଗ ନେଇ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ । ବ୍ୟଙ୍ଗ କବି ତଥା ଅଭିନେତା ରବୀନ୍ଦ୍ର ରାଉତଙ୍କ ରାଜନୈତିକ ଓ ସାମାଜିକ ହାସ୍ୟ ବ୍ୟଙ୍ଗ ବାଣରେ ସମସ୍ତ ଦର୍ଶକ ହସି ହସି ବେଦମ ହୋଇଥିଲେ। କଣ୍ଠ ଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କୁ ଅନୁଷ୍ଠାନ ତରଫରୁ ସଂଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ଶ୍ରେଷ୍ଠ ଓଡ଼ିଆ ଦମ୍ପତିଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହ ପିଠା ଓ ମିଠାର ଭରପୁର ଆନନ୍ଦ ଉଠାଇଥିଲେ ସମସ୍ତେ। ନୟାଗଡ଼ ଛେନାପୋଡ଼ ଠାରୁ ବାରିପଦା ମୁଢ଼ି ପର୍ଯ୍ୟନ୍ତ ସମସ୍ତ ବ୍ୟଞ୍ଜନ ଏଥିରେ ସାମିଲ ହୋଇଥିଲା ।ଅନ୍ୟ ରାଜ୍ୟର ପ୍ରବାସୀ ଓଡ଼ିଆ ଭାଇ ଭଉଣୀ ମାନେ ଏହି ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିଥିଲେ ।ଏହି କାର୍ଯ୍ୟକ୍ରମର ପ୍ରମୁଖ ସହଯୋଗୀ ମାନେ ହେଲେ ଅଭିଜିତ ମଲ୍ଲିକ, ସୁଶାନ୍ତ କୁମାର ଦାଶ, ଦୁର୍ଗା ଶାହାଣୀ, ନିର୍ମଳ ମହାନ୍ତି, ନରେନ୍ଦ୍ର ପରିଡ଼ା, ବାଲାଜୀ ଜେନା, ସ୍ୱାତୀ ବେହେରା, ସତୀଶ ବେହେରା, ଆଶୁତୋଷ ତ୍ରିପାଠୀ,ରଞ୍ଜନ ମହାରଣା ଏବଂ ସମସ୍ତ ପ୍ରବାସୀ ଓଡ଼ିଆ ସମାଜର ସଦସ୍ୟଗଣ ଏହାସହିତ ଏହି କାର୍ଯ୍ୟକ୍ରମର ଇଭେଣ୍ଟ ପାର୍ଟନର ଥିଲେ ମ୍ୟାଚ ବକ୍ସ ଓ ମେଡିକାପ୍ସ ୟୁନିଭରସିଟି। ପରିଶେଷରେ ଅନୁଷ୍ଠାନର ସମ୍ପାଦକ ଇଂ. ଶକ୍ତି ପ୍ରସାଦ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra